Government of Odisha

# ବାର୍ଷିକ ବିବରଣୀ

## ୨୦୨୫-୨୦୨୬



### ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ



# ସୂଚୀପତ୍ର


| ପ୍ରସଙ୍ଗ | ପୃଷ୍ଠା |
|---|---|
| ଉପକ୍ରମ | ୧ |
| ମତ୍ସ୍ୟକ୍ଷେତ୍ର (ବିଭାଗ – କ) | ୫-୨୨ |
| ବିଶେଷ କାର୍ଯ୍ୟକ୍ରମ | ୫ |
| ଉପକ୍ରମ | ୮ |
| ମାଛ ଉତ୍ପାଦନ, ରପ୍ତାନୀ ଏବଂ ବିନିଯୋଗ | ୯ |
| ଆଗୁଆ ପ୍ରଜନନ କାର୍ଯ୍ୟକ୍ରମ | ୧୧ |
| ମଧୁର ଜଳ ମତ୍ସ୍ୟ କ୍ଷେତ୍ରର ବିକାଶ | ୧୨ |
| ଖାରିଜଳ ମତ୍ସ୍ୟ କ୍ଷେତ୍ରର ବିକାଶ | ୧୪ |
| ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରର ବିକାଶ | ୧୪ |
| ମତ୍ସ୍ୟ ଭିତ୍ତିଭୂମି ବିକାଶ | ୧୬ |
| ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) | ୧୭ |
| ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) | ୧୮ |
| ଓଡିଶା ମତ୍ସ୍ୟ ସମବାୟ ନିଗମ ଲିମିଟେଡ୍ (FISHFED) | ୧୮ |
| ଓଡିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ (OPDC) | ୧୯ |
| ସୂଚନା, ଶିକ୍ଷା ଓ ଯୋଗାଯୋଗ (IEC) | ୧୯-୨୦ |
| ପ୍ରାଣିସମ୍ପଦ ବିକାଶ କ୍ଷେତ୍ର (ବିଭାଗ – ଖ) | ୨୩-୪୩ |
| ବିଶେଷ କାର୍ଯ୍ୟକ୍ରମ | ୨୫ |
| ଉପକ୍ରମ | ୨୭ |
| ଦୁଗ୍ଧ ଉତ୍ପାଦନ | ୩୦ |
| ଛେଳି, ମେଣ୍ଢା ଓ ଘୁଷୁରି ପାଳନ | ୩୧ |
| କୁକୁଡା ପାଳନ | ୩୨ |
| ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା | ୩୨ |
| ଘାସ ଉତ୍ପାଦନ | ୩୩ |
| ପ୍ରାଣିସ୍ୱାସ୍ଥ୍ୟ ସେବା | ୩୪ |
| ହିମିକୃତ ଶୁକ୍ର ଭଣ୍ଡାର | ୩୫ |
| ଓଡ଼ିଶା ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ | ୩୬ |
| ପ୍ରାଣିରୋଗ ନିରୂପଣ ଓ ସର୍ବେକ୍ଷଣ | ୩୬ |
| ଭିତ୍ତିଭୂମି ସୁଦୃଢୀକରଣ | ୩୭ |
| ପ୍ରାଣିଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ (VOTI) | ୩୭ |
| ପ୍ରାଣିକଲ୍ୟାଣ କାର୍ଯ୍ୟକଳାପ | ୩୯ |
| ଓଡ଼ିଶା ପ୍ରାଣିସମ୍ପଦ ବିକାଶ ସମିତି (OLRDS) | ୩୯ |
| ଓଡ଼ିଶା ରାଜ୍ୟ କୁକ୍କୁଟ ଉତ୍ପାଦନ ସମବାୟ ବିପଣନ ଲିମିଟେଡ୍ (OPOLFED) | ୪୦ |
| ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (OMFED) | ୪୧ |
| ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (IEC) | ୪୨-୪୩ |
| ବ୍ଲକ ଏବଂ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ୨୦୨୬ (MOPSM) | ୪୪ - ୪୭ |
| ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ | ୪୮ - ୫୧ |






ଲିଙ୍ଗ ନିରୂପିତ ଶୁକ୍ର ଦ୍ୱାରା କୃତ୍ରିମ ପ୍ରଜନନ



କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଉତ୍ପାଦିତ ମାଛ



ସଫଳ ମହିଳା ଉଦ୍ୟୋଗୀ



# ଉପକ୍ରମ

ମତ୍ସ୍ୟ ଉତ୍ପାଦନ ପାଇଁ ଓଡ଼ିଶାରେ ମଧୁର ଜଳ, ଖାରି ଜଳ ଏବଂ ସାମୁଦ୍ରିକ ସମ୍ପଦ ଯଥେଷ୍ଟ ପରିମାଣରେ ମହଜୁଦ ଅଛି। ସାମୁଦ୍ରିକ ଏବଂ ମଧୁର ଜଳ ମତ୍ସ୍ୟଚାଷର ବିକାଶ ପାଇଁ ରାଜ୍ୟରେ ବ୍ୟାପକ ସୁଯୋଗ ରହିଛି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ତଥା ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ କଲ୍ୟାଣ ପାଇଁ ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରୀୟ ଯୋଜନା କାର୍ଯ୍ୟକାରୀ କରାଯାଉଛି।ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ  ଯୋଜନା, ନୀତି ଓ କାର୍ଯ୍ୟକ୍ରମ, ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶାଳୟ ମାଧ୍ୟମରେ କାର୍ଯକାରୀ କରାଯାଇଥାଏ। ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ସମ୍ପ୍ରସାରଣ ଭିତ୍ତିକ ଏବଂ ଏହା ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷର ବିକାଶକୁ ପ୍ରୋତ୍ସାହିତ କରେ । ତତସହିତ ମତ୍ସ୍ୟଜୀବୀଙ୍କ କଲ୍ୟାଣ ସାଙ୍ଗକୁ ରାଜ୍ୟରେ ମତ୍ସ୍ୟଚାଷର ସର୍ବାଙ୍ଗୀନ ବିକାଶକୁ ପ୍ରାଧାନ୍ୟ ଦେଉଛି ମତ୍ସ୍ୟ ଉତ୍ପାଦନ କ୍ଷେତ୍ର ।

ପ୍ରାଣିପାଳନ ମୁଖ୍ୟତଃ ଗ୍ରାମ୍ୟଭିତ୍ତିକ ଏବଂ ଏହା ଗ୍ରାମାଞ୍ଚଳର ଆର୍ଥିକ ବିକାଶରେ ଯଥେଷ୍ଟ ଅବଦାନ ଦେଇଥାଏ । ଓଡ଼ିଶାରେ ପ୍ରାଣିପାଳନ କ୍ଷେତ୍ର ଗ୍ରାମାଞ୍ଚଳ କୃଷକଙ୍କୁ ଜୀବିକା ପ୍ରଦାନ କରିଥାଏ ଏବଂ ରାଜ୍ୟର ୮୦ ପ୍ରତିଶତ ଗ୍ରାମୀଣ ପରିବାର କୌଣସି ନା କୌଣସି ପ୍ରଜାତିର ପ୍ରାଣିପାଳନ କରି ଅତିରିକ୍ତ ରୋଜଗାର କରିଥାନ୍ତି । ରାଜ୍ୟରେ ଦୁଗ୍ଧ, ମାଂସ ଏବଂ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣିସମ୍ପଦ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଅଛି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଓଡ଼ିଶାର ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ମାଧ୍ୟମରେ ପ୍ରାଣିରୋଗ ନିୟନ୍ତ୍ରଣ, ଟିକାକରଣ, ପ୍ରଜନନ, ପ୍ରାଣିଖାଦ୍ୟ ଓ ପରିଚାଳନା ଆଦି କାର୍ଯ୍ୟ କରୁଅଛି। ପ୍ରାଣିସ୍ୱାସ୍ଥ୍ୟ ସେବା ରାଜ୍ୟରେ ପ୍ରାଣିସମ୍ପଦ ବିକାଶର ଏକ ପ୍ରମୁଖ ଉପାଦାନ ଏବଂ ଏହା ୫୪୧ ପ୍ରାଣିଚିକିତ୍ସାଳୟ, ୩୧୪ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ ଓ ୨୯୩୯ ପ୍ରାଣିଧନ ସହାୟକ କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଉଅଛି ।




ବିଶ୍ୱ ଦୁଗ୍ଧ ଦିବସ ୨୦୨୫




ଜାତୀୟ ଦୁଗ୍ଧ ଦିବସ ୨୦୨୫



ଭୁବନେଶ୍ୱରର ପାଣ୍ଡରା ଠାରେ ସ୍ୱାସ୍ଥ୍ୟକର ପାଇକାରୀ ମାଛ ମାର୍କେଟ ଉଦ୍ଘାଟନ




ବିଶ୍ୱ ମତ୍ସ୍ୟ ଦିବସ ୨୦୨୫




ନିଯୁକ୍ତି ମେଳା ୨୦୨୫

## ବିଭାଗ - କ

# ମତ୍ସ୍ୟ କ୍ଷେତ୍ର





# ମୁଖ୍ୟାଂଶ : ୨୦୨୫-୨୬

## ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY):

୨୦୨୪–୨୫ ଆର୍ଥିକ ବର୍ଷରେ ରାଜ୍ୟ ମନ୍ତ୍ରିମଣ୍ଡଳ ଦ୍ୱାରା ଅନୁମୋଦିତ "ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY)" ଅଧୀନରେ ୫ ବର୍ଷ ପାଇଁ (୨୦୨୪–୨୫ ରୁ ୨୦୨୮–୨୯ ପର୍ଯ୍ୟନ୍ତ) ମୋଟ ୨,୨୩୯ କୋଟି ଟଙ୍କାର ବ୍ୟୟବରାଦ ନିର୍ଦ୍ଧାରିତ କରାଯାଇଛି । ଏହି ଯୋଜନାରେ ୧୭ଟି ଉପାଦାନ ଅନ୍ତର୍ଭୁକ୍ତ ଅଛି ଏବଂ ଏହା ମାଧ୍ୟମରେ ୧୪ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଲାଭାନ୍ବିତ ହେବାର ଲକ୍ଷ୍ୟ ରଖାଯାଇଛି , ଯାହା ମଧ୍ୟରେ ୭,୩୨,୫୦୦ ଜଣ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ (WSHG) ସଦସ୍ୟା ଏବଂ ପ୍ରାୟ ୬,୬୭,୫୦୦ ଜଣ ମତ୍ସ୍ୟଜୀବୀ ଅନ୍ତର୍ଭୁକ୍ତ । ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ଏହି ବୃହତ ଯୋଜନାରେ ୩୦୩.୭୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । ଏହି ଅବଧିରେ ୩୪,୨୮୦ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସମେତ ୭୮,୨୫୭ ଜଣ ଚାଷୀ ସିଧାସଳଖ ଭାବେ ଲାଭାନ୍ବିତ ହୋଇଥିବା ବେଳେ ୧ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ପରୋକ୍ଷ ଭାବେ ଉପକୃତ ହୋଇଛନ୍ତି ।




## ମାଛଧରା ନିଷେଧ ଅବଧିରେ ସମୁଦ୍ର ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟତା ପ୍ରଦାନ:

୨୦୨୫–୨୬ ଆର୍ଥିକ ବର୍ଷରେ ବିରଳ ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ୧ ନଭେମ୍ବରରୁ ୩୧ ମେ ପର୍ଯ୍ୟନ୍ତ ଲାଗୁହୋଇଥିବା ମାଛଧରା ନିଷେଧ ସମୟରେ ୧୮,୧୮୦ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର ପ୍ରଭାବିତ ହୋଇଥିଲେ ।

"ମାଛଧରା ନିଷେଧ ଅବଧିରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ଜୀବିକା ସହାୟତା" ଯୋଜନା ଅଧୀନରେ ପ୍ରତି ପ୍ରଭାବିତ ପରିବାରକୁ ୧୫,୦୦୦ ଟଙ୍କା ହାରରେ ମୋଟ ୨୭.୨୭ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ପାଞ୍ଚଟି ସମୁଦ୍ରତଟୀୟ ଜିଲ୍ଲା — ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମର ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର ଉପକୃତ ହୋଇଛନ୍ତି ।



## ISRO ଟ୍ରାନ୍ସପଣ୍ଡର୍ ସ୍ଥାପନ ଓ ମାଛଧରା ଡଙ୍ଗାର ନିରୀକ୍ଷଣ:

୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ "ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା" (pmmsy) ଅଧୀନରେ ମୋଟ ୧,୭୨୭ଟି ISRO ଟ୍ରାନ୍ସପଣ୍ଡର୍ ୧,୩୭୯ଟି ଯାନ୍ତ୍ରିକ (Mechanized) ଏବଂ ୩୪୮ଟି ମୋଟରଚାଳିତ (Motorized) ମାଛଧରା ଡଙ୍ଗାରେ ସଫଳତାର ସହ ସ୍ଥାପନ କରାଯାଇଛି । ଏହା ଦ୍ୱାରା ଦ୍ୱିମୁଖୀ ସଂଯୋଗ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିଛି ।

ସମୁଦ୍ର ଯାତ୍ରା ସମୟରେ ଏହି ଡଙ୍ଗାମାନଙ୍କ ଗତିବିଧିକୁ ଭାରତ ସରକାରଙ୍କ NABHMITRA ଆପ୍ ମାଧ୍ୟମରେ ନିରୀକ୍ଷଣ କରାଯାଇପାରୁଛି । ଏହି ପଦକ୍ଷେପ ଦ୍ୱାରା "ଦାନା" ବାତ୍ୟା ସମୟରେ ମାଛଧରା ଡଙ୍ଗାମାନଙ୍କୁ ସମୁଦ୍ରରୁ ସୁରକ୍ଷିତ ଭାବେ ବନ୍ଦରକୁ ଫେରାଇ ଅଣାଯାଇଥିଲା । ଏହା ସହିତ ଟ୍ରାନ୍ସପଣ୍ଡର୍ ସଂଯୁକ୍ତ ଡଙ୍ଗାମାନଙ୍କ ନିରୀକ୍ଷଣ, ନିୟନ୍ତ୍ରଣ ଓ ନଜରଦାରୀ ପାଇଁ ସମୁଦ୍ରତଟୀୟ ଜିଲ୍ଲାମାନଙ୍କରେ ୭ଟି ହବ୍ ଷ୍ଟେସନ୍ ସ୍ଥାପନା କରାଯାଇଛି ।




## କୌଶଲ୍ୟାଗଙ୍ଗରେ ଆଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ:



ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ କରକମଳରେ କୌଶଲ୍ୟାଗଙ୍ଗଠାରେ ଏକ ଆଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କରାଯାଇଛି । ଏହି କେନ୍ଦ୍ରରେ ମତ୍ସ୍ୟଚାଷୀ, ଉଦ୍ୟୋଗୀ ଓ ମତ୍ସ୍ୟ ବିଭାଗର କର୍ମକର୍ତ୍ତାମାନଙ୍କୁ ଆଧୁନିକ ଏବଂ ସ୍ଥାୟୀ ମାଛଚାଷ ତଥା ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀକରଣ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଉନ୍ନତ ମତ୍ସ୍ୟଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ସଚେତନତା କରାଯିବାର ଯୋଜନା କରାଯାଇଛି । ଏହି ପ୍ରକଳ୍ପ ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ୧୪୯୯.୭୨ ଲକ୍ଷ ଟଙ୍କାର ପ୍ରଶାସନିକ ଅନୁମୋଦନ ମଞ୍ଜୁର କରାଯାଇଛି ।




## ଭୁବନେଶ୍ୱର ପାଣ୍ଡରାରେ ଆଧୁନିକ ହୋଲସେଲ୍ ମାଛ ବଜାର ଓ ସମ୍ବଲପୁର ହୀରାକୁଦରେ ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କର ଶିଳାନ୍ୟାସ:

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୧୧.୧୦.୨୦୨୫ ତାରିଖରେ "ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା" (PMDDKY)ର ଶୁଭାରମ୍ଭ ଅବସରରେ ଭୁବନେଶ୍ୱର ପାଣ୍ଡରାରେ ପୂର୍ବ ଭାରତର ସବୁଠୁ ବଡ଼ ଆଧୁନିକ ମାଛ ବଜାର ଓ ସମ୍ବଲପୁର ଜିଲ୍ଲାର ହୀରାକୁଦରେ ଏକ ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କର ଶିଳାନ୍ୟାସ କରାଯାଇଛି । ଭୁବନେଶ୍ୱର ପାଣ୍ଡରାରେ ୫ ଏକର ଜମିରେ ୫୯.୧୩ କୋଟି ଟଙ୍କା ବ୍ୟୟରେ ଏହି ଆଧୁନିକ ହୋଲସେଲ୍ ମାଛ ବଜାର ଗଢ଼ିଉଠିବ । ଏଠାରେ ୪୪ ଜଣ ହୋଲସେଲର୍ ଓ ୯୯ ଜଣ ରିଟେଲରଙ୍କ ପାଇଁ ବ୍ୟବସାୟିକ ସ୍ଥାନ ବ୍ୟବସ୍ଥା ରହିବ । ଏହା ଭୁବନେଶ୍ୱର ଓ କଟକ ସହରକୁ ଉଚ୍ଚମାନର ମାଛ ଯୋଗାଣ ସୁନିଶ୍ଚିତ କରିବ । ସେହିପରି, ସମ୍ବଲପୁରର ହୀରାକୁଦରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ (IAP) ସ୍ଥାପନ କରାଯିବ, ଯାହା ରାଜ୍ୟର ମତ୍ସ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବ । ଏହି ଦୁଇଟି ପ୍ରକଳ୍ପ "ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା" (pmmsy) ଓ "ମତ୍ସ୍ୟ ଭିତ୍ତିଭୂମି ବିକାଶ ପାଣ୍ଠି" (fidf) ମାଧ୍ୟମରେ ସ୍ଥାପନା ହେବ ଓ ଏହା ଦ୍ୱାରା ୪,୦୦୦ରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

## ଓଡ଼ିଶାର ଜାତୀୟ ମାଛ

### 'ମହାନଦୀ ମାହାସୀର'ର ସୁରକ୍ଷା ପାଇଁ MOU ସ୍ୱାକ୍ଷର:

୨୧ ନଭେମ୍ବର ୨୦୨୫ ତାରିଖରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ଏବଂ ICAR-CIFA ମଧ୍ୟରେ ଓଡ଼ିଶାର ଜାତୀୟ ମାଛ 'ମହାନଦୀ ମାହାସୀର'ର ସୁରକ୍ଷା, ସଂରକ୍ଷଣ ଓ ସଂଖ୍ୟାବୃଦ୍ଧି ପାଇଁ ଏକ ବୁଝାମଣା ବା MoU ସ୍ୱାକ୍ଷର କରାଯାଇଛି । ଭୁବନେଶ୍ୱରରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ସ୍ୱାକ୍ଷରିତ ଏହି ୫ ବର୍ଷୀୟ ଚୁକ୍ତି ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫ କୋଟି ଟଙ୍କାର ବିନିଯୋଗ ମଞ୍ଜୁର କରାଯାଇଛି । ଏହି ରାଶି ମହାନଦୀ ମାହାସୀର ମାଛ ଉପରେ ଗବେଷଣା, ପ୍ରଜନନ ଏବଂ ବଂଶବୃଦ୍ଧି କାର୍ଯ୍ୟରେ ବ୍ୟୟ କରାଯିବ। ଏହି ବୁଝାମଣାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ପରିବେଶୀୟ ଚାପ ହେତୁ ହ୍ରାସ ପାଉଥିବା ମହାନଦୀ ମାହାସୀର ମାଛର ସଂଖ୍ୟାକୁ ପୁନର୍ଜୀବିତ କରିବା । ଏହା ସହିତ ଉତ୍କୃଷ୍ଟ ଗୁଣମାନର ମାଛ ଯାଆଁଳ ଉତ୍ପାଦନ, ଆବାସସ୍ଥଳୀର ସୁଧାର ଏବଂ ବୈଜ୍ଞାନିକ ଗବେଷଣା ମାଧ୍ୟମରେ ଦୀର୍ଘମିଆଦି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ।



## Fisheries Resources

### Freshwater Fisheries Sector

| Resources | Total Area (in lakh Ha) |
|---|---|
| Tanks/Ponds | 1.61 |
| Reservoirs | 2.00 |
| Lakes/ Swamps/ Bheels | 1.80 |
| Rivers/Canals | 1.71 |
| Total | 7.12 |




### Brackish water Fisheries Sector




| Resources | Total Area (in lakh Ha) |
|---|---|
| Area suitable for Aquaculture | 0.33 |
| Back Water | 0.08 |
| Chilika Lake | 0.79 |
| Estuaries | 2.98 |
| Total | 4.18 |

### Continental Shelf area

| Continental shelf area in different depth Zone | |
|---|---|
| Depth Zone (in Meter) | (in km$^2$) |
| • 0-20 | 6,820 |
| • 20-50 | 8,650 |
| • 50-100 | 4,810 |
| • 100-200 | 3,550 |
| Total | 23,830 |

Total coastline :575 KM

Continental Shelf Area : 24,000 km$^2$ (approx)



**ଦଶବର୍ଷୀୟ CAGR (କମ୍ପାଉଣ୍ଡ ଆନୁଆଲ୍ ଗ୍ରୋଥ୍ ରେଟ୍) %:**

| | |
|---|---|
| ମୋଟ ମାଛ ଉତ୍ପାଦନ | : ୯.୭୬% |
| ମଧୁର ଜଳମାଛ ଉତ୍ପାଦନ | : ୧୦.୦୪% |
| ଖାରିପାଣିରେ ମାଛ ଉତ୍ପାଦନ | : ୧୬.୯୨% |
| ସାମୁଦ୍ରିକ ମାଛ ଉତ୍ପାଦନ | : ୬.୦୩% |

# ଉପକ୍ରମ

ଓଡ଼ିଶା ରାଜ୍ୟ ବିବିଧ ଜଳ ସମ୍ପଦରେ ସମୃଦ୍ଧ । ରାଜ୍ୟରେ ୭.୧୨ ଲକ୍ଷ ହେକ୍ଟର ମଧୁରଜଳ ଅଞ୍ଚଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳ ଅଞ୍ଚଳ, ୫୭୫ କି.ମି. ସୁଦୀର୍ଘ ସମୁଦ୍ରତଟ ଏବଂ ୨୪,୦୦୦ ବର୍ଗ କି.ମି. ମହାଦ୍ୱୀପୀୟ ଶେଲ୍ଫ ଅଞ୍ଚଳ ରହିଛି । ଏହା ସହିତ ଆନ୍ତର୍ଜାତୀୟ/ଜାତୀୟ ସମ୍ପଦ ଯଥା ଭିତରକନିକା ହେନ୍ତାଳ ବନ(୬୫୦ ବର୍ଗ କି.ମି.), ଚିଲିକା ହ୍ରଦ (୧୧୬୫ ବର୍ଗ କି.ମି.) ଏବଂ ହୀରାକୁଦ ଜଳଭଣ୍ଡାର (୭୪୩ ବର୍ଗ କି.ମି.) ରାଜ୍ୟକୁ ଅଧିକ ସମୃଦ୍ଧ କରିଛି । ଏହି ବିପୁଳ ଜଳ ସମ୍ପଦକୁ ଆଧାର କରି ଓଡ଼ିଶା ମତ୍ସ୍ୟ ଉନ୍ନୟନ, ରୋଜଗାର ସୃଷ୍ଟି ଓ ବ୍ୟବସାୟ ବୃଦ୍ଧିରେ ଅଗ୍ରସର ହେଉଛି । ରାଜ୍ୟର ୯୪.୭୫% ଲୋକ ମାଛ ଖାଉଥିବାବେଳେ ଆୟ ବୃଦ୍ଧି ଓ ବଢ଼ୁଥିବା ମାଛ ଚାହିଦାକୁ ଦୃଷ୍ଟିରେ ରଖି ସରକାର ସ୍ଥାୟୀ ମତ୍ସ୍ୟ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି । ଓଡ଼ିଶା ମତ୍ସ୍ୟନୀତି ୨୦୧୫ ଏବଂ ଓଡ଼ିଶା ଜଳଭାଣ୍ଡର ନୀତି ୨୦୧୨ ମାଧ୍ୟମରେ ଜଳସମ୍ପଦର ସ୍ଥାୟୀ ଉପଯୋଗ, ସୁରକ୍ଷା ଓ ପୁଷ୍ଟି ସୁରକ୍ଷାକୁ ଲକ୍ଷ୍ୟ ରଖାଯାଇ ମତ୍ସ୍ୟଜୀବୀ ସମୁଦାୟର ଜୀବିକା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି।

ରାଜ୍ୟ ଯୋଜନା ଓ କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକ-ଯଥା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY), ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଶାନ ସମୃଦ୍ଧି ସହ ଯୋଜନା (pm-Mkssy) ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଯାହା ମତ୍ସ୍ୟ ବିକାଶକୁ ସମନ୍ୱିତ କରି ମତ୍ସ୍ୟଜୀବୀ ଓ ମାଛଚାଷୀମାନଙ୍କୁ ଲାଭାନ୍ୱିତ କରୁଛି ।

ସେହିଭଳି ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ (OMFRA) ସାମୁଦ୍ରିକ ସମ୍ପଦ ସୁରକ୍ଷା ଓ ସ୍ଥାୟୀ ମାଛଧରା ପ୍ରଚଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଇନ ଭାବେ କାର୍ଯ୍ୟକାରୀ ହେଉଛି । ଏହା ଦ୍ୱାରା ନିୟମିତ ମାଛଧରା, ସମ୍ପଦ ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କ ଜୀବିକା ସୁନିଶ୍ଚିତ କରାଯାଉଛି । ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, ରାଜ୍ୟ ଓ କେନ୍ଦ୍ର ଅଧୀନର ପ୍ରମୁଖ ଯୋଜନାମାନ — ଯଥା MMKY, PMMSY, PM-MKSSY — କାର୍ଯ୍ୟାନ୍ୱୟନ କରି ଆଭ୍ୟନ୍ତରୀଣ, ସମୁଦ୍ରତଟୀୟ ଓ ସାମୁଦ୍ରିକ ମାଛଧରା ଏବଂ ମାଛଚାଷର ସ୍ଥାୟୀ ବିକାଶ, ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସହ ମତ୍ସ୍ୟଜୀବୀଙ୍କ କଲ୍ୟାଣକୁ ସୁନିଶ୍ଚିତ କରୁଛି ।

# ମାଛ ଉତ୍ପାଦନ, ରପ୍ତାନି ଓ ବିନିଯୋଗ

ଓଡ଼ିଶା ଦେଶର ୪ର୍ଥ ସର୍ବାଧିକ ମାଛ ଉତ୍ପାଦକ ରାଜ୍ୟ । ଯାହା ମୋଟ ଜାତୀୟ ମାଛ ଉତ୍ପାଦନର ପ୍ରାୟ ୬% ଅଂଶ ଯୋଗାଇଥାଏ । ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ କର୍ଣ୍ଣାଟକ ପରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ସ୍ଥାନ ଅଧିକାର କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ମାଛ ଉତ୍ପାଦନରେ ୬.୦୮ % ବୃଦ୍ଧି ହୋଇଥିଲା, ଯାହା ଜାତୀୟ ବୃଦ୍ଧି ହାର ୪.୧% ଠାରୁ ଅଧିକ । ଗତ ୧୦ ବର୍ଷରେ ଓଡ଼ିଶାର ମାଛ ଉତ୍ପାଦନର ସଂଯୁକ୍ତ ବାର୍ଷିକ ବୃଦ୍ଧି ହାର (CAGR) ୯.୭୬% ରହିଛି, ଯାହା ଜାତୀୟ ହାର ୬.୬% କୁ ଅତିକ୍ରମ କରିଛି । ଗତ ୫ ବର୍ଷରେ ମଧୁର ଜଳ ମାଛ ଉତ୍ପାଦନରେ ୭.୬୧% CAGR ବୃଦ୍ଧି, ଖାରାପାଣି ମାଛ ଉତ୍ପାଦନରେ ୭.୭୯% CAGR ବୃଦ୍ଧି, ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ (Marine Catch)ରେ ୮.୭୫% CAGR ବୃଦ୍ଧି ଘଟିଛି । ଗତ ଦୁଇ ଦଶକରେ ଓଡ଼ିଶାର ମାଛ ଉତ୍ପାଦନ ଚାରିଗୁଣ ବୃଦ୍ଧି ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ଉତ୍ପାଦନ ୧୧.୯୨ ଲକ୍ଷ ମେଟ୍ରିକ ଟନ (LMT)କୁ ପହଞ୍ଚିଥିଲା, ଯାହା ୨୦୧୪-୧୫ ର ୪.୬୯୫ LMT ସହିତ ତୁଳନା କରିଲେ ୯.୭୬% CAGR ରେ ବୃଦ୍ଧି ଅଟେ । ଗତ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ରାଜ୍ୟର ମାଛ ଉତ୍ପାଦନ ୧୦.୫୩ ଲକ୍ଷ ମେଟ୍ରିକ ଟନ (ଆନୁମାନିକ) ପହଞ୍ଚିଛି । ଏହି ବୃଦ୍ଧି ରାଜ୍ୟର ଆର୍ଥିକ ଉନ୍ନତି, ରୋଜଗାର ସୃଷ୍ଟି ଓ ଖାଦ୍ୟ ସୁରକ୍ଷାରେ ମତ୍ସ୍ୟ ଖାତିର ଭୂମିକାକୁ ସୁଦୃଢ଼ କରୁଛି।

**CAGR OF FISH PRODUCTION IN LAST 10 YEARS IS 10.07%**




ଓଡ଼ିଶାର ମଧୁର ଜଳ ମତ୍ସ୍ୟ କ୍ଷେତ୍ର ଗତ ୧୦ ବର୍ଷରେ ୧୦.୦୪% ସଂଯୁକ୍ତ ବାର୍ଷିକ ବୃଦ୍ଧି ହାର (CAGR) ସହ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଛି। ୨୦୧୪-୧୫ରେ ଉତ୍ପାଦନ ୩.୦୦୯ ଲକ୍ଷ ମେଟ୍ରିକ ଟନରୁ ବଢ଼ି ୨୦୨୪-୨୫ରେ ପ୍ରାୟ ୭.୮୩ ଲକ୍ଷ ମେଟ୍ରିକ ଟନର ପହଞ୍ଚିଛି, ଯାହାକି ତିନିଗୁଣ ବୃଦ୍ଧିକୁ ସୂଚିତ କରୁଛି । ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ରାଜ୍ୟର ମଧୁର ଜଳ ମାଛ ଉତ୍ପାଦନ ୭.୫୩ ଲକ୍ଷ ମେଟ୍ରିକ ଟନ (ଆନୁମାନିକ) ରହିଛି । ୨୦୦୧ ମସିହାରେ ୧.୮୫ ମେଟ୍ରିକ ଟନ/ହେକ୍ଟର/ବର୍ଷରୁ ବଢ଼ି ୨୦୨୪-୨୫ରେ ୪.୫୪ ମେଟ୍ରିକ ଟନ/ହେକ୍ଟର/ବର୍ଷକୁ ପହଞ୍ଚିଛି । ପୋଷଣୀୟ ଚାଷ ପ୍ରଣାଳୀ, ବିବିଧୀକରଣ, ସରକାରୀ ସହାୟତାମୂଳକ ନୀତି ଏବଂ ମତ୍ସ୍ୟଚାଷ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଏହି ବୃଦ୍ଧିର ପ୍ରମୁଖ କାରଣ ଯାହାକି ମତ୍ସ୍ୟଚାଷୀଙ୍କୁ ଉପକୃତ କରିବା ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରୁଛି ଓ ଓଡ଼ିଶାକୁ ମଧୁର ମାଛ ଉତ୍ପାଦନରେ ଏକ ଉଲ୍ଲେଖନୀୟ ସ୍ଥାନ ପ୍ରଦାନ କରିଛି ।

ଓଡ଼ିଶାର ଖାରି ପାଣି ମତ୍ସ୍ୟକ୍ଷେତ୍ରରେ ଗତ ଦଶକରେ ବିପୁଳ ବିକାଶ ଘଟିଛି । ଉତ୍ପାଦନ ୨୦୧୪-୧୫ରେ ୩୫,୩୩୭ ମେଟ୍ରିକ ଟନ ଥିବାବେଳେ ୨୦୨୪-୨୫ରେ ୧,୬୮,୯୦୯ ମେଟ୍ରିକ ଟନରେ ପହଞ୍ଚିଛି — ଅର୍ଥାତ୍ ପାଞ୍ଚଗୁଣ ବୃଦ୍ଧି, ଯାହାର CAGR ୧୬.୯୨% ଅଟେ । ୨୦୨୪-୨୫ରେ ଉତ୍ପାଦକତା ୫.୪୫ ମେଟ୍ରିକ ଟନ/ହେକ୍ଟର/ବର୍ଷକୁ ପହଞ୍ଚିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖାରିପାଣି ମାଛ ଉତ୍ପାଦନ ୧.୩୫ ଲକ୍ଷ ମେଟ୍ରିକ ଟନ (ଆନୁମାନିକ) ରହିଛି । ସରକାରୀ ଯୋଜନା ଓ ଅନୁଦାନ ମାଧ୍ୟମରେ ଚାଷୀମାନେ ଉନ୍ନତ ପ୍ରଯୁକ୍ତି ଓ ଜ୍ଞାନକୌଶଳ ଆପଣାଇଥିବାରୁ ଉତ୍ପାଦକତା ବୃଦ୍ଧି ପାଇଛି । ରୋଗମୁକ୍ତ ଚିଙ୍ଗୁଡ଼ି ହାଚେରି ସ୍ଥାପନ, ରୋଗ ପରିଚାଳନା ବ୍ୟବସ୍ଥା, ଆଧାରଭୂତ ଢାଞ୍ଚା ବିକାଶ, ବଜାର ସଂଯୋଗ ଏବଂ ଚାଷୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏହି ବୃଦ୍ଧିରେ ମୁଖ୍ୟ ଭୂମିକା ନିଭାଇଛି।



ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ର ସ୍ଥାୟୀ ବୃଦ୍ଧି ହାସଲ କରିଛି । ୨୦୧୪-୧୫ରେ ୧.୩୩ ଲକ୍ଷ ମେଟ୍ରିକ ଟନ (LMT) ଥିବା ଉତ୍ପାଦନ ୨୦୨୪-୨୫ରେ ୨.୩୯ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି, ଯାହାର ସଂଯୁକ୍ତ ବାର୍ଷିକ ବୃଦ୍ଧି ହାର (CAGR)୬.୦୪% ଅଟେ । ଜାନୁଆରୀ ୨୦୨୬ ସୁଦ୍ଧା ରାଜ୍ୟରେ ୧.୬୪ ଲକ୍ଷ ମେଟ୍ରିକ ଟନ ଉତ୍ପାଦିତ ହୋଇଛି। ତଥାପି, ଗଭୀର ସାମୁଦ୍ରିକ ସମ୍ପଦର ବିପୁଳ ସମ୍ଭାବନା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉପଯୋଗ ହୋଇନାହିଁ। ପ୍ରକାଶ ଯୋଗ୍ୟଯେ ଫିସରି ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ସର୍ବାଧିକ ପୋଷଣୀୟ ଉତ୍ପାଦନ ୨.୯୩ ଲକ୍ଷ ମେଟ୍ରିକ ଟନ ଧରାଯାଇଛି । ଏହି ସମ୍ଭାବନାକୁ ସାକାର କରିବା ପାଇଁ ରାଜ୍ୟରେ ବିଭିନ୍ନ କୌଶଳମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।





ସେଗୁଡ଼ିକ ମଧ୍ୟରେ ଗଭୀର ସମୁଦ୍ରକୁ ମାଛଧରା ଜାହାଜର ପ୍ରବେଶ, ମାଛଧରା ଡଙ୍ଗାମାନଙ୍କର ଉନ୍ନତିକରଣ, ଆଧୁନିକ ମାଛଧରା ପାଇଁ ଆଧାରଭୂତ ଢାଞ୍ଚା ବିକାଶ ଏବଂ ଆଧୁନିକ ପ୍ରଯୁକ୍ତିର ଉପଯୋଗ ଅନ୍ତର୍ଭୁକ୍ତ। ନିୟମିତ ମାଛଧରା ପ୍ରଣାଳୀ ଏବଂ ସଂରକ୍ଷଣମୂଳକ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ପୋଷଣୀୟ ଉତ୍ପାଦନ (Sustainable Harvesting) ସୁନିଶ୍ଚିତ କରାଯାଇଛି, ଯାହା ଏହି କ୍ଷେତ୍ରର ବୃଦ୍ଧିକୁ ଅଗ୍ରସର କରିବା ସହିତ ରାଜ୍ୟର ଅର୍ଥନୀତିକୁ ମଧ୍ୟ ଶକ୍ତିଶାଳୀ କରୁଛି । ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ପରିଚାଳନାକୁ ଦୃଢ଼ ପଦକ୍ଷେପମାନଙ୍କ ମାଧ୍ୟମରେ ସୁଦୃଢ଼ କରୁଛି । ସମୁଦ୍ରତଟ ସୁରକ୍ଷା ବୃଦ୍ଧି ଏବଂ ଅବୈଧ, ଅନୁବନ୍ଧିତ ଓ ଅନିୟନ୍ତ୍ରିତ (IUUC) ମାଛଧରାକୁ ରୋକିବା ପାଇଁ ପଞ୍ଜୀକୃତ ଇଞ୍ଜିନ ଚାଳିତ ଡଙ୍ଗାରେ ୨୦୮୩ ଟ୍ରାନ୍ସପଣ୍ଡରସ୍ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି ।

ଓଡ଼ିଶାର ସମୁଦ୍ରତଟୀୟ ଜୈବବିବିଧତା ଜଳବାୟୁ ପରିବର୍ତ୍ତନ, ବାତ୍ୟା ପରି ପ୍ରାକୃତିକ ବିପଦ, ମାନବସୃଷ୍ଟ କାରଣ, ପ୍ରଦୂଷଣ, ଅତ୍ୟଧିକ ମାଛଧରା ଚାପ ଏବଂ ପାଣିର ଭୌତିକ-ରାସାୟନିକ ପାରାମିଟରର ପରିବର୍ତ୍ତନ ଯୋଗୁଁ ଚାପରେ ଅଛି । ଏହି ମାନବସୃଷ୍ଟ ଓ ଭୂ-ଆକୃତିଗତ ପରିବର୍ତ୍ତନଗୁଡ଼ିକ ସମୁଦ୍ରୀୟ ପରିବେଶ ବ୍ୟବସ୍ଥାର ସ୍ୱାସ୍ଥ୍ୟକୁ ପ୍ରଭାବିତ କରି ମାଛମାନଙ୍କର ଉପଯୁକ୍ତ ପ୍ରଜନନ ଓ ପାଳନ ଆବାସସ୍ଥଳୀକୁ କ୍ଷୟ କରୁଛି।

ଏହି ପରିପ୍ରେକ୍ଷୀରେ, ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) ଅଧୀନରେ ଓଡ଼ିଶା ସମୁଦ୍ରତଟରେ ୯୩ଟି ସ୍ଥାନରେ ମୋଟ ୧୮,୬୦୦ଟି କୃତ୍ରିମ ପାହାଡ଼ି (Artificial Reefs) ସ୍ଥାପନ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି, ଯାହାର ଉଦ୍ଦେଶ୍ୟ ସାମୁଦ୍ରିକ ପରିବେଶ ପୁନରୁଦ୍ଧାର କରିବା ।





Artificial Reef

ଏହି କୃତ୍ରିମ ପାହାଡ଼ଗୁଡ଼ିକ ସ୍ଥାନୀୟ ମାଛ ସଂଖ୍ୟା ବୃଦ୍ଧି, ସ୍ଥାୟୀ ମାଛଧରା ପ୍ରଚଳନକୁ ପ୍ରୋତ୍ସାହନ ଏବଂ ମତ୍ସ୍ୟଜୀବୀଙ୍କ ଜୀବିକା ସୁଦୃଢ଼ କରିବାରେ ସହାୟକ ହେବ। ୯୩ଟି ସ୍ଥାନରୁ ୭୩ଟି ସ୍ଥାନରେ ଏପର୍ଯ୍ୟନ୍ତ ୧୪,୬୦୦ଟି କୃତ୍ରିମ ପାହାଡ଼ି ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଛି।



## ସାମୁଦ୍ରିକ ଖାଦ୍ୟ ରପ୍ତାନି:

ଓଡ଼ିଶାରେ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଗତ ଦଶକରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ୨୦୧୪–୧୫ରେ ₹୧୯୬୪ କୋଟି ଥିବା ରପ୍ତାନି ମୂଲ୍ୟ ୨୦୨୪–୨୫ରେ ₹୪୭୦୮.୧୩ କୋଟିକୁ ବୃଦ୍ଧି ପାଇଛି । ଯାହା ୯.୧% ସଂଯୁକ୍ତ ବାର୍ଷିକ ବୃଦ୍ଧି ହାର (CAGR) ସୂଚିତ କରେ। ରପ୍ତାନି ପରିମାଣ ୩୨,୪୬୮ ମେଟ୍ରିକ ଟନରୁ ବଢ଼ି ୯୧,୯୩୦ ମେଟ୍ରିକ ଟନକୁ ପହଞ୍ଚିଛି, ଯାହାର CAGR ୧୦.୨୧% ଅଟେ । ଏହି ବୃଦ୍ଧିର ପ୍ରମୁଖ କାରଣ ହେଉଛି PACIFIC WHITE SHRIMP (ଭେନାମାଇ)ର ଚାଷ ଏବଂ ମୂଲ୍ୟ ସଂଯୋଜିତ ସମୁଦ୍ର ଖାଦ୍ୟ ଉତ୍ପାଦନର ବୃଦ୍ଧି। ବିଭିନ୍ନ ଆନ୍ତର୍ଜାତୀୟ ବଜାର — ଯଥା ଯୁକ୍ତରାଷ୍ଟ୍ର ଆମେରିକା , ୟୁରୋପିୟ ରାଷ୍ଟ୍ର , ଜାପାନ, ଚୀନ ଓ ମଧ୍ୟ ପୂର୍ବ ଦେଶମାନଙ୍କୁ ରପ୍ତାନି ବିସ୍ତାର ହେବା ଫଳରେ ପ୍ରତି କିଲୋଗ୍ରାମର ରପ୍ତାନି ଏକକ ମୂଲ୍ୟ ୬.୧୬ ଆମେରିକୀୟ ଡଲାରକୁ ବଢ଼ିଛି । ଏହି ସଫଳତା ଓଡ଼ିଶାକୁ ଦେଶର ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ରରେ ଏକ ଦୃଢ଼ ଓ ପ୍ରତିଷ୍ଠିତ ରାଜ୍ୟ ଭାବେ ସ୍ଥାପିତ କରିଛି ।

## ମାଛ ଖାଉଥିବା ଜନସଂଖ୍ୟା

ଓଡ଼ିଶାରେ ମାଛ ପ୍ରତି ଭଲପାଇବା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ । ଏହା ରାଜ୍ୟର ଖାଦ୍ୟ ସଂସ୍କୃତିର ଅଂଶ ଓ ଦୈନିକ ଜୀବନର ଅବିଭାଜ୍ୟ ଅଂଶ । ଶତକଡା ୯୪.୭୫ ଓଡ଼ିଶାବାସୀ ମାଛ ଖାଆନ୍ତି (ସୂତ୍ର: National Family Health Survey – NFHS-5, 2019–21) ୨୦୧୪–୧୫ରେ ବ୍ୟକ୍ତି ପିଛା ବାର୍ଷିକ ମାଛ ବ୍ୟବହାର ୧୧.୦୬ କି.ଗ୍ରା ଥିବାବେଳେ ୨୦୨୪–୨୫ରେ ଏହା ୧୯.୧୬ କି.ଗ୍ରା କୁ ବୃଦ୍ଧି ପାଇଛି । ଏହାର CAGR (Compound Annual Growth Rate) ୫.୬୫%, ଯାହା ମାଛ ପ୍ରତି ବୃଦ୍ଧିଶୀଳ ଚାହିଦାକୁ ପ୍ରତିଫଳିତ କରେ । Indian Council of Medical Research (ICMR) ଅନୁସାରେ ମାନବ ଦେହ ପାଇଁ ପ୍ରତି ବ୍ୟକ୍ତି ପ୍ରତିବର୍ଷ ୧୨ କି.ଗ୍ରା ମାଛ ଆବଶ୍ୟକ।



### ଓଡ଼ିଶାରେ ମାଛ ବ୍ୟବହାର



- ଓଡ଼ିଶାରେ ୯୪.୭୫% ଲୋକ ମାଛ ଖାଇଥାନ୍ତି । (ଉତ୍ସ- ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ -୫)
- ୨୦୨୪-୨୫ ରେ ବ୍ୟକ୍ତି ପିଛା ବାର୍ଷିକ ମାଛ ଖାଦ୍ୟ ରୂପେ ବ୍ୟବହାର ୧୯.୧୬ କିଗ୍ରା ।

## ମଧୁର ଜଳରେ ମାଛ ଯାଆଁଳ ଉତ୍ପାଦନ



ଓଡ଼ିଶାରେ ମାଛ ଯାଆଁଳ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହା ୨୪ଟି ସରକାରୀ ବ୍ରିଡିଂ ଫାର୍ମ, ୭୬ଟି ସରକାରୀ ରିୟାରିଂ ଫାର୍ମ ଏବଂ ୧୫୮ଟି ବେସରକାରୀ ମାଛ ହ୍ୟାଚେରୀର ଏକ ସୁଦୃଢ଼ ନେଟୱର୍କିଂ ଦ୍ୱାରା ପ୍ରତିଷ୍ଠିତ ହୋଇଛି । ୨୦୨୫–୨୬ ମସିହାରେ ମୋଟ ୧୮୩୫.୪୦ କୋଟି ଗୁଣ୍ଡ ଯାଆଁଳ ଉତ୍ପାଦନ କରାଯାଇଛି (ସରକାରୀ ହ୍ୟାଚେରୀ ୨୩୮.୪୯ କୋଟି + ବେସରକାରୀ ହ୍ୟାଚେରୀ ୧୫୯୬.୮୯ କୋଟି)। ଏହାର ପରିଣାମରେ ଫ୍ରାଏ ଉତ୍ପାଦନ ୨୦୧୪–୧୫ ମସିହାର ୭୧ କୋଟିରୁ ବଢ଼ି ୨୦୨୫–୨୬ ମସିହାରେ ୩୯୬.୦୨ କୋଟିକୁ ପହଞ୍ଚିଛି, ଯାହା ବୃଦ୍ଧିଶୀଳ ଚାହିଦା, ଆଧୁନିକୀକୃତ ହ୍ୟାଚେରୀ ଏବଂ ଉତ୍ତମ ଗୁଣସ୍ତରୀୟ ବ୍ରୁଡ୍‌ଷ୍ଟକ୍ ପରିଚାଳନା ଦ୍ୱାରା ସମ୍ଭବ ହୋଇପାରିଛି । ଏହି କ୍ଷେତ୍ରର ଉନ୍ନତି ଓ ସମ୍ଭାବନା ଓଡ଼ିଶାକୁ ଏକ ଅଗ୍ରଣୀ ମାଛ ଯାଆଁଳ ଉତ୍ପାଦକ ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିଛି ।

## ଆଗୁଆ ପ୍ରଜନନ କାର୍ଯ୍ୟକ୍ରମ

### ୧. ମାଛ ଯାଆଁଳ ହ୍ୟାଚେରୀ ପାଇଁ ଇନପୁଟ୍ ସହାୟତା

ଆଗୁଆ ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଚାଷୀମାନଙ୍କୁ ଇଣ୍ଡିଆନ ମେଜର୍ କାର୍ପସ୍–IMC ମାଛର ଚାଷୀ ଓ ମତ୍ସ୍ୟଜୀବୀଙ୍କୁ ସମୟୋଚିତ ଭାବରେ ଅଙ୍ଗୁଳିକା ଯାଆଁଳ (Fingerlings) ଯୋଗାଣ ଓଡ଼ିଶା ସୁନିଶ୍ଚିତ କରିପାରିଛି । ୨୦୨୦ ମସିହାରେ ଆରମ୍ଭ ହୋଇଥିବା ପ୍ରଯୁକ୍ତିମୂଳକ ହସ୍ତକ୍ଷେପର ସଫଳତାକୁ ଆଧାର କରି ରାଜ୍ୟ ଏହି କାର୍ଯ୍ୟକ୍ରମକୁ ୮ଟି ସରକାରୀ ଫାର୍ମ ରେ ସଫଳତାର ସହ ସମ୍ପନ୍ନ କରିଛନ୍ତି ଯେଉଁଥିରେ ୫ଟି ମେଗା ହାଚେରି — କୌଶଲ୍ୟାଗଙ୍ଗ, ଚିପିଲିମା, ଭଞ୍ଜନଗର, ଦିଘିରାହଣିଆ ଓ ସରମଙ୍ଗା ସହିତ କାଠପାଲ, ଡିଗଦାନ ଏବଂ ସୋନେପୁର (ମୟୂରଭଞ୍ଜ), କେନ୍ଦୁଝର ଓ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଭୁକ୍ତ ଅଛି । ଏହି କୌଶଳମୂଳକ ପଦକ୍ଷେପର ଫଳସ୍ୱରୂପ ୨୦୨୫–୨୬ ମସିହାର ଗ୍ରୀଷ୍ମ ଋତୁ (ଏପ୍ରିଲ–ଜୁନ) ସମୟରେ ୧୩୮.୬୪ କୋଟି IMC ସ୍ପନ୍ (Spawn) ବା ଗୁଣ୍ଡ ଯାଆଁଳ ଉତ୍ପାଦନ ହୋଇପାରିଛି । ଏହି ସଫଳତାରେ ପ୍ରେରିତ ହୋଇ ରାଜ୍ୟର ୫୬ଟି ବେସରକାରୀ ହାଚେରି ମଧ୍ୟ ଆଗୁଆ-ପ୍ରଜନନ ପ୍ରକ୍ରିୟା ଆପଣାଇଛନ୍ତି, ଯାହା ଫଳରେ ସେହି ସମୟସୀମାରେ ଅତିରିକ୍ତ ୭୨୭.୮୬ କୋଟି ସ୍ପନ୍ ଉତ୍ପାଦନ ହୋଇଛି । ଏହା ଫଳରେ ମୋଟ ୮୬୬.୫୦ କୋଟି ସ୍ପନ୍ ବର୍ଷା ଋତୁ ପୂର୍ବରୁ ଉତ୍ପାଦନ ହୋଇଛି ।

### ୨. ଯାଆଁଳ ଉତ୍ପାଦନକାରୀଙ୍କ (Network of Seed Growers) ପାଇଁ ଇନପୁଟ୍ ସହାୟତା

ବିଭାଗର କୌଶଳମୂଳକ ପଦକ୍ଷେପମାନ ଓଡ଼ିଶାର ମତ୍ସ୍ୟଚାଷ କ୍ଷେତ୍ରକୁ ବିକଶିତ କରିଛି, ଯାହା ଫଳରେ ବର୍ଷ ସାରା ଉଚ୍ଚ ଗୁଣମାନସମ୍ପନ୍ନ ମାଛ ଯାଆଁଳ ଉପଲବ୍ଧତା ସୁନିଶ୍ଚିତ ହୋଇପାରିଛି। ଜିଲ୍ଲାମାନଙ୍କରେ ବିକଶିତ ହୋଇଥିବା ଯାଆଁଳ ଉତ୍ପାଦକମାନଙ୍କ ଏକ ସୁଦୃଢ଼ ନେଟୱର୍କିଂ ମାଧ୍ୟମରେ ଚାଷୀମାନେ ନିଜ ପୋଖରୀ ପାଖରେ ଆବଶ୍ୟକତା ଅନୁଯାୟୀ ଓ ଠିକ ସମୟରେ ଉନ୍ନତ ମାଛ ଯାଆଁଳ ସହଜରେ ପାଇପାରୁଛନ୍ତି । ମାଛ ଯାଆଁଳ ଉତ୍ପାଦକମାନଙ୍କୁ ପ୍ରୋତ୍ସାହନ କରୁଥିବା ଏହି ନୂତନ ଯୋଜନା ଉନ୍ନତ ଅଙ୍ଗୁଳିକା ଯାଆଁଳ ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହନ ଦେଉଛି । ଏହା ମତ୍ସ୍ୟ ଚାଷୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG), ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି (PFCS) ଓ ଉଦ୍ୟୋଗିମାନଙ୍କୁ ଲାଭାନ୍ୱିତ କରୁଛି । ୨୦୨୫–୨୬ ଆର୍ଥିକ ବର୍ଷରେ ବିଭାଗ ୪୪୫୪.୪୨ ଏକର ପୋଖରୀରେ ଯାଆଁଳ ଉତ୍ପାଦନ ପାଇଁ ୩୯୦୦ ଜଣ ଯାଆଁଳ ଉତ୍ପାଦନକାରୀଙ୍କୁ ପ୍ରୋତ୍ସାହନ କରିଛି, ଯାହା ଫଳରେ ୯୯.୩୪ କୋଟି ଗୁଣ୍ଡ ଯାଆଁଳ (Fry) ଉତ୍ପାଦନ ସମ୍ଭବ ହୋଇପାରିଛି । ଏହି ଯୋଜନାରେ ସାଧାରଣ ବର୍ଗର ଚାଷୀମାନଙ୍କୁ ୪୦% ଏବଂ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଦିବ୍ୟାଙ୍ଗ /ଟ୍ରାନ୍ସଜେଣ୍ଡର/ ମହିଳାମାନଙ୍କୁ ୬୦% ଅନୁଦାନ ପ୍ରଦାନ କରୁଛି । ଏହି ପଦକ୍ଷେପ ପଛୁଆ ବର୍ଗମାନଙ୍କୁ ସଶକ୍ତ କରି ମତ୍ସ୍ୟ କ୍ଷେତ୍ରରେ ସମାନ ବିକାଶ ଓ ସୁଯୋଗ ସୃଷ୍ଟି କରୁଛି।



## ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ନୀତି ନିର୍ଦ୍ଧାରଣ

ଓଡ଼ିଶାରେ ମତ୍ସ୍ୟଚାଷ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ ସମନ୍ୱୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି, ଯେଉଁଥିରେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା (DFI), କ୍ଷେତପୋଖରୀରେ (FARM POND) ମାଛ ଚାଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଫାର୍ମ ପୋଖରୀ+, ସମନ୍ୱିତ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ସମନ୍ୱିତ କୃଷି ପ୍ରଣାଳୀ (IFS), ଗ୍ରାମୀଣ ଜଳକୃଷି ବିକାଶ ଏବଂ ଜୀବିକା ସହାୟତା ଉପରେ ଧ୍ୟାନ ଦେବା ପାଇଁ ବର୍ଷା ଆଧାରିତ କ୍ଷେତ୍ର ବିକାଶ (RAD), ଆଭ୍ୟନ୍ତରୀଣ ମତ୍ସ୍ୟଚାଷ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ଆଭ୍ୟନ୍ତରୀଣ ମତ୍ସ୍ୟଚାଷ ପ୍ରୋତ୍ସାହନ ଯୋଜନା (SPPIF), ଏବଂ ଜଳବାୟୁ-ସ୍ମାର୍ଟ ଜଳକୃଷି ଅଭ୍ୟାସକୁ ସମର୍ଥନ କରିବା ପାଇଁ ଓଡ଼ିଶା ସମନ୍ୱିତ ଜଳବାୟୁ ସ୍ଥିର କୃଷି ପ୍ରକଳ୍ପ (OIIPCRA) ଏଥିରେ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପଗୁଡ଼ିକ, ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ (WSHG) କୁ GP ଟ୍ୟାଙ୍କଗୁଡ଼ିକର ଦୀର୍ଘକାଳୀନ ଲିଜ୍ ସହିତ, ଓଡ଼ିଶାରେ ମାଛ ଉତ୍ପାଦନକୁ ପ୍ରୋତ୍ସାହିତ କରିବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗ୍ରାମୀଣ ଜୀବିକାକୁ ସମର୍ଥନ କରିବା, ସ୍ଥାୟୀ ଜଳକୃଷି ବିକାଶ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି।

## ମଧୁର ଜଳ ମତ୍ସ୍ୟ କ୍ଷେତ୍ରର ବିକାଶ

### ୧. ମତ୍ସ୍ୟଚାଷ ମାଧ୍ୟମରେ ମହିଳା ସଶକ୍ତିକରଣ

#### ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଇନପୁଟ୍ ସହାୟତା

ଓଡ଼ିଶାରେ ୬୮,୦୦୦ ହେକ୍ଟର ପରିମିତ ୭୮,୦୦୦ରୁ ଅଧିକ ଗ୍ରାମପଞ୍ଚାୟତ ପୋଖରୀ ରହିଛି । ଏହି ବିପୁଳ ଜଳ ସମ୍ପଦ ପୂର୍ବରୁ ସମ୍ପୂର୍ଣ୍ଣ ଉପଯୋଗ ହେଉନଥିଲା । ପ୍ରାୟ ୭ ଲକ୍ଷ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ଓ ୬୦ ଲକ୍ଷରୁ ଅଧିକ ସଦସ୍ୟାଙ୍କ ସହଭାଗିତାରେ ଏହି ସମ୍ଭାବନାକୁ କାର୍ଯ୍ୟକ୍ଷମ କରାଯାଇଛି । ଏହି ଉପ-ଯୋଜନା ମିଶନ ଶକ୍ତି ବିଭାଗ ଏବଂ ପଞ୍ଚାୟତିରାଜ ଓ ଜଳ ଯୋଗାଣ ବିଭାଗ ସହ ସକ୍ରିୟ ସମନ୍ୱୟରେ କାର୍ଯ୍ୟକାରୀ ହେଉଛି । ୧ ହେକ୍ଟର ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ ପାଇଁ ପ୍ରକଳ୍ପ ମୂଲ୍ୟ ୪ ଲକ୍ଷ ଟଙ୍କା ରହିଛି, ଯେଉଁଥିରେ ୧ମ ବର୍ଷ ୬୦%, ୨ୟ ବର୍ଷ ୫୦% ଏବଂ ୩ୟ ବର୍ଷ ୪୦% ଅନୁଦାନ ପ୍ରଦାନ କରାଯାଉଛି । ୨୦୨୫-୨୬ ମସିହାରେ ୩୪୦୭ଟି ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ (ପ୍ରାୟ ୩୪,୨୮୦ ସଦସ୍ୟା) ୩୭୭୩.୧୧ ହେକ୍ଟର ଗ୍ରାମପଞ୍ଚାୟତ ପୋଖରୀରେ ମାଛଚାଷ କରିଛନ୍ତି । ଏହା ଗ୍ରାମୀଣ ଜୀବିକା, ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ବୃଦ୍ଧି ସହିତ ରାଜ୍ୟର ମାଛ ଉତ୍ପାଦନକୁ ମଧ୍ୟ ଉନ୍ନତ କରିଛି।



### ୨. ମତ୍ସ୍ୟ ପୋଖରୀ ଯୋଜନା (MPY)



ମତ୍ସ୍ୟ ପୋଖରୀ ଯୋଜନା ରାଜ୍ୟରେ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ଚାଷୀଙ୍କ ଆୟ ଦୁଇଗୁଣା କରିବାର ଏକ ପ୍ରମୁଖ ଉଦ୍ୟମ । ବ୍ୟକ୍ତିଗତ ଜମିରେ ନୂତନ ପୋଖରୀ ସୃଷ୍ଟି କରି ଶିକ୍ଷିତ ଯୁବ ଗୋଷ୍ଠୀ ଓ ଚାଷୀଙ୍କ ମଧ୍ୟରେ ଉଦ୍ୟୋଗିକରଣ ମନୋଭାବ ସୃଷ୍ଟି ନିମନ୍ତେ ଏହା ଏକ ପ୍ରକୃଷ୍ଟ ଯୋଜନା । ଗତ ୩ ବର୍ଷରେ ୪୧୪୯.୫୧ ହେକ୍ଟର ନୂତନ ମଧୁର ଜଳ ପୋଖରୀ ବିକଶିତ ହୋଇଛି, ଯେଉଁଥିରୁ ୮୮୧.୯୮ ହେକ୍ଟର ୨୦୨୪-୨୫ରେ ଯୋଡ଼ାଯାଇଛି। ୧୩୪୪.୬୭ ହେକ୍ଟର ପୁରୁଣା ପୋଖରୀରେ ମାଛ ଚାଷ ପାଇଁ ଇନପୁଟ୍ ସହାୟତା ଦିଆଯାଇଛି । ସେହିପରି ଜାନୁଆରୀ ୨୦୨୬ ଯାଏଁ ୫୩୪.୪୮ ହେକ୍ଟର ନୂଆ ପୋଖରୀ ଖନନ ଓ ୯୮୬.୨୭ ପୁରୁଣା ପୋଖରୀକୁ ମତ୍ସ୍ୟଚାଷ ପାଇଁ ସହାୟତା ପ୍ରଦାନ କରାଯାଇଛି । ଏହି ଯୋଜନା ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଦିବ୍ୟାଙ୍ଗ/ଟ୍ରାନ୍ସଜେଣ୍ଡର ଶ୍ରେଣୀକୁ ୫୦% ଏବଂ ସାଧାରଣ ବର୍ଗକୁ ୪୦% ଅନୁଦାନ ପ୍ରଦାନ କରୁଛି ।

## ୩. କ୍ଷେତ ପୋଖରୀରେ ମତ୍ସ୍ୟଚାଷ ପାଇଁ ଇନପୁଟ୍ ସହାୟତା

MGNREGA ଓ ମତ୍ସ୍ୟ ବିଭାଗର ସମନ୍ୱୟ ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଖନନ ହେଉଥିବା କ୍ଷେତ ପୋଖରୀ(Farm Pond) ଗୁଡ଼ିକୁ ମଧୁର ଜଳ ମତ୍ସ୍ୟଚାଷ ପାଇଁ ବ୍ୟବହାର କରାଯାଇ କୃଷି ଜଳ ସେଚନ ସହ ମତ୍ସ୍ୟଚାଷ କୃଷକର ଆୟକୁ ଦ୍ୱିଗୁଣିତ କରିବାରେ ସହାୟକ ହେଉଛି । ୨୦୨୫-୨୬ ମସିହାରେ ୪୦୮୧ ଜଣ ଚାଷୀ (୧୭୦.୬୩ ହେକ୍ଟର ଅଞ୍ଚଳ)ଙ୍କୁ ଏହି ଯୋଜନାରେ ଇନପୁଟ୍ ସହାୟତା ଦିଆଯାଇଛି । ଏହା ଚାଷୀଙ୍କ ଆୟ ବୃଦ୍ଧି, ଜଳ ସୁରକ୍ଷା ଏବଂ ସ୍ଥାୟୀ ଜଳ କୃଷିକୁ ପ୍ରୋତ୍ସାହନ ଦେଉଛି। ଏହି ପଦକ୍ଷେପ କ୍ଷୁଦ୍ର ଚାଷୀଙ୍କ ଆୟ ବୃଦ୍ଧି କରିବ, ଜଳ ସୁରକ୍ଷାରେ ଉନ୍ନତି ଆଣିବ ଏବଂ ସ୍ଥାୟୀ ଜଳପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି, ଯାହା ଶେଷରେ ରାଜ୍ୟର ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ବିକାଶରେ ଯୋଗଦାନ ଦେବ।





## ୪. ବାୟୋ-ଫ୍ଲକ୍ ପ୍ରଯୁକ୍ତି ମାଧ୍ୟମରେ ସଘନ ମାଛଚାଷ ପ୍ରୋତ୍ସାହନ

ବାୟୋ-ଫ୍ଲକ୍ ପ୍ରଯୁକ୍ତି ଆଧାରିତ ସଘନ ମାଛଚାଷ କାର୍ଯ୍ୟକ୍ରମ "More Crop per Drop" ନୀତି ଉପରେ ଆଧାରିତ। ଏହି ପ୍ରଣାଳୀ ଅତି କମ ଜଳ, କମ ଜାଗା ବ୍ୟବହାରରେ ଅଧିକ ଉତ୍ପାଦନ ପ୍ରଦାନ କରିଥାଏ । ଏହି ଯୋଜନାରେ  ୨ଟି, ୪ଟି, ୬ଟି କୁଣ୍ଡ ପାଇଁ ପ୍ରକଳ୍ପ ମୂଲ୍ୟ ଯଥା କ୍ରମେ ୨ ଲକ୍ଷ, ୪ ଲକ୍ଷ ଓ ୬ ଲକ୍ଷ  ଟଙ୍କା ରହିଛି ଯେଉଁଥିରେ ଅନୁସୂଚିତ ଜାତି / ଅନୁସୂଚିତ  ଜନଜାତି/ ଦିବ୍ୟାଙ୍ଗ /ଟ୍ରାନ୍ସଜେଣ୍ଡର ଶ୍ରେଣୀକୁ ୬୦% ଏବଂ ସାଧାରଣ ବର୍ଗକୁ ୫୦% ଆର୍ଥିକ ସହାୟତା ଦିଆଯାଉଛି । ୨୦୨୫-୨୬ ଜାନୁଆରୀ ଯାଏଁ ୩୪୦୪ ବାୟୋଫ୍ଲକ କୁଣ୍ଡ  ନିର୍ମାଣ ହୋଇଛି, ଯାହା ମଧୁର ଜଳ ମତ୍ସ୍ୟ କ୍ଷେତ୍ରରେ ନୂତନ ଦିଗ ଆଣିଛି। ଜୈବ-ଫ୍ଲକ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସଘନ ଜଳକୃଷିକୁ ପ୍ରୋତ୍ସାହନ ୨୦୨୦-୨୧ ରେ ଆରମ୍ଭ ହୋଇଥିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ବାୟୋ-ଫ୍ଲକର ଶକ୍ତିକୁ ଉପଯୋଗ କରି, ଚାଷୀମାନେ ଉତ୍ପାଦନ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିପାରିବେ ଏବଂ ଅମଳ ବୃଦ୍ଧି କରିପାରିବେ, ଯାହା ଏହାକୁ ଉଦ୍ୟୋଗୀ, ଶିକ୍ଷିତ ଯୁବ ଗୋଷ୍ଠୀ ଏବଂ ପ୍ରଗତିଶୀଳ ଚାଷୀଙ୍କ ପାଇଁ ଏକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରିଥାଏ।

## ୫. ପ୍ରଜାତି ବିବିଧୀକରଣର ପ୍ରୋତ୍ସାହନ

ଜେନେଟିକ୍ ଉନ୍ନତ "ଗିଫ୍ଟ ତିଲାପିଆ"(GIFT Tilapia) ମାଧ୍ୟମରେ ପ୍ରଜାତି ବିବିଧୀକରଣ ଓଡ଼ିଶାରେ ଖାଦ୍ୟ ଓ ପୃଷ୍ଟି ସୁରକ୍ଷା ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଗିଫ୍ଟ ତିଲାପିଆ ହେଉଛି Nile Tilapiaର ଜେନେଟିକ୍ ଉନ୍ନତ ପ୍ରଜାତି, ଯାହା ଉଚ୍ଚ ପୁଷ୍ଟିମୂଲ୍ୟ, ଦ୍ରୁତ ବୃଦ୍ଧି ଏବଂ ସହଜଲଭ୍ୟତା ଦ୍ୱାରା ପୁଷ୍ଟି ଅଭାବ ପୂରଣରେ ସହାୟକ। ଏହା ସହିତ ବିଭାଗ ପଙ୍ଗାସିଅସ୍, ଅମୁର କାର୍ପ୍ସ ଓ ମାଇନର୍ କାର୍ପ୍ସ ଇତ୍ୟାଦି ଅନ୍ୟାନ୍ୟ ପ୍ରଜାତିର ବିବିଧୀକରଣକୁ ପ୍ରୋତ୍ସାହନ ଦେଉଛି, ଯାହା ଏକମାତ୍ର ପ୍ରଜାତି ଉପରେ ନିର୍ଭରଶୀଳତା କମାଇ ସ୍ଥାୟୀ ଜଳ କୃଷି ପ୍ରଚଳନକୁ ସୁଦୃଢ  କରୁଛି । କୌଶଲ୍ୟାଗଙ୍ଗରେ ସ୍ଥାପିତ ଆଧୁନିକ "ଗିଫ୍ଟ ତିଲାପିଆ" ହ୍ୟାଚେରୀ ଏବଂ ମଲ୍ଟିପ୍ଲିକେସନ୍ ସେଣ୍ଟର" ୨୦୨୫-୨୬ରେ ୩.୫୦ ଲକ୍ଷ ଏକ ଲିଙ୍ଗ ବିଶିଷ୍ଟ ଯାଆଁଳ ଉତ୍ପାଦନ କରିଛି, ଯାହା ରାଜ୍ୟ ସହ ଅନ୍ୟ ରାଜ୍ୟମାନଙ୍କୁ ବଣ୍ଟନ କରାଯାଇଛି । ଚୟନ ହୋଇଥିବା ଚାଷୀମାନଙ୍କୁ ଉନ୍ନତ ପରିଚାଳନା ପଦ୍ଧତି (BMP) ର ଅନୁପାଳନ ଓ ବଜାର ସହାୟତା ଦିଆଯିବା ସହ ଚାଷ ଅବଧିରେ ଜୀବସୁରକ୍ଷା ସୁନିଶ୍ଚିତ କରାଯାଉଛି । ଏହି ବହୁ-ପ୍ରଜାତି ବିବିଧୀକରଣ ଉଦ୍ୟମ ମାଛ ଉତ୍ପାଦନ ବୃଦ୍ଧି, ଚାଷୀଙ୍କ ଆୟ ବୃଦ୍ଧି ଓ ପୁଷ୍ଟି ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ।



## ୬. ଜଳାଶୟରେ ମାଛ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି

ଓଡ଼ିଶାର ୨.୦୦ ଲକ୍ଷ ହେକ୍ଟର ଜଳାଶୟ ସମ୍ପଦକୁ "ସୁପ୍ତ ଦୈତ୍ୟ" ଭାବେ ଅଭିହିତ କରାଯାଏ, କାରଣ ଏଥିରେ ମାଛ ଉତ୍ପାଦନର ବିପୁଳ ସମ୍ଭାବନା ରହିଛି। ୨୦୨୫–୨୬ ଆର୍ଥିକ ବର୍ଷରେ ୨୧ ଜିଲ୍ଲାର ୧୨୯ଟି ଜଳାଶୟ (୧,୦୦,୭୭୧ ହେକ୍ଟର)ରେ ବ୍ୟାପକ ମାଛ ଯାଆଁଳ ଛଡ଼ା କାର୍ଯ୍ୟକ୍ରମ ଚାଲିଛି । ଏହା ଅଧୀନରେ ୪୪୨.୮୬ ଲକ୍ଷ ଅଙ୍ଗୁଳିକା ଯାଆଁଳ ଏବଂ ୮୭.୧୫ ଲକ୍ଷ ମଧୁର ଜଳ ଚିଙ୍ଗୁଡ଼ି ଛଡ଼ାଯାଉଛି ।

ଏହି ପଦକ୍ଷେପ ଦ୍ୱାରା ବର୍ତ୍ତମାନ ୪୧୩ କି.ଗ୍ରା./ହେକ୍ଟର/ବର୍ଷ ଉତ୍ପାଦକତାକୁ ୪୨୯ କି.ଗ୍ରା./ହେକ୍ଟର/ବର୍ଷକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଛି । ପ୍ରାୟ ୨୧,୯୧୩ ମତ୍ସ୍ୟଜୀବୀଙ୍କ ଜୀବିକା ଏଥିରେ ସୁଦୃଢ଼ ହେବ। ଏହି ପଦକ୍ଷେପ କେବଳ ମାଛ ଉତ୍ପାଦନ ବୃଦ୍ଧି କରିବ ନାହିଁ ବରଂ ପ୍ରାୟ 21913 ମତ୍ସ୍ୟଜୀବୀଙ୍କୁ ଜୀବିକାର ଏକ ସ୍ଥାୟୀ ଉତ୍ସ ଯୋଗାଇବ ବୋଲି ଆଶା କରାଯାଉଛି। ଏହି ଜଳଭଣ୍ଡାରଗୁଡ଼ିକରେ ସୁସ୍ଥ ମାଛ ବଂଶ ବଜାୟ ରଖିବା କାର୍ଯ୍ୟକ୍ରମ ରାଜ୍ୟର ଖାଦ୍ୟ ସୁରକ୍ଷାରେ ଯୋଗଦାନ ଦେବ ଏବଂ ଏହି ଜଳଭଣ୍ଡାରଗୁଡ଼ିକ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଜୀବିକାକୁ ପରିପୁଷ୍ଟ କରିବ। ସରକାରୀ ଏବଂ ବେସରକାରୀ ମାଛ ଫାର୍ମ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଓଡ଼ିଶାର ଜଳଭଣ୍ଡାରଗୁଡ଼ିକର ସମ୍ଭାବନାକୁ ଉନ୍ମୋଚନ କରିବା ସହ ଏକ ପୋଷଣୀୟ ଜଳପାଳନ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ୭. ଜଳଭଣ୍ଡାରରେ ପଞ୍ଜୁରୀ (Cage) ମଧ୍ୟରେ ମାଛ ଚାଷ

ରାଜ୍ୟରେ ଥିବା ଜଳଭାଣ୍ଡର ଗୁଡିକର ଶତକଡା ୧ ଭାଗ ଜଳ ଉତ୍ସକୁ ଉପଯୋଗକରି ପରିବେଶ ଅନୁକୂଳରେ ମାଛଚାଷ ନିମନ୍ତେ ପଞ୍ଜୁରୀ ମଧ୍ୟରେ ମାଛଚାଷ ରାଜ୍ୟସରକାରଙ୍କ ଏକ ଯୁଗାନ୍ତକରି ପଦକ୍ଷେପ । ଏହା ଦ୍ବାରା ମତ୍ସ୍ୟ ଉତ୍ପାଦନ ବୃଦ୍ଧିସହ ଏହାଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀଙ୍କ ଜୀବିକା ଉନ୍ନତି ତଥା ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗର ସମ୍ଭାବନା ସୃଷ୍ଟି ହେଉଛି । ଜଳଭଣ୍ଡାରରେ ପଞ୍ଜୁରୀ (Cage) ମଧ୍ୟରେ ମାଛ ଚାଷକୁ ପ୍ରୋତ୍ସାହନ ପାଇଁ ସରକାର "ଲିଜ୍ - ସ୍ଥାପନ - ପରିଚାଳନା" ଆଧାରରେ ସରକାରୀ-ବେସରକାରୀ ସହଯୋଗ ମଡେଲ୍ ଅପଣାଇଛନ୍ତି । ପୋଷଣୀୟ ମାଛଧରା ଅଭ୍ୟାସଗୁଡ଼ିକୁ ସୁନିଶ୍ଚିତ କରିବା ପାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଜଳଭଣ୍ଡାରରେ ପରିବେଶ ଅନୁକୂଳ ପିଞ୍ଜରା ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ (NFDB) ମାନଦଣ୍ଡ ସହିତ ସମନ୍ୱୟ ରଖି "ମତ୍ସ୍ୟ ସମବାୟ ସମିତି, ଏସ.ଏଚ.ଜି ଘରୋଇ ଉଦ୍ୟୋଗି ଓ କମ୍ପାନୀ ଦ୍ୱାରା ଜଳଭଣ୍ଡାରରେ ପଞ୍ଜୁରୀ ମଧ୍ୟରେ ମାଛ ଚାଷ କରିବା ପାଇଁ ନିର୍ଦ୍ଦେଶାବଳୀ" ନାମକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି। GIS ମ୍ୟାପିଂ ମାଧ୍ୟମରେ ରାଜ୍ୟର ୬ଟି ପ୍ରମୁଖ ଜଳାଶୟରେ କେଜ୍ ଅଞ୍ଚଳ ଚିହ୍ନଟ କରାଯାଇଛି, ଯେଉଁଥିରେ ସମ୍ବଲପୁରର ହୀରାକୁଦ ଜଳଭଣ୍ଡାର ଅନ୍ତର୍ଭୁକ୍ତ। ୨୦୨୨–୨୦୨୫ ମଧ୍ୟରେ ୨୦୩ ଉଦ୍ୟମୀ MoU ସ୍ୱାକ୍ଷର କରି ୨୩୨ଟି ବୃତ୍ତାକାର କେଜ୍ ଓ ୧୩୩୦ଟି ଆୟତାକାର କେଜ୍ ସ୍ଥାପନ କରିଛନ୍ତି। ୩.୬୬ ଲକ୍ଷ କ୍ୟୁବିକ୍ ମିଟର ଜଳାୟତନ ବିଶିଷ୍ଟ କେଜରୁ ପ୍ରତି କ୍ୟୁବିକ୍ ମିଟରରୁ ୩୦ କି.ଗ୍ରା. ଉତ୍ପାଦକତା ସମ୍ଭବ ହୋଇଛି । ମାଛ ଉତ୍ପାଦନ ବୃଦ୍ଧି, ଉଦ୍ୟୋଗକୁ ପ୍ରୋତ୍ସାହନ ଏବଂ ଏହି ଅଞ୍ଚଳରେ ଜୀବିକାକୁ ସମର୍ଥନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



## ୮. ବିଶ୍ୱବ୍ୟାଙ୍କ ସହାୟତାପ୍ରାପ୍ତ OIIPCRA ପ୍ରକଳ୍ପ

ବିଶ୍ୱ ବ୍ୟାଙ୍କ ଦ୍ୱାରା ସମର୍ଥିତ ଓଡ଼ିଶା ସମନ୍ୱିତ ଜଳବାୟୁ ସ୍ଥିର କୃଷି ପ୍ରକଳ୍ପ (OIIPCRA) ରାଜ୍ୟର ମତ୍ସ୍ୟପାଳନ କ୍ଷେତ୍ରକୁ ବୃଦ୍ଧି କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ। ଏହି ପ୍ରକଳ୍ପ ଜଳବାୟୁ-ସ୍ମାର୍ଟ ଘନିଷ୍ଠତା ଏବଂ ଉତ୍ପାଦନର ବିବିଧତା ଉପରେ ଧ୍ୟାନ ଦିଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଳବାୟୁ ପରିବର୍ତ୍ତନ ଚାପ ସହିତ ଖାପ ଖୁଆଇବା ପାଇଁ କୃଷକମାନଙ୍କର କ୍ଷମତାକୁ ସୁଦୃଢ଼ କରିବା । ଏହି ପ୍ରକଳ୍ପ ମାଧ୍ୟମରେ ବିବିଦ୍ଧ ମଧୁର ଜଳ ମାଛ ଚାଷ (IMC + Amur Carp + Minor Carp + ମଧୁର ଜଳ ଚିଙ୍ଗୁଡ଼ି) ଏବଂ ଗିଫ୍ଟ ତିଳାପିଆ ଓ ଜଳଙ୍ଗ ର ଏକକ ଚାଷ ନିମନ୍ତେ ପ୍ରୋତ୍ସାହନ କରାଯାଉଛି । ଏହି ପଦକ୍ଷେପ 15ଟି OIIPCRA ଜିଲ୍ଲାର ଘରୋଇ ମାଛ ପୋଖରିଗୁଡ଼ିକୁ ଲକ୍ଷ୍ୟ ରଖିଛି, ଯାହା ଯୋଗ୍ୟ ମାଛ ଚାଷୀ, ଉଦ୍ୟୋଗୀ ଏବଂ ନୂତନ ପ୍ରବେଶକାରୀଙ୍କୁ ଲାଭ ପହଞ୍ଚାଇବ। ୨୦୨୫–୨୬ରେ ୧୩୦ ଲାଭାର୍ଥୀ ଓ ୧୯ ମହିଳା ଗୋଷ୍ଠୀ /ପାଣି ପଞ୍ଚାୟତ/ ଉପଭୋକ୍ତା ଗୋଷ୍ଠୀ / ମତ୍ସ୍ୟ ସମବାୟ ସମିତି ଏଥିରୁ ଲାଭାନ୍ବିତ ହୋଇଛନ୍ତି । କଳାହାଣ୍ଡି ଓ ମୟୂରଭଞ୍ଜରେ ଧାନ-ସହ-ମାଛ ଚାଷ ମଡେଲ୍ ସଫଳ ପ୍ରଦର୍ଶନ କରାଯାଇଛି ଯାହାର ପ୍ରକଳ୍ପ ମୂଲ୍ୟ ୫.୭୮ କୋଟି ଟଙ୍କା ରହିଛି । ଏହି ପ୍ରକଳ୍ପଟି ସ୍ଥାୟୀ ଜଳକୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହିତ କୃଷକମାନଙ୍କର ମାଛ ଉତ୍ପାଦନ, ଆୟ ଏବଂ ସ୍ଥିରତା ବୃଦ୍ଧି କରିବାକୁ ପ୍ରସ୍ତୁତ ।



## ଖାରି ଜଳ କ୍ଷେତ୍ରର ବିକାଶ



### ୧. ଅଞ୍ଚଳ ବିକାଶ

ଓଡିଶାର ଏକ ପ୍ରଭାବଶାଳୀ 4.18 ଲକ୍ଷ ହେକ୍ଟର ଖାରି ଜଳ ଅଞ୍ଚଳ ଅଛି, ଯାହା ନଦୀ ମୁହାଣ, ଚିଲିକା ଏବଂ ମୁହାଣପାଖ ଜଳକୁ ଘେରି ରହିଛି। ଏହା ଖାରି ଜଳକୃଷି ବିକାଶ ପାଇଁ ଅପାର ସମ୍ଭାବନା ପ୍ରଦାନ କରେ। ବର୍ତ୍ତମାନ ୧୯,୫୨୦ ହେକ୍ଟର ଖାରି ଜଳ ଆକ୍ୱାକଲ୍ଚର CAA ନିୟମ ଅନୁସାରେ ଚାଲୁଛି । ଖାରି ଜଳ ମାଛ ଓ ଚିଙ୍ଗୁଡି ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ହିତାଧିକାରୀଙ୍କୁ ପ୍ରକଳ୍ପ ମୂଲ୍ୟ ର ୪୦–୬୦% ଅନୁଦାନ ଦିଆଯାଉଛି । ୨୦୨୫-୨୬ ରେ ୨୧୮ ଜଣ ହିତାଧିକାରୀ ୧୦୯.୨୩ ହେକ୍ଟର ପରିମିତ ପୋଖରୀ ଖନନ କରିଛନ୍ତି ।

### ୨.ଉପକୂଳ ଜଳ କୃଷି ପ୍ରାଧିକରଣ (CAA) ନିବନ୍ଧନ

୨୦୨୫-୨୬ ରେ, ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯେଉଁଥିରେ ୨୧୮ ଜଣ ହିତାଧିକାରୀଙ୍କ ଦ୍ୱାରା ୧୦୯.୨୩ ହେକ୍ଟର ଜମିର ବିକାଶ ଅନ୍ତର୍ଭୁକ୍ତ। ୩୩୯ ଜଣ ଚାଷୀ ୨୨୫.୨୭ ହେକ୍ଟର ଜମି ପାଇଁ ନୂତନ ପଞ୍ଜିକରଣ ପାଇଛନ୍ତି ଏବଂ ୧୫୪୨.୩୨ ହେକ୍ଟର ପରିମିତ ୧୯୦୦ ଫାର୍ମ ଲାଇସେନ୍ସ ନବୀକରଣ ହୋଇଛି । ଏହା ବ୍ୟତୀତ, ନୂତନ ପଞ୍ଜିକରଣ ପାଇଁ ୮୬.୯୪ ହେକ୍ଟର ଜମି ପରିମିତ ୧୪୪ ଫାର୍ମ ଏବଂ ୨୮୦.୨୮ ହେକ୍ଟର ଜମି ପରିମିତ ୨୩୧ ଫାର୍ମ ଲାଇସେନ୍ସ ନବୀକରଣ ପାଇଁ CAAକୁ ପ୍ରସ୍ତାବ ଦିଆଯାଇଛି । ରାଜ୍ୟ ସରକାର ପ୍ରଜାତି ବିବିଧ କରଣ, ସାମୁଦ୍ରିକ ଶୈବାଳ ଚାଷ, ହ୍ୟାଚେରୀ ପ୍ରତିଷ୍ଠା ତଥା ଖାଦ୍ୟ ପ୍ରସ୍ତୁତି କାରଖାନା ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି । ଏହା ସହିତ, ଖାରି ପାଣି ଜଳକୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ କଙ୍କଡ଼ା ଚାଷ, ଚିଙ୍ଗୁଡ଼ି ଚାଷ ଭଳି ପଦକ୍ଷେପଗୁଡ଼ିକୁ ପ୍ରୋତ୍ସାହିତ କରାଯାଉଛି। ରାଜ୍ୟର ପ୍ରୟାସଗୁଡ଼ିକ ଜଳକୃଷି ଉତ୍ପାଦନକୁ ବୃଦ୍ଧି କରିବା, ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହର ସୁଯୋଗକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବା ସହିତ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବା ଲକ୍ଷ୍ୟ ରଖିଛି।

## ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରର ବିକାଶ

ଓଡ଼ିଶାର ୫୭୫ କି.ମି. ଦୀର୍ଘ ସମୁଦ୍ରତଟ, ୨୪,୦୦୦ ବର୍ଗ କି.ମି. ଉପକୂଳ ସାମୁଦ୍ରିକ ଅଞ୍ଚଳ ଏବଂ ୨.୧୨ ଲକ୍ଷ ବର୍ଗ କି.ମି. ବିଶେଷ ଆର୍ଥିକ କ୍ଷେତ୍ର (EEZ) ସାମୁଦ୍ରିକ ମତ୍ସ୍ୟ ବିକାଶ ପାଇଁ ବିପୁଳ ସମ୍ଭାବନା ରଖିଛି । ରାଜ୍ୟର ୬ଟି ସାମୁଦ୍ରିକ ଜିଲ୍ଲା — ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ — ସମୃଦ୍ଧ ପେଲାଜିକ୍ ଓ ଡିମର୍ସାଲ୍ ସମ୍ପଦର ଆଧାରସ୍ଥଳ । ଚିଲିକା ହ୍ରଦରେ ମଧ୍ୟ ମାଛଧରା କାର୍ଯ୍ୟକଳାପ ଚାଲିଥାଏ । ଡିମର୍ସାଲ୍ ଷ୍ଟକ୍ ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି, ଯାହା ପରେ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଅଛନ୍ତି। କିନ୍ତୁ ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବରରୁ ମେ ପର୍ଯ୍ୟନ୍ତ ୭ ମାସ ମାଛଧରା ନିଷେଧ ଏବଂ ୧୫ ଏପ୍ରିଲ୍ ରୁ ୧୪ ଜୁନ୍ ପର୍ଯ୍ୟନ୍ତ ୬୧ ଦିନର ସାଧାରଣ ମାଛଧରା ବନ୍ଦ ଯୋଗୁଁ ଉତ୍ପାଦନ ବୃଦ୍ଧିରେ ସୀମାବଦ୍ଧତା ଦେଖାଯାଏ । ତଥାପି ଓଡ଼ିଶାର ସାମୁଦ୍ରିକ ଜଳରେ ବିବିଧ ପ୍ରଜାତିର ମାଛ ଉପଲବ୍ଧ ଥିବାରୁ ଏହା ମତ୍ସ୍ୟ ବିକାଶ ପାଇଁ ଆକର୍ଷଣୀୟ ଅଞ୍ଚଳ । ପୋଷଣୀୟ ମାଛଧରା ପ୍ରଚଳନ, ଭିତ୍ତିଭୂମି ବିକାଶ ଏବଂ ମାଛଧରା ନିଷେଧ ସମୟରେ ମତ୍ସ୍ୟଜୀବୀଙ୍କୁ ସହାୟତା ମାଧ୍ୟମରେ ରାଜ୍ୟ ଏହି କ୍ଷେତ୍ରର ସମ୍ପୂର୍ଣ୍ଣ ସମ୍ଭାବନାକୁ ବିକଶିତ କରୁଛି। PMMSY ଓ MMKY ଯୋଜନା ଅଧୀନରେ ଡଙ୍ଗା, ଇଞ୍ଜିନ୍ ଓ ଜାଲ ପାଇଁ ଅନୁଦାନ, ଅବସ୍ଥିତି ମାଛଧରା ଡଙ୍ଗାର ଉନ୍ନତିକରଣ ଓ ସୁରକ୍ଷା ସାମଗ୍ରୀ ଯୋଗାଣ ମାଧ୍ୟମରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସହାୟତା ପ୍ରଦାନ କରାଯାଉଛି।



### ୧. ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ (OMFRA)ର କାର୍ଯ୍ୟାନ୍ୱୟନ

ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ, ୧୯୮୧ ଏବଂ ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ନିୟମ, ୧୯୮୩ ରାଜ୍ୟ ସୀମାଭୂମିରେ ସାମୁଦ୍ରିକ ମତ୍ସ୍ୟ ସମ୍ପଦର ସଂରକ୍ଷଣ, ପରିଚାଳନା ଓ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ପାଇଁ ଏକ ପ୍ରଭାବଶାଳୀ ଆଇନ । ଏହି ଆଇନ ଅନୁସାରେ ଡଙ୍ଗା ପଞ୍ଜୀକରଣ, ଲାଇସେନ୍ସ, ନବୀକରଣ, ନିୟମ ତଦାରଖ, ଶୁଣାଣି ଏବଂ ମାଛଧରା ନିଷେଧ ବ୍ୟବସ୍ଥା ପ୍ରତିପାଳନ ହୁଏ । ଉପକୂଳ ସୁରକ୍ଷା, ମାଛଧରା ବନ୍ଦର ପରିଚାଳନା, ମାଛଧରା ନିୟନ୍ତ୍ରଣ, ୧୨ ନଟିକାଲ୍ ମାଇଲ ପର୍ଯ୍ୟନ୍ତ ଆଞ୍ଚଳିକ ଜଳ ମଧ୍ୟରେ ମାଛ ଧରିବା ସମୟରେ ମତ୍ସ୍ୟଜୀବୀଙ୍କ ସୁରକ୍ଷା ସହିତ ସାମୁଦ୍ରିକ ସମ୍ପଦର ସ୍ଥାୟୀ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ୧୯୮୨ରେ ସଂଶୋଧନ ପାଇଁ ପଦକ୍ଷେପ ନିଆଯାଉଛି।

## ୨. ମତ୍ସ୍ୟ ଯନ୍ତ୍ରପାତି-ଉପକରଣର ବ୍ୟବହାର

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ଅଧୀନରେ ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀମାନଙ୍କୁ ଆଧୁନିକ ଯନ୍ତ୍ରପାତି-ଉପକରଣ ବ୍ୟବହାର ନିମନ୍ତେ ପ୍ରୋତ୍ସାହନ ଦିଆଯାଉଛି। ଏଥିରେ ଏରେଟର୍, ଏୟାର୍ ବ୍ଲୋଅର୍, ଜାଲ, ଜୈବ ସୁରକ୍ଷା ଜାଲ, ଟ୍ରଲ୍ ନେଟ୍, ଜେନସେଟ୍, ସୋଲାର୍ ଆଧାରିତ ସ୍ମାର୍ଟ ଯନ୍ତ୍ର, ଅଟୋମେଟେଡ୍ ଫିଡର୍, ଜୀବନ୍ତ ମାଛ/ଯାଆଁଳ ପରିବହନ ଯାନ ଓ ଆଇସ୍ ବକ୍ସ ଉପରେ ୪୦% ଅନୁଦାନ ଦିଆଯାଉଛି।

୨୦୨୪–୨୫ରେ ୨୯୧୨ଟି ଯନ୍ତ୍ର ବଣ୍ଟନ କରାଯାଇଥିଲା । ୨୦୨୫–୨୬ରେ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୨୧୨୧ଟି ଯନ୍ତ୍ର ବଣ୍ଟନ କରାଯାଇଛି।

## ୩. ପାରମ୍ପରିକ ଡଙ୍ଗାର ଯାନ୍ତ୍ରିକିକରଣ

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ପାରମ୍ପରିକ ମାଛଧରା ଡଙ୍ଗାର ଯାନ୍ତ୍ରିକିକରଣ କାର୍ଯ୍ୟକ୍ରମ ଓଡ଼ିଶାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି, ଯାହାର ଲକ୍ଷ୍ୟ ମାଛ ଧରିବା ଡଙ୍ଗାର ପ୍ରତି ୟୁନିଟ୍ ପ୍ରୟାସ (CPUE) ବୃଦ୍ଧି ସହ ସାମୁଦ୍ରିକ ମାଛ ଉତ୍ପାଦନକୁ ବୃଦ୍ଧି କରିବା । ଏହି ଯୋଜନା ଅଧୀନରେ ପାରମ୍ପରିକ ଡଙ୍ଗାରେ ଆଉଟ୍‌ବୋର୍ଡ଼ ମୋଟର୍ (OBM) ଓ ଇନ୍‌ବୋର୍ଡ଼ ମୋଟର୍ (IBM) ସ୍ଥାପନ ମାଧ୍ୟମରେ ସାମୁଦ୍ରିକ ମାଛ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦିଆଯାଉଛି । ସାଧାରଣ ବର୍ଗକୁ ପ୍ରକଳ୍ପ ମୂଲ୍ୟର ୪୦% ଏବଂ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଦିବ୍ୟାଙ୍ଗ / ଟ୍ରାନ୍ସଜେଣ୍ଡର ଶ୍ରେଣୀକୁ ୬୦% ଅନୁଦାନ ଦିଆଯାଉଛି । ୨୦୨୪–୨୫ରେ ୭୪୯ ମତ୍ସ୍ୟଜୀବୀ ଲାଭାନ୍ୱିତ ହୋଇଥିଲେ। ୨୦୨୫–୨୬ରେ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୨୬୭ ଜଣ ଉପକୃତ ହୋଇଛନ୍ତି ।





## ୫. ମାଛ ପରିବହନ ଯାନ ପାଇଁ ସହାୟତା

ଖାଉଟିଙ୍କୁ ସତେଜ ଓ ଜୀବନ୍ତ ମାଛ ଯୋଗାଇଦେବା ପାଇଁ PMMSY ଅଧୀନରେ ଇନ୍ସୁଲେଟେଡ୍/ରେଫ୍ରିଜେରେଟେଡ୍ ଭ୍ୟାନ୍, ଆଇସ୍ ବକ୍ସ ସହ ତିନିଚକିଆ ଓ ଦୁଇଚକିଆ ଯାନ/ଜୀବନ୍ତ ମାଛ ପରିବହନ ଯାନ ପ୍ରଦାନ କରାଯାଉଛି। ଏହି ଯୋଜନା ରେ ସାଧାରଣ ବର୍ଗକୁ ୪୦% ଏବଂ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଦିବ୍ୟାଙ୍ଗ /ଟ୍ରାନ୍ସଜେଣ୍ଡର ଶ୍ରେଣୀକୁ ୬୦% ଅନୁଦାନ ଦିଆଯାଉଛି। ୨୦୨୪–୨୫ରେ ୧୫ଟି ଇନ୍ସୁଲେଟେଡ୍ ଭ୍ୟାନ୍ ପ୍ରଦାନ କରାଯାଇଛି, ଯାହା ବଜାର ଢାଞ୍ଚାକୁ ସୁଦୃଢ଼ କରିଛି ଏବଂ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି କରିଛି।



## ୪. ନୂତନ ଡଙ୍ଗା, ଇଞ୍ଜିନ୍ ଓ ଜାଲ ପାଇଁ ସହାୟତା

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ଯୋଜନା ଅଧୀନରେ ଉପରୋକ୍ତ ଉପ-ଯୋଜନା ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ବ୍ୟାପକ ସହାୟତା ପ୍ରଦାନ କରେ, ଯେଉଁଥିରେ ଜୀବନ ରକ୍ଷାକାରୀ ଉପକରଣ ସହିତ ଏକ ନୂତନ କାଠ/FRP ଡଙ୍ଗା, ଇଞ୍ଜିନ ଏବଂ ମାଛ ଧରିବା ଜାଲ ଅନ୍ତର୍ଭୁକ୍ତ । କମ ସମୟ ଓ ଉପଯୁକ୍ତ ସୁରକ୍ଷା ମଧ୍ୟରେ ଅଧିକ ମତ୍ସ୍ୟ ଧରିବା ନିମନ୍ତେ ଏହି ଯୋଜନା ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସହାୟତା ପ୍ରଦାନ କରେ । ଏହି ଯୋଜନା ଅଧୀନରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ୧୦ ଲକ୍ଷ ୟୁନିଟ୍ ମୂଲ୍ୟର ପ୍ୟାକେଜ୍ ଯୋଗାଣ କରାଯାଉଛି, ଯେଉଁଥିରେ ନୂତନ କାଠ/ଫାଇବର ଡଙ୍ଗା, ୧୦୦ HP ପର୍ଯ୍ୟନ୍ତ ଇଞ୍ଜିନ୍, ଜାଲ ଓ ଲାଇଫ୍ ଜାକେଟ୍ ପରି ସୁରକ୍ଷା ସାମଗ୍ରୀ ଅନ୍ତର୍ଭୁକ୍ତ । ୨୦୨୪–୨୫ରେ ୫୬୯ ୟୁନିଟ୍ ବଣ୍ଟନ ହୋଇଥିଲା। ୨୦୨୫–୨୬ରେ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୨୯୯ ଜଣ ହିତାଧିକାରୀ ଏଥିରେ ଲାଭାନ୍ୱିତ ହୋଇଛନ୍ତି।

## ୬. ମାଛଧରା ନିଷେଧ ଅବଧିରେ ମତ୍ସ୍ୟ ସମ୍ପଦ ସୁରକ୍ଷା ପାଇଁ ଜୀବିକା ଓ ପୁଷ୍ଟି ସହାୟତା

ଓଡ଼ିଶାରେ ପ୍ରତିବର୍ଷ ୧୫ ଏପ୍ରିଲ୍ ରୁ ୧୪ ଜୁନ୍ (୬୧ ଦିନ) ପର୍ଯ୍ୟନ୍ତ ମାଛଧରା ନିଷେଧ ଲାଗୁ କରାଯାଏ। ଏହାର ମୂଳ ଉଦ୍ଦେଶ୍ୟ ସାମୁଦ୍ରିକ ମତ୍ସ୍ୟ ସମ୍ପଦର ସଂରକ୍ଷଣ ଓ ମାଛ ବଂଶର ପୁନରୁତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବା । ମାଛଧରା ନିଷେଧ ଅବଧିରେ ମତ୍ସ୍ୟଜୀବୀଙ୍କ ଜୀବିକାରେ ପଡୁଥିବା ପ୍ରଭାବକୁ ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହା ଅଧୀନରେ ପ୍ରତି ହିତାଧିକାରୀଙ୍କୁ ୩୦୦୦ ଟଙ୍କା ସହାୟତା ଦିଆଯାଏ, ଯେଉଁଥିରେ ୧୫୦୦ କେନ୍ଦ୍ର ଅଂଶ ଓ ୧୫୦୦ ରାଜ୍ୟ ଅଂଶ ଅନ୍ତର୍ଭୁକ୍ତ । ୨୦୨୫–୨୬ ଆର୍ଥିକ ବର୍ଷରେ ପ୍ରାୟ ୧୨,୪୧୭ ମତ୍ସ୍ୟଜୀବୀ ଏହି ଯୋଜନା ଅଧୀନରେ ଲାଭାନ୍ୱିତ ହୋଇଥିଲେ । ଏହି ପଦକ୍ଷେପ ସମୁଦ୍ର ସମ୍ପଦ ସୁରକ୍ଷା ସହିତ ମତ୍ସ୍ୟଜୀବୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷାକୁ ମଧ୍ୟ ସୁନିଶ୍ଚିତ କରୁଛି ।

## ମତ୍ସ୍ୟ ଭିତ୍ତିଭୂମି ବିକାଶ

ଓଡ଼ିଶାରେ ମତ୍ସ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ମତ୍ସ୍ୟ ଭିତ୍ତିଭୂମି ବିକାଶରେ ବିଭିନ୍ନ ମହତ୍ୱାକାଂକ୍ଷୀ ପ୍ରକଳ୍ପ ଚାଲୁଅଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନା ଅଧୀନରେ ଏହା କାର୍ଯ୍ୟକାରୀ ହେଉଛି । ଚାଲୁଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ:

- ବାଲେଶ୍ୱର ଜିଲ୍ଲାର ବସ୍ତାରେ ୭୮.୨୫ କୋଟି ବ୍ୟୟରେ ଆଧୁନିକ ହୋଲସେଲ୍ ମାଛ ବଜାର
- ଭୁବନେଶ୍ୱର ପାଣ୍ଡରାରେ ୫୯.୧୩ କୋଟି ବ୍ୟୟରେ ଆଧୁନିକ ହୋଲସେଲ୍ ମାଛ ବଜାର
- ବାଲେଶ୍ୱରର ଚାନ୍ଦିପୁରରେ ୭୭.୫୦ କୋଟି ବ୍ୟୟରେ ଫିସିଂ ହାର୍ବର ନିର୍ମାଣ
- ପୁରୀ ଜିଲ୍ଲାର ଅସ୍ତରଙ୍ଗରେ ଫେଜ୍-୨ ଅଧୀନରେ ₹୧୭୮.୯୦ କୋଟି ଟଙ୍କା ବ୍ୟୟରେ ମାଛ ଧରା ବନ୍ଦର ବିକାଶ
- ସମ୍ବଲପୁରରେ ୧୦୦କୋଟି ବ୍ୟୟରେ ଆଧୁନିକ ଆକ୍ୱା ପାର୍କ (Integrated Aqua Park) ବିକାଶ
- ୯୩ଟି ସ୍ଥାନରେ ୨୮.୮୩ କୋଟି ବ୍ୟୟରେ Artificial Reefs ସ୍ଥାପନ
- ୨୦୮୩ଟି ଯାନ୍ତ୍ରିକ ମାଛଧରା ଡଙ୍ଗାରେ ଟ୍ରାନ୍ସପଣ୍ଡର ସ୍ଥାପନ ସହ ହବ୍ ବ୍ୟବସ୍ଥା
- ପାଣ୍ଡରା, ଭୁବନେଶ୍ୱରରେ ଆଧୁନିକ ହୋଲସେଲ୍ ମାଛ ବଜାର ୧୧.୧୦.୨୦୨୫ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ୍ ମାଧ୍ୟମରେ ପାଣ୍ଡରା ହୋଲସେଲ୍ ମାଛ ବଜାର ଏବଂ ସମ୍ବଲପୁରର IAP ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ପାଣ୍ଡରାରେ ୫.୮୦ ଏକର ଅଞ୍ଚଳରେ ₹୫୯.୧୩ କୋଟି ବ୍ୟୟରେ ନିର୍ମିତ ଏହି ଆଧୁନିକ ବଜାରରେ ଲାବରେଟରୀ, ବ୍ୟବସାୟୀ ଦୋକାନ, ଶୀତଳ ଭଣ୍ଡାର ଇତ୍ୟାଦି ସୁବିଧା ରହିବ। ଏହା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସଂପଦ ଯୋଜନା ଅଧୀନରେ ରୂପାୟନ ହେଉଛି । ପ୍ରକଳ୍ପଟି ୧୪୩ ଜଣଙ୍କୁ ସିଧାସଳଖ ଏବଂ ପ୍ରାୟ ୨୦୦୦ ଜଣଙ୍କୁ ପରୋକ୍ଷ ଭାବେ ଲାଭାନ୍ବିତ କରିବ।

### ସମ୍ବଲପୁର ହୀରାକୁଦରେ ସମନ୍ୱିତ ଆକ୍ୱା ପାର୍କ (IAP)

ହୀରାକୁଦ, ସମ୍ବଲପୁରର ବସନ୍ତପୁର ଗ୍ରାମରେ ୯୫.୪୭୦ ଏକର ସରକାରୀ ଜମିରେ ସମନ୍ୱିତ ଆକ୍ୱା ପାର୍କ ଗଢ଼ିଉଠୁଛି। ଜମିଟି IDCO, ଭୁବନେଶ୍ୱରକୁ ବଣ୍ଟନ କରାଯାଇଛି । ୦୮.୦୧.୨୦୨୫ ରେ ମତ୍ସ୍ୟ, ପ୍ରାଣି ଓ ଗୋପାଳନ ମନ୍ତ୍ରଣାଳୟ ଦ୍ୱାରା ପ୍ରଶାସନିକ ଅନୁମୋଦନ ମିଳିଛି। ପ୍ରକଳ୍ପର ମୋଟ ବ୍ୟୟବରାଦ ୧୦୦ କୋଟି, ଯେଉଁଥିରେ ୬୦ କୋଟି କେନ୍ଦ୍ର ଅଂଶ ଓ ୪୦ କୋଟି ରାଜ୍ୟ ଅଂଶ ଅଛି। ଏଥିପାଇଁ IDCO ସହ MoU ସ୍ୱାକ୍ଷର କରାଯାଇଛି। ଏହି ପ୍ରକଳ୍ପ ଓଡ଼ିଶାର ଆଧୁନିକ ଜଳକୃଷି ବିକାଶରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଭାବେ ପରିଗଣିତ । ଏହି ସମସ୍ତ ପ୍ରକଳ୍ପ ମାଧ୍ୟମରେ ମାଛ ଉତ୍ପାଦନ ବୃଦ୍ଧି, ରପ୍ତାନି ସମ୍ଭାବନା ବିକାଶ ଓ ରୋଜଗାର ସୃଷ୍ଟି ହେଉଛି, ଯାହା ଓଡ଼ିଶାକୁ ଦେଶର ଶୀର୍ଷ ମତ୍ସ୍ୟ ଉତ୍ପାଦକ ରାଜ୍ୟମାନଙ୍କ ମଧ୍ୟରେ ସୁଦୃଢ଼ ସ୍ଥାନ ଦେଇଛି।

## ରାଜ୍ୟ ଯୋଜନା ଅଧୀନରେ ମତ୍ସ୍ୟ ଭିତ୍ତିଭୂମି ବିକାଶ

୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା "Infrastructure Development" ଅଧୀନରେ ୧୪୫.୯୧ କୋଟି ଅନୁମୋଦିତ ହୋଇଛି। ଏହା ଅଧୀନରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଚାଲିଛି — ପ୍ରମୁଖ କାର୍ଯ୍ୟସମୂହ:

୧. କଳାହାଣ୍ଡି, ଦେବଗଡ଼, ସମ୍ବଲପୁର, ବୌଦ୍ଧ ଓ ଭଦ୍ରକ ଜିଲ୍ଲାରେ ୭ଟି ଆଧୁନିକ ମାଛ ବଜାର ନିର୍ମାଣ

୨. ପୁରୀ, ଗଞ୍ଜାମ, ଜଗତସିଂହପୁର ଓ ବାଲେଶ୍ୱର ଜିଲ୍ଲାରେ ୯ଟି ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ

୩. ଅଭ୍ୟନ୍ତରୀଣ କ୍ଷେତ୍ରରେ ୧୫ଟି ନୂତନ ମତ୍ସ୍ୟ ଅବତରଣ କେନ୍ଦ୍ରର ଉନ୍ନତିକରଣ

୪. ଚିତ୍ରକୁଣ୍ଡ, ସତୀଗୁଡା, ଇନ୍ଦ୍ରାବତୀ ଓ ମୁରାନ ଜଳାଶୟରେ ଭାସମାନ ଜେଟି (Floating Jetty) ଓ ସମ୍ବନ୍ଧିତ କାର୍ଯ୍ୟ

୫. ଭଦ୍ରକ ଜିଲ୍ଲାର ଧାମରା ଓ ଚୂଡ଼ାମଣି ଏବଂ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର (ବାଲରାମଗଡ଼ି)ରେ ୩ଟି ମାଛଧରା ବନ୍ଦର ବିକାଶ

୬. ପୁରୀ ଜିଲ୍ଲାରେ ଖାରି ଜଳ କ୍ଲଷ୍ଟର ବିକାଶ

୭. ଜିଲ୍ଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟର ୪୪ଟି ଅନେକ୍ସ ଭବନ (ଫେଜ୍-II) ସହ ବାଉଣ୍ଡାରି ୱାଲ୍, ଫର୍ନିଚର ଓ ଫିକ୍ସଚର୍

୮. ୫୦ଟି ବ୍ଲକ୍ ମତ୍ସ୍ୟ କାର୍ଯ୍ୟାଳୟ ଭବନ ସହ ବାଉଣ୍ଡାରି ୱାଲ୍, ପାନୀୟ ଜଳ ସୁବିଧା, ସମ୍ପ ଓ ବିଦ୍ୟୁତୀକରଣ

୯. କଟକର ଖପୁରିଆସ୍ଥିତ CDVO କ୍ୟାମ୍ପସରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଭବନ ନିର୍ମାଣ

୧୦. କୌଶଲ୍ୟାଗଙ୍ଗ ମାଛ ଫାର୍ମରେ ଆଧୁନିକ ସଂଯୁକ୍ତ ଚାଷୀ ପ୍ରଶିକ୍ଷଣ କେନ୍ଦ୍ର ଓ ଆବାସ ବ୍ୟବସ୍ଥା ନିର୍ମାଣ

୧୧. କାର୍ଯ୍ୟାଳୟ ଭବନ, ଗୋଦାମ, ହାଚେରି ଇତ୍ୟାଦିର ମରାମତି ଓ ପୁନରୁଦ୍ଧାର।



ପୁରୀର ତାଳବଣିଆରେ ଆଧୁନିକ ହାଇଜିନିକ୍ ମାଛ ବଜାର ଏବଂ ଅନୁଗୁଳର ଆଙ୍ଗୁଳ ହେରିଟେଜ୍ ସରକାରୀ ମତ୍ସ୍ୟକାର୍ଯ୍ୟାଳୟରେ ପ୍ରଶିକ୍ଷଣ କେନ୍ଦ୍ରକୁ ୨୧.୧୧.୨୦୨୫ ତାରିଖରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି । ଏହି ଦିନ କୌଶଲ୍ୟାଗଙ୍ଗରେ ଆଧୁନିକ ସଂଯୁକ୍ତ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ ମଧ୍ୟ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY)





ରାଜ୍ୟର ପ୍ରମୁଖ ଫ୍ଲାଗସିପ୍ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ APICOL ମତ୍ସ୍ୟ ଆଧାରିତ ଉଦ୍ୟୋଗ ବିକାଶରେ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଭାବେ କାର୍ଯ୍ୟ କରୁଛି । ଏହି ଯୋଜନା ଅଧୀନରେ ପ୍ରତି ପରିବାରକୁ

ସର୍ବାଧିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡ଼ି ପ୍ରଦାନ କରାଯାଉଛି। ଏଥିରେ ଉଦ୍ୟୋଗ ଅଗ୍ରାହୀଙ୍କ ପାଇଁ ପ୍ରକଳ୍ପ ମୂଲ୍ୟ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି । ଏପର୍ଯ୍ୟନ୍ତ ୧୧୦ଟି ମତ୍ସ୍ୟ ପ୍ରକଳ୍ପ ସମାପ୍ତ ହୋଇଛି । ୨୦୨୫–୨୬ ମସିହାରେ ୩.୫୦ କୋଟିରୁ ଅଧିକ ସବସିଡ଼ି ପ୍ରଦାନ କରାଯାଇଛି । ଏହି ଯୋଜନା ଯୁବ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ଓ ପ୍ରଗତିଶୀଳ ମାଛ ଚାଷୀଙ୍କୁ ପାରମ୍ପରିକ ଆକ୍ୱାକଲ୍ଚରରୁ ବ୍ୟବସାୟିକ ଓ ପ୍ରଯୁକ୍ତି ଆଧାରିତ ଉଦ୍ୟମରେ ପରିଣତ କରିବାର ମଞ୍ଚ ଦେଇଛି ।

## ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY)

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଭାରତ ସରକାରଙ୍କ ନୀଳ ବିପ୍ଳବ ଲକ୍ଷ୍ୟ ସହିତ ସ୍ଥାୟୀ ମତ୍ସ୍ୟ ବିକାଶକୁ ପ୍ରୋତ୍ସାହନ କରୁଛି ।

ପ୍ରମୁଖ ତିନୋଟି ଗୁରୁତ୍ୱକ୍ଷେତ୍ର:

1. ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି
2. ଭିତ୍ତିଭୂମି ବିକାଶ ଓ ଅମଳ ପରବର୍ତ୍ତୀ ପରିଚାଳନା
3. ମତ୍ସ୍ୟ ପରିଚାଳନା ଓ ନିୟମାନୁଷ୍ଠାନ

ଗତ ପାଞ୍ଚ ବର୍ଷ ମଧ୍ୟରେ, ୩୮ଟି ହିତାଧିକାରୀ-ମୁଖୀ ଏବଂ ୧୨ଟି ଅଣ-ହିତାଧିକାରୀ-ମୁଖୀ ପ୍ରକଳ୍ପ ପାଇଁ ₹୧୨୫୦.୦୩ କୋଟି ମଞ୍ଜୁର କରାଯାଇଛି, ଯେଉଁଥିରେ ହିତାଧିକାରୀ-ମୁଖୀ ଉପାଦାନ ପାଇଁ ₹୭୨୬.୭୧ କୋଟି ଏବଂ ଅଣ-ହିତାଧିକାରୀ-ମୁଖୀ ଉପାଦାନ ପାଇଁ ₹୫୨୨.୩୨ କୋଟି ଅନ୍ତର୍ଭୁକ୍ତ। ୨୦୨୪-୨୫ ରେ, ₹୧୩୩.୩୩ କୋଟି ଆବଣ୍ଟନ କରାଯାଇଛି, ଯାହା ମଧ୍ୟରୁ ₹୧୩୨.୨୮ କୋଟି ଟଙ୍କା ବ୍ୟବହାର କରାଯାଇଛି।

## PM-MKSSY (PMMSYର ଉପ-ଯୋଜନା)

ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି, ଯାହାର ଲକ୍ଷ୍ୟ —

୧. ଜାତୀୟ ମତ୍ସ୍ୟ ଡିଜିଟାଲ୍ ପ୍ଲାଟଫର୍ମ (NFDP) ସୃଷ୍ଟି
୨. କ୍ଷୁଦ୍ର ଓ ସୂକ୍ଷ୍ମ ମତ୍ସ୍ୟ ଉଦ୍ୟୋଗ ପାଇଁ ପ୍ରତିଷ୍ଠାନମୂଳକ ଅର୍ଥ ସାହାର୍ଯ୍ୟ
୩. ଜଳ କୃଷି ବୀମା ପାଇଁ ପ୍ରୋତ୍ସାହନ
୪. ମତ୍ସ୍ୟ ମୂଲ୍ୟ ଶୃଙ୍ଖଳା ସୁଧାର ପାଇଁ ପରିଣାମ ଆଧାରିତ ଅନୁଦାନ
୫. ମାଛ ଓ ଉତ୍ପାଦର ଗୁଣମାନ ଓ ସୁରକ୍ଷା ପ୍ରଣାଳୀ ବିସ୍ତାର ପାଇଁ ପରିଣାମ ଆଧାରିତ ଅନୁଦାନ

## ସମବାୟ କ୍ଷେତ୍ରର ବିକାଶ

### ୧. କିଷାନ୍ କ୍ରେଡିଟ୍ କାର୍ଡ (KCC)

ମତ୍ସ୍ୟଜୀବୀ, ମାଛ ଚାଷୀ ଓ ମତ୍ସ୍ୟ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଭାରତ ସରକାର କିଷାନ୍ କ୍ରେଡିଟ୍ କାର୍ଡ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ଏହା ଯୋଜନାରେ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ରାଜ୍ୟର ୧୨,୦୪୦ ଜଣ ମତ୍ସ୍ୟଜୀବୀ ଓ ମାଛ ଚାଷୀଙ୍କ ଆବେଦନ ବିଭିନ୍ନ ବ୍ୟାଙ୍କକୁ ପ୍ରେରଣ କରାଯାଇଛି। ଏଥିରୁ ୨,୫୮୪ଟି KCC କାର୍ଡ ଜାରି କରାଯାଇଛି ।

### ୨. PMMSY ଅଧୀନରେ ଗୋଷ୍ଠୀ ଦୁର୍ଘଟଣା ବୀମା ଯୋଜନା (GAIS)

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଗୋଷ୍ଠୀ ଦୁର୍ଘଟଣା ବୀମା ଯୋଜନା (GAIS) କାର୍ଯ୍ୟରତ ଅଛି।

୦୧.୦୬.୨୦୨୫ରୁ ୩୧.୦୫.୨୦୨୬ ଅବଧିରେ ରାଜ୍ୟର ୮,୪୭,୯୭୫ ଜଣ ମତ୍ସ୍ୟଜୀବୀଙ୍କୁ ବୀମା ସୁରକ୍ଷା ଦିଆଯାଇଛି । ଏହି ଯୋଜନାରେ ବଜ୍ରାଘାତ, ବିଦ୍ୟୁତ୍ ଆଘାତ, ସଡ଼କ ଦୁର୍ଘଟଣା, ପାଣିରେ ବୁଡ଼ିବା ଓ ପଶୁକାମୁଡ଼ା ଯୋଗୁଁ ମୃତ୍ୟୁ/ଅକ୍ଷମତାକୁ ସହାୟତା ଦିଆଯାଏ । ପ୍ରତି ଲାଭାର୍ଥୀ ପିଛା ୭୯.୯୬ ପ୍ରିମିୟମ୍ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ୬୦:୪୦ ଅନୁପାତରେ ବହନ କରାଯାଏ ।

- ମୃତ୍ୟୁ/ସମ୍ପୂର୍ଣ୍ଣ ସ୍ଥାୟୀ ଅକ୍ଷମତା ପାଇଁ ୫ ଲକ୍ଷ ଟଙ୍କା
- ଆଂଶିକ ସ୍ଥାୟୀ ଅକ୍ଷମତା ପାଇଁ ୨.୫ ଲକ୍ଷ ଟଙ୍କା
- ଆକସ୍ମିକ ଡାକ୍ତରୀ ଚିକିତ୍ସା ପାଇଁ ୨୫,୦୦୦ ଟଙ୍କା

ପ୍ରଦାନ କରାଯାଏ

### ୩. ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର (PFCS) ପୁନଃସକ୍ରିୟ

ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର (PFCS) ପୁନଃସକ୍ରିୟ ଯୋଜନା ଅଧୀନରେ ୬୨୬ଟି PFCSକୁ ୨ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୨୫୨ ଲକ୍ଷ ଅବର୍ତୀ ପାଣ୍ଠି ପ୍ରଦାନ କରାଯାଇଛି । ଏହା ସମିତିମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

## ଓଡ଼ିଶା ମତ୍ସ୍ୟ ସମବାୟ ନିଗମ ଲିମିଟେଡ୍ (FISHFED)

### କ. ସମବାୟ ସମିତି ନିବନ୍ଧନ

ଓଡ଼ିଶାରେ ୮୬୧ଟି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି (PFCS) ଏବଂ ୫ଟି କେନ୍ଦ୍ରୀୟ ମତ୍ସ୍ୟ ସମବାୟ ସମିତି (CFCS) ଓଡ଼ିଶା କୋଅପରେଟିଭ୍ ସୋସାଇଟି ଆକ୍ଟ ଅଧୀନରେ ନିବନ୍ଧିତ । ଏହି ସମିତିମାନେ FISHFED ସହ ଅନୁସଙ୍ଗୀକୃତ ହୋଇ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରୁଛନ୍ତି ।

### ଖ. ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ଓ ଜେଟି ପରିଚାଳନା

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ୨୭ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର (FLC) ଓ ଜେଟି ଫିସଫେଡ଼କୁ ପରିଚାଳନା ପାଇଁ ହସ୍ତାନ୍ତର କରିଛି। ବହାବଲପୁର ଓ ବାଲୁଗାଁ FLC ସିଧାସଳଖ ପରିଚାଳନା କରୁଛି, ଅନ୍ୟାନ୍ୟ ଜେଟି PFCS ମାଧ୍ୟମରେ ପରିଚାଳିତ ହେଉଛି ।

### ଗ. ଆଧୁନିକ କ୍ଷୁଦ୍ର ମାଛ ବିକ୍ରୟ କେନ୍ଦ୍ର

ଫିସଫେଡ଼ ଭୁବନେଶ୍ୱରରେ ୩ଟି ଚିଲିକା ଫ୍ରେସ କିଓସ୍କ ପରିଚାଳା କରୁଛି । PPP ମୋଡ୍‌ରେ ଫାଲକନ ମେରାଇନ୍ ଏକ୍ସପୋର୍ଟ ଲିମିଟେଡ ଦ୍ୱାରା ୧୩ଟି ଆଧୁନିକ ମାଛ ବିକ୍ରୟ କେନ୍ଦ୍ର ଭୁବନେଶ୍ୱରରେ ଏବଂ ଗୋଟିଏ ମାଛ ବିକ୍ରୟ କେନ୍ଦ୍ର ନୟାଗଡ଼ରେ ପରିଚାଳିତ ହେଉଛି ।



### ଘ. ଫିସ୍ ଅନ୍ ହ୍ୱିଲସ୍ ପରିକଳ୍ପନା

ଫିସ୍ ଅନ୍ ହ୍ୱିଲସ୍ ପରିକଳ୍ପନା ମାଧ୍ୟମରେ ତଟକା ଓ ପୁଷ୍ଟିକର ମାଛ ସିଧାସଳଖ ଭାବେ ଗ୍ରାହକଙ୍କ ପାଖରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ଭୁବନେଶ୍ୱରରେ ୪ଟି ମୋବାଇଲ୍ କ୍ୟାଣ୍ଟିନ୍ ଭ୍ୟାନ୍ ଚାଲୁ ଅଛି । ଏହା ମାଛ ବିକ୍ରି ବୃଦ୍ଧି, ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସମର୍ଥନ ଓ ଖାଦ୍ୟ ସୁରକ୍ଷାକୁ ଶକ୍ତିଶାଳୀ କରୁଛି।

### ଚ. ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଭ୍ରମଣ

ରାଜ୍ୟ ଯୋଜନା "ତାଲିମ ଓ ଦକ୍ଷତା ବୃଦ୍ଧି ୨୦୨୫-୨୬" ଅଧୀନରେ — ୧୫୦ ଜଣ ମାଛ ଚାଷୀଙ୍କୁ ପ୍ରଶିକ୍ଷଣ, ୨୫୬ ଜଣ ଚାଷୀଙ୍କୁ ରାଜ୍ୟ ବାହାରେ ଅନୁଭବ ଭ୍ରମଣ, ୩୨ ଜଣ ବିଭାଗୀୟ ଅଧିକାରୀଙ୍କୁ ଏକ୍ସପୋଜର୍ ଭିଜିଟ୍ FISHFED ମାଧ୍ୟମରେ ସଂପନ୍ନ ହୋଇଛି ।


Exposure visit to Maa Fisheries, Ramsagar, Bankura, West Bengal

## ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ (OPDC)

ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ (OPDC) ରାଜ୍ୟରେ ମତ୍ସ୍ୟ ବିକାଶକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

ପ୍ରମୁଖ କାର୍ଯ୍ୟସମୂହ:

• ଉଚ୍ଚ ଗୁଣମାନର ନାଇଲନ୍ ଓ HDPE ମାଛ ଜାଲ ଉତ୍ପାଦନ ଓ ବିକ୍ରୟ । ମଞ୍ଚେଶ୍ୱର, ଭୁବନେଶ୍ୱରରେ OPDCର ନେଟ୍ ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପିତ । ଏଠାରେ NylonMono Gillnet, HDPE Net, Fish Dragnet, Nylon Multifilament ଇତ୍ୟାଦି ବିଭିନ୍ନ ପ୍ରକାର ଜାଲ ଉତ୍ପାଦିତ ହୁଏ । ଏଗୁଡ଼ିକ ବିଭିନ୍ନ ଯୋଜନା ଅଧୀନରେ ବଣ୍ଟନ ହୁଏ।

• ମତ୍ସ୍ୟଜୀବୀ ଓ ଟ୍ରଲର୍ ଚାଳକମାନଙ୍କୁ ଉଚ୍ଚ ଗୁଣସ୍ତରର ଡିଜେଲ (HSD) ଓ ଲୁବ୍ରିକେଣ୍ଟ୍ ଯୋଗାଣ






• ଉତ୍କୃଷ୍ଟ ଗୁଣସ୍ତରର ମାଛ ଯାଆଁଳ ଉତ୍ପାଦନ ଓ ରାଜ୍ୟ ତଥା ରାଜ୍ୟ ବାହାରର ଚାଷୀଙ୍କୁ ଯୋଗାଣ; ଆଗୁଆ-ପ୍ରଜନନ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ

• ବିଭାଗୀୟ ଅଧିକାରୀଙ୍କ ୫୦୦ରୁ ଅଧିକ ଏକ୍ସପୋଜର୍ ଭିଜିଟ୍

• ରାଜ୍ୟ ଯୋଜନା ଅଧୀନରେ ବିଭିନ୍ନ ଜଳାଶୟରେ ମାଛ ଫିଙ୍ଗରଲିଙ୍ଗ୍ ଛଡ଼ାଯାଏ

• ମତ୍ସ୍ୟ କ୍ଷେତ୍ରର ସ୍ଥାୟୀ ଓ ସୁଦୃଢ଼ ବିକାଶ ପାଇଁ ଅନ୍ୟ ବ୍ୟବସାୟରେ ପ୍ରବେଶର ସୁଯୋଗ

• OPDC ପାଖରେ ୫ଟି ସ୍ୱୟଂ ମାଲିକାନାର ମାଛ ଯାଆଁଳ ହ୍ୟାଚେରୀ ପ୍ରକଳ୍ପ ଓ ୨୧ଟି ଲିଜ୍‌ରେ ନିଆଯାଇଥିବା ଫାର୍ମ ରହିଛି

• ସମୁଦ୍ରତଟରେ ୮ଟି HSD ଓ MS ଆଉଟଲେଟ୍ ରହିଛି, ଯାହା ମତ୍ସ୍ୟଜୀବୀ ଓ ପରିବହନକାରୀଙ୍କୁ ଗୁଣମାନସମ୍ପନ୍ନ ଇନ୍ଧନ ଯୋଗାଇ ପୋଷ୍ଟ-ହାର୍ଭେଷ୍ଟ କ୍ଷତି କମାଇଥାଏ।

## ସୂଚନା, ଶିକ୍ଷା ଓ ଯୋଗାଯୋଗ (IEC)

ସୂଚନା, ଶିକ୍ଷା ଓ ଯୋଗାଯୋଗ (IEC) କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ମାଛ ଚାଷୀ, ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ବୈଜ୍ଞାନିକ ଓ ଆଧୁନିକ ଜଳକୃଷି ପରିଚାଳନା ବିଷୟରେ ସଚେତନ କରାଯାଉଛି। ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ୨୫ କୋଟି ଅନୁଦାନ IEC କାର୍ଯ୍ୟକଳାପ ପାଇଁ ନିର୍ଦ୍ଧାରିତ

ପ୍ରମୁଖ ଉଦ୍ଦେଶ୍ୟ:

• ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି

• ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା ବିଷୟରେ ସଚେତନତା

• ଆଧୁନିକ ଓ ବୈଜ୍ଞାନିକ ପଦ୍ଧତି ମାଛଚାଷ ପ୍ରଚାର

ମାଧ୍ୟମ ବ୍ୟବହାର:

• ଟିଭି ବିଜ୍ଞାପନ, ରେଡିଓ ଜିଙ୍ଗଲ୍

• ପୋଷ୍ଟର, ବ୍ୟାନର୍, ହୋର୍ଡିଂ

• ପ୍ରମୁଖ ଓଡ଼ିଆ ସମ୍ବାଦପତ୍ରରେ ପ୍ରଚାର

• ସୋସିଆଲ୍ ମିଡିଆ (Facebook, X, Instagram, YouTube, WhatsApp, LinkedIn)

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା (MOPSM)

ତୃଣମୂଳସ୍ତରରେ ଚାଷୀମାନଙ୍କୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବା ପାଇଁ ୩୧୪ଟି ବ୍ଲକ୍‌ରେ ପ୍ରଥମଥର ପାଇଁ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଥିଲା । ଏଠାରେ ଷ୍ଟଲ୍ ପ୍ରଦର୍ଶନୀ, ଜୀବନ୍ତ ମତ୍ସ୍ୟ ପ୍ରଦର୍ଶନ ଓ ଚାଷୀ–ବୈଜ୍ଞାନିକ ଆଲୋଚନା ହୋଇଥିଲା । ଜିଲ୍ଲା ସ୍ତରୀୟ MOPSM ଡିସେମ୍ବର–ଜାନୁଆରୀ ୨୦୨୫ରେ ତୃତୀୟ ବର୍ଷ ପାଇଁ ଆୟୋଜିତ ହୋଇଥିଲା। ପ୍ରାୟ ୧ ଲକ୍ଷ ଦର୍ଶକ ଯୋଗଦେଇଥିଲେ। ୧୦୦ରୁ ଅଧିକ ପ୍ରଗତିଶୀଳ ମାଛ ଚାଷୀ ଓ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା।



## ଜାତୀୟ ମତ୍ସ୍ୟ ଚାଷୀ ଦିବସ ଓ ବିଶ୍ୱ ମତ୍ସ୍ୟ ଦିବସ ପାଳନ

୧୯୫୭ ମସିହାରେ ବୈଜ୍ଞାନିକ ଡକ୍ଟର ହୀରାଲାଲ ଚୌଧୁରୀ ଏବଂ ଡକ୍ଟର କେ.ଏଚ୍. ଆଲିକୁନହିଙ୍କ ଦ୍ୱାରା ଭାରତୀୟ ମେଜର କାର୍ପ ମାଛର ପ୍ରଥମ ପ୍ରଜନନ ହାସଲ କରିବାରେ ସଫଳତାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୦ ତାରିଖରେ ଭାରତରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କରାଯାଏ । ଚଳିତ ବର୍ଷ ଜାତୀୟ ମାଛ ଚାଷୀ ଦିବସ ICAR ଠାରେ ପାଳିତ ହୋଇଥିଲା । ଏଥିରେ ୧୦ ଜିଲ୍ଲାର ମତ୍ସ୍ୟଚାଷୀ ଓ WSHG ସଦସ୍ୟା ଯୋଗଦେଇଥିଲେ । ସେହିପରି ୨୧ ନଭେମ୍ବର, ୨୦୨୫ ରେ କୃଷି ଶିକ୍ଷା ସଦନ, ICAR-CIFA ରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଥିଲା, ଯେଉଁଠାରେ ମହାନଦୀ ମହାସୀର ମାଛର ସଂରକ୍ଷଣ, ସୁରକ୍ଷା ଏବଂ ଉତ୍ପାଦନ ବୃଦ୍ଧି ପାଇଁ ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା ଏବଂ ICAR-CIFA ନିର୍ଦ୍ଦେଶକଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।




## OSRTC ବସ୍‌ରେ ବିଜ୍ଞାପନ

ରାଜ୍ୟରେ ମତ୍ସ୍ୟ ଯୋଜନା ବିଷୟରେ ବ୍ୟାପକ ଜନ ସଚେତନତା ପାଇଁ ୧୦୦ଟି OSRTC ବସ୍ ଓ ୩୦୦ଟି MBC ବସ୍‌ରେ MMKY, PMMSY ଓ PM-MKSSY ବିଜ୍ଞାପନ ପ୍ରଦର୍ଶନ କରାଯାଇଛି। ସେହିପରି ମତ୍ସ୍ୟ କ୍ଷେତ୍ରରେ ଉପଲବ୍ଧି, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ୨୦୨୫–୨୬ରେ ୩୯୮ଟି ହୋର୍ଡିଂ ପ୍ରଦର୍ଶିତ କରାଯାଇଛି।




## OIIPCRA ଉପରେ ରାଜ୍ୟସ୍ତରୀୟ କର୍ମଶାଳା

୨୩.୧୨.୨୦୨୫ ରେ ଓଡିଶାରେ ଜଳବାୟୁ ପରିବର୍ତ୍ତିତ ଜଳକୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (OIIPCRA) ଏବଂ ଭବିଷ୍ୟତର ମାର୍ଗ ଉପରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜଳବାୟୁ ପରିବର୍ତ୍ତନ ଚ୍ୟାଲେଞ୍ଜକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ଏବଂ ବିଭିନ୍ନ ଇନପୁଟ୍ ସମର୍ଥନ ପଦକ୍ଷେପ ମାଧ୍ୟମରେ ଚାଷୀଙ୍କ ଆୟ ଏବଂ ଜୀବିକା ବୃଦ୍ଧି କରିବା ପାଇଁ ନୂତନ ଜ୍ଞାନ ଏବଂ କୌଶଳ ଗ୍ରହଣ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା । ଏହି ପ୍ରକଳ୍ପ ୧୫ଟି ଜିଲ୍ଲା, ଯଥା- ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, ଗଜପତି, ଗଞ୍ଜାମ, ଜାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ନୁଆପଡ଼ା ଓ ସୁବର୍ଣ୍ଣପୁରରେ କାର୍ଯ୍ୟରତ ଅଛି ।



Fisheries & Animal Resources Development Department
Government of Odisha

# Odisha Fisheries Fact Sheet

## Odisha general Information

| | |
|---|---|
| Total area | 155,707 km² |
| Length of coastline | 575 km |
| EEZ | 0.17 million km² |
| Continental shelf | 24000 km² |
| Total Population (Census 2011) | 4,19,74,218 |
| Male | 2,12,12,136 |
| Female | 2,07,62,082 |
| Children | 52,73,194 |
| Scheduled Tribe | 95,90,756 (22.8%) |
| Scheduled Caste | 71,88,463 (17.1%) |
| Literacy rate (Census 2011) | 72.9% |
| Malnutrition rate among children below age 5 (CNNNS 2016-1018) | 29% |
| No. of Districts | 30 |
| No. of Blocks | 314 |
| No. of Tahsils | 317 |
| No. Gram Panchayat | 6798 |
| No. of coastal Districts | 7 |
| No. of Villages | 739 |
| Contribution of agriculture and allied sector to GSDP (2024-2025) | 18.9% |
| Contribution of fisheries Sector to GSDP (2024-2025) | 2.09% |
| Per capita income (2024-2025) | INR 1,82,548 |
| Fish consuming population (NFHS-4) | 94.75% |
| per capita fish consumption | 19.16 kg |

## Odisha fisheries administrative zones




## Fisheries resources and fish production during 2024-2025

**Total Fish Production** — **11.92 lakh metric tons**

### Freshwater resources — **7.83 lakh metric tons**

| | |
|---|---|
| Total area | 7.12 lakh ha |
| Ponds and tanks | 1.61 lakh ha |
| Reservoirs and MIPs | 2.00 lakh ha |
| lakes/swamps/beels | 1.80 lakh ha |
| Rivers and canals | 1.71 lakh ha |

### Brackish Water resources — **1.68 lakh metric tons**

| | |
|---|---|
| Total area | 4.18 lakh ha |
| Cultivable area | 0.33 lakh ha |
| Backwater | 0.08 lakh ha |
| Chilika Lake | 0.79lakh ha |
| Estuaries | 2.98 lakh ha |

### Marine Fisheries Resources — **2.39 lakh metric tons**

| | |
|---|---|
| MSY potential | 2.93 lakh MT |
| Fishing habours | 4 |
| Fishing jetty | 25 |
| Other landing centers | 44 |
| Mechanized craft | 1741 |
| Motorized craft | 11,203 |
| Non-motorized craft | 7463 |
| Fish drying platforms | 10 |

### Export of seafood

| | |
|---|---|
| Export value | INR 4708 crores |
| Export quantity | 91,930 metric tons |

**Shrimp PL production** — 1945.5 million

**Fish seed (fry) production** — 396 Crore







## Hatchery and other resources

| | | | |
|---|---|---|---|
| Govt. IMC fish seed hatcheries | 224 | Private shrimp seed hatcheries | 26 |
| Private IMC fish seed hatcheries | 158 | Seafood exporters | 62 |
| Govt. fish seed rearing farm | 78 | Seafood processing plants | 43 |
| Govt. GIFT tilapia seed hatchery | 1 | Ice plants / Cols Storage | 99 |
| Private GIFT tilapia seed hatcheries | 4 | Fish and shrimps feed mills | 6 |
| Govt. shrimp seed hatchery | 1 | Primary fishermen cooperative societies | 861 |

## Total Fishermen population

| | |
|---|---|
| Inland fishermen | 9,32,476 |
| Chilika lake fishermen | 150,000 |
| Marine fishermen (CMFRI 2016) | 5,17,623 |
| **Total Fishermen** | **16,00,099** |

Marine fishermen families (CMFRI 2016) 1,15,228

## Training centers of Directorate of Fisheries

1. Fisheries Traigning Institute, Balugaon
2. Brackish Water Fisheres Training Institute, Paradeep



## ବିଭାଗ - ଖ

# ପ୍ରାଣିସମ୍ପଦ ବିକାଶ କ୍ଷେତ୍ର





# ବିଶେଷ କାର୍ଯ୍ୟକ୍ରମ ୨୦୨୪-୨୫

## ଓଡ଼ିଶା ଭବନରେ ଓମଫେଡ଼ କାଫେ ଉଦଘାଟନ:

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀର ଓଡ଼ିଶା ଭବନରେ ଓମଫେଡ଼ କାଫେ ଏବଂ କୋରାପୁଟ କଫି କାଫେର ଉଦଘାଟନ କରିଛନ୍ତି, ଯାହା ଜାତୀୟ ସ୍ତରରେ ଓଡ଼ିଶାର ଦୁଗ୍ଧ ଏବଂ କଫି ଉତ୍ପାଦକୁ ପ୍ରୋତ୍ସାହିତ କରିବ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଦିଲ୍ଲୀରେ ଓଡିଆ ବାସିନ୍ଦାଙ୍କୁ ସେବା ଯୋଗାଇବା ସହିତ ଜାତୀୟ ସ୍ତରର ଗ୍ରାହକମାନଙ୍କୁ ଆକର୍ଷିତ କରିବା ଏବଂ ଏହାଦ୍ୱାରା ବ୍ରାଣ୍ଡ ଦୃଶ୍ୟମାନତା ଏବଂ ବଜାର ପ୍ରସାର ବୃଦ୍ଧି କରିବା । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ। ବିଭାଗୀୟ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ଆବାସିକ କମିଶନର ଶ୍ରୀ ବିଶାଳ ଗଗନ, TDCL ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପୋମା ଟୁଡୁ ଏବଂ OMFED ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।






## ଦୁଗ୍ଧ ପରିବହନ ଯାନ ଏବଂ ଦୁଗ୍ଧଗୁଣ୍ଡ ପ୍ୟାକିଂ ୟୁନିଟ୍ ଶୁଭାରମ୍ଭ:

କଟକ ଗୋବିନ୍ଦପୁର ଅରିଲୋଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୨ଟି ଦୁଗ୍ଧ ପରିବହନ ଯାନର ଉଦଘାଟନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ପତାକା ଦେଖାଇ ଏହି ସବୁ ଦୁଗ୍ଧ ପରିବହନ ଟ୍ୟାଙ୍କରର ଶୁଭାରମ୍ଭ କରିଛନ୍ତି । ଏହା ସହ ୬୨ଟି ଓମ୍‌ଫେଡ୍ ଷ୍ଟାଫ୍ କ୍ୱାର୍ଟର୍ସ ଏବଂ ୩ଟି ଦୁଗ୍ଧଗୁଣ୍ଡ ପ୍ୟାକିଂ ମେସିନର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକର ମାନ୍ୟବର ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କର୍ମଚାରୀମାନଙ୍କୁ ଘରର ଚାବି ପ୍ରଦାନ କରିଥିବା ବେଳେ ବିଭିନ୍ନ ଜିଲ୍ଲାର ମିଲ୍କ ୟୁନିୟନକୁ ମଧ୍ୟ ଦୁଗ୍ଧ ପରିବହନ ଯାନର ଚାବି ପ୍ରଦାନ କରିଥିଲେ ।

## ଜାତୀୟ ଗୋପାଳ ରତ୍ନ ପୁରସ୍କାର

ଜାତୀୟ ଦୁଗ୍ଧ ଦିବସରେ ଅନୁଗୁଳ ଜିଲ୍ଲାର ଶ୍ରୀ ଦିଲୀପ କୁମାର ପ୍ରଧାନ ଶ୍ରେଷ୍ଠ କୃତ୍ରିମ ପ୍ରଜନନ ଟେକ୍ନିସିଆନ (AIT) ପାଇଁ ଜାତୀୟ ଗୋପାଳ ରତ୍ନ ପୁରସ୍କାର ୨୦୨୫ ପାଇଛନ୍ତି । ଲଗାତର ଚତୁର୍ଥ ଥର ପାଇଁ ଓଡ଼ିଶା ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛି । ଏହି ପୁରସ୍କାର ଦୁଗ୍ଧ ଉତ୍ପାଦନର ଉତ୍କର୍ଷତା ପ୍ରତି ତାଙ୍କର ଉତ୍ସର୍ଗତାର ଏକ ପ୍ରକୃତ ପ୍ରମାଣ ।








## ବିଶ୍ୱ ଦୁଗ୍ଧ ଦିବସ ୨୦୨୫

ରାଜ୍ୟ ସ୍ତରରେ ଲୋକସେବା ଭବନର କନଭେନସନ ସେଣ୍ଟରରେ ଗୋପାଳକମାନଙ୍କ ସକ୍ରିୟ ଅଂଶଗ୍ରହଣରେ ବିଶ୍ୱ ଦୁଗ୍ଧ ଦିବସ ପାଳିତ ହୋଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଦୁଗ୍ଧ ବିକାଶ ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ବିଶେଷଜ୍ଞଙ୍କ ନେତୃତ୍ୱରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଗତିଶୀଳ ଦୁଗ୍ଧଚାଷୀଙ୍କୁ ସମ୍ମାନିତ କରିବା ସହ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ହିତାଧିକାରୀମାନଙ୍କୁ ସବସିଡି ବଣ୍ଟନ ଏବଂ ରାଜ୍ୟର ପଞ୍ଜିକୃତ ଗୋଶାଳାଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

## ସ୍ୱଦେଶୀ ପ୍ରଜାତି ସଂରକ୍ଷଣ ପାଇଁ ପଦକ୍ଷେପ

ସ୍ୱଦେଶୀ ପ୍ରଜାତି ସଂରକ୍ଷଣ ପଦକ୍ଷେପ ଅଧୀନରେ, ବିଞ୍ଝାରପୁରୀ ପ୍ରାଣି ଉତ୍ପାଦକ ଏବଂ ପ୍ରମୋଟର୍ସ ସମିତି (BCPPS), OLRDS ସହଯୋଗରେ, ସ୍ୱଦେଶୀ ବିଞ୍ଝାରପୁରୀ ଗୋ-ପ୍ରଜାତି ସଂରକ୍ଷଣ ଏବଂ ଜେନେଟିକ୍ ଉନ୍ନତିରେ ସକ୍ରିୟ ଭାବରେ ନିୟୋଜିତ ହୋଇଛି । ଏହି ଉତ୍ସର୍ଗୀକୃତ ପ୍ରୟାସକୁ ସ୍ୱୀକୃତି ଦେଇ, BCPPS ର ସମ୍ପାଦକ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର ୨୦୨୫ ରେ ସମ୍ମାନିତ କରାଯାଇଥିଲା।





## NDS ଦ୍ୱାରା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ପାଇଁ ସୁବିଧା

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ଅଧୀନରେ, NDDB ଡେରୀ ସେବା (NDS) - ସମର୍ଥିତ ଗୋ-ରହଣି କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଗୋ-ପାଳନ ଯୋଜନା (GPY)କୁ ସୁଦୃଢ଼ କରାଯାଇଛି । ଓଡ଼ିଶା ବାହାରୁ ସଂଗୃହିତ ଉତ୍ତମ ଗୁଣାତ୍ମକମାନର ଦୁଧିଆଳୀ ଗାଈଗୁଡ଼ିକୁ ବର୍ତ୍ତମାନ ଏହି ଅସ୍ଥାୟୀ ଗୋ-ରହଣି କେନ୍ଦ୍ରଗୁଡ଼ିକୁ ପରିବହନ କରାଯାଉଛି, ଯାହା ଗୋ-ପାଳନ ଯୋଜନାର ହିତାଧିକାରୀମାନଙ୍କୁ କ୍ରୟ କରିବା ପୂର୍ବରୁ ଗାଈଙ୍କୁ ଶାରୀରିକ ଭାବରେ ଯାଞ୍ଚ ଏବଂ ଚୟନ କରିବାକୁ ସକ୍ଷମ କରୁଛି । ଏହି ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ୬୦ ରୁ ୭୦ ପ୍ରତିଶତ ସରକାରୀ ସହାୟତା ପାଇଁ ଗୁଣବତ୍ତା ନିଶ୍ଚିତିକରଣ, ସ୍ୱଚ୍ଛତା ଏବଂ ସହଜ ବ୍ୟବସ୍ଥା ସୁନିଶ୍ଚିତ କରୁଛି । ଏହା ଦ୍ୱାରା ବୈଜ୍ଞାନିକ ପ୍ରଣାଳୀ ସମ୍ମତ ଗୋପାଳନକୁ ପ୍ରୋତ୍ସାହିତ କରିବା ସହ ସମଗ୍ର ରାଜ୍ୟର ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସହାୟକ ହେଉଛି।

## GAUSORT ଶୁକ୍ର-ପ୍ରକ୍ରିୟାକରଣ ୟୁନିଟ୍

NDDB ଡେରୀ ସର୍ଭିସେସ୍ ସହଯୋଗରେ GAUSORT ଶୁକ୍ର-ପ୍ରକ୍ରିୟାକରଣ ୟୁନିଟ୍ ୨୬ ନଭେମ୍ବର ୨୦୨୫ ରେ କଟକର ହିମିକୃତ ଶୁକ୍ର ଭଣ୍ଡାର (FSB) ଠାରେ ପ୍ରତିଷ୍ଠିତ ହୋଇଛି, ଯାହା ପ୍ରାଣିସମ୍ପଦର ଉନ୍ନତି ପଥରେ ଓଡ଼ିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ବାର୍ଷିକ ୧ ଲକ୍ଷ ଲିଙ୍ଗ ନିରୂପିତ ଶୁକ୍ର (SSS) ଡୋଜ୍ ଉତ୍ପାଦନ କ୍ଷମତା ସହିତ, ଓଡ଼ିଶାରେ ଏପରି ଏକ ସୁବିଧା ସ୍ଥାପନ କରିବାରେ ଭାରତର ଚତୁର୍ଥ ରାଜ୍ୟ ହୋଇଛି। ଏହି ପଦକ୍ଷେପ ଦ୍ୱାରା ପ୍ରତି ଡୋଜ୍ ଲିଙ୍ଗ ନିରୂପିତ ଶୁକ୍ରର ମୂଲ୍ୟ ୬୭୫ ଟଙ୍କାରୁ୨୩୫ ଟଙ୍କାକୁ ହ୍ରାସ ପାଇଛି। ଖରିଆର, ଘୁମସୁରୀ ଏବଂ ବିଞ୍ଝାରପୁରୀ ଭଳି ଦେଶୀ ପ୍ରଜାତି ସହିତ ବିଦେଶୀ ପ୍ରଜାତିର ଲିଙ୍ଗ ନିରୂପିତ ଶୁକ୍ର ଉତ୍ପାଦନରେ ସକ୍ଷମ ହୋଇଛି, ଯାହା ପ୍ରଜାତି ଉନ୍ନତି ଏବଂ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିଛି।




## ସମସ୍ତ ଜିଲ୍ଲାରେ OSWASର କାର୍ଯ୍ୟାନ୍ୱୟନ

OSWAS ସମସ୍ତ ଜିଲ୍ଲା କାର୍ଯ୍ୟାଳୟ ଏବଂ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶାଳୟ ଅଧୀନସ୍ଥ ସମସ୍ତ କାର୍ଯ୍ୟାଳୟ ଗୁଡ଼ିକରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି, ଯାହା ଏକ ସୁଗମ ଏବଂ ସ୍ୱଚ୍ଛ ଡିଜିଟାଲ୍ କାର୍ଯ୍ୟପ୍ରଣାଳୀ ସୁନିଶ୍ଚିତ କରୁଛି। ଏହି ସିଷ୍ଟମ ଏବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହିତ, ସମସ୍ତ ଜିଲ୍ଲାରେ ଫାଇଲ୍ ପ୍ରକ୍ରିୟାକରଣ OSWAS ମାଧ୍ୟମରେ ଆରମ୍ଭ ହୋଇସାରିଛି, ମାନୁଆଲ୍ ପରିଚାଳନାକୁ ସର୍ବନିମ୍ନ କରି ଦକ୍ଷତା, ଉତ୍ତରଦାୟିତ୍ୱ ଏବଂ ରେକର୍ଡ ପରିଚାଳନା ସୁଦୃଢ ହୋଇପାରିଛି। ଏହି ପଦକ୍ଷେପ କାଗଜବିହୀନ ଶାସନ, ଶୀଘ୍ର ନିଷ୍ପତ୍ତି ଗ୍ରହଣ ଏବଂ ବିଭିନ୍ନ ପ୍ରଶାସନିକ ସ୍ତରରେ ଉନ୍ନତ ତଦାରଖ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏହାଦ୍ୱାରା ସାଂସ୍ଥାଗତ ସମନ୍ୱୟକୁ ସୁଦୃଢ଼ ଏବଂ ଅଧିକ ପ୍ରତିକ୍ରିୟାଶୀଳ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ପ୍ରଶାସନିକ ଢାଞ୍ଚାକୁ ପ୍ରୋତ୍ସାହିତ କରୁଛି ।







## GO-Sugam ସହିତ FARMS ପୋର୍ଟାଲ ସମନ୍ୱୟ

ସ୍ୱଚ୍ଛତା ବୃଦ୍ଧି, ଡୁପ୍ଲିକେସନ୍ ଦୂର କରିବା ଏବଂ ବ୍ୟବସ୍ଥିତ ଡିଜିଟାଲ୍ ଡକ୍ୟୁମେଣ୍ଟେସନ୍ ସୁନିଶ୍ଚିତ କରିବା ପାଇଁ GO-Sugam ସହିତFARMS ପୋର୍ଟାଲ ସମନ୍ୱୟ ଆରମ୍ଭ କରାଯାଇଛି। ଏହି ସମନ୍ୱିତ ପ୍ଲାଟଫର୍ମ ମଧ୍ୟରେ ନିର୍ବିଘ୍ନ ତଥ୍ୟ ପ୍ରବାହକୁ, ମନିଟରିଂ ଏବଂ ସେବା ବିତରଣରେ ସଠିକତାକୁ ସୁନିଶ୍ଚିତ କରେ । ଏହି ପଦକ୍ଷେପ ମାଧ୍ୟମରେ ଦକ୍ଷତା ସଂପର୍ଣ୍ଣ ରେକର୍ଡ ପରିଚାଳନା ଏବଂ ଅଧିକ ଦାୟିତ୍ୱବାନ, ପ୍ରଯୁକ୍ତିବିଦ୍ୟା-ଚାଳିତ ପ୍ରଶାସନିକ ପ୍ରକ୍ରିୟାକୁ ସୁଦୃଢ଼ କରେ। FARMS ପୋର୍ଟାଲ ମାଧ୍ୟମରେ, ବିଭିନ୍ନ ଯୋଜନା ଅନ୍ତର୍ଭୁକ୍ତ ଫାର୍ମଗୁଡ଼ିକୁ GPS ମାଧ୍ୟମରେ ସଠିକ୍ ଭାବରେ ଭୌଗୋଳିକ ସ୍ଥିତି ଆକଳନ କରାଯାଇ ପାରୁଛି ଯାହା ସଠିକ୍ ଯାଞ୍ଚ ଏବଂ କ୍ଷେତ୍ର ପର୍ଯ୍ୟବେକ୍ଷଣକୁ ସକ୍ଷମ କରୁଛି ।



# ଉପକ୍ରମ

ପ୍ରାଣିସମ୍ପଦ ବିକାଶ କ୍ଷେତ୍ର ଓଡ଼ିଶାର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ୨୦୨୫-୨୦୨୬ ଆର୍ଥିକ ବର୍ଷରେ ମୋଟ ରାଜ୍ୟ ଘରୋଇ ଉତ୍ପାଦକୁ ପ୍ରାୟ ୨.୬୦ ପ୍ରତିଶତର ଯୋଗଦାନ ଦେଇଛି । ଏହା ବିଶେଷକରି ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ଭାବରେ ଉଭା ହୋଇଛି।ପ୍ରାଣିପାଳନ କ୍ଷେତ୍ର  କ୍ଷୀର, ମାଂସ, ଅଣ୍ଡା ଏବଂ ଅନ୍ୟାନ୍ୟ ପ୍ରାଣିଜ ଉତ୍ପାଦ ଉତ୍ପାଦନ ମାଧ୍ୟମରେ ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ । ଏହା ସହିତ ପ୍ରାଣିସମ୍ପଦ କ୍ଷେତ୍ର ବିଶେଷକରି କ୍ଷୁଦ୍ର ଏବଂ ନାମମାତ୍ର  ଚାଷୀ, ଭୂମିହୀନ ଶ୍ରମିକ ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଥାଏ, ଯାହା ଦାରିଦ୍ର୍ୟ ଦୂରୀକରଣ ଏବଂ ଗ୍ରାମୀଣ ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ରାଜ୍ୟରେ ୫୮ଟି ଭେଟେରିନାରୀ ହସ୍ପିଟାଲ, ୪୮୩ଟି ଭେଟେରିନାରୀ ଡିସପେନସାରୀ, ୩୧୪ଟି ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ ଏବଂ ୩୨୩୯ଟି ପ୍ରାଣିଧନ ସହାୟତା କେନ୍ଦ୍ରର ଏକ ସୁପ୍ରତିଷ୍ଠିତ ନେଟୱାର୍କ ପ୍ରାଣିରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ନିବାରଣ ସମେତ ପ୍ରାଣିଧନ ସ୍ୱାସ୍ଥ୍ୟସେବା ପ୍ରଦାନକୁ ନିଶ୍ଚିତ କରୁଅଛି । ଏହି ସବୁ  ସୁବିଧା ଦ୍ୱାରା  ପ୍ରାଣିପାଳକଙ୍କ ଜୀବିକା ସୁରକ୍ଷା ପାଇଁ ପ୍ରାଣୀ  ଟିକାକରଣ, ପ୍ରଜନନ ଏବଂ ପୁଷ୍ଟିସାଧନ ଉପରେ ପରାମର୍ଶ ସେବା ମଧ୍ୟ ପ୍ରଦାନ କରାଯାଉଛି । ଏହି ରିପୋର୍ଟରେ ୨୦୨୫-୨୦୨୬ ବର୍ଷରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ପ୍ରାପ୍ତ ପ୍ରମୁଖ ସଫଳତା ଏବଂ ନିଆଯାଇଥିବା ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇଛି । ଏହି ସବୁ ପଦକ୍ଷେପ ଦ୍ୱାରା ପ୍ରାଣିପାଳନ କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧି, ପ୍ରାଣିଜ ଉତ୍ପାଦନ ବୃଦ୍ଧି ଏବଂ ପ୍ରାଣିସ୍ୱାସ୍ଥ୍ୟ ରକ୍ଷା ସହ  ସାରା ଓଡ଼ିଶାରେ ଚାଷୀ ଏବଂ ପ୍ରାଣିପାଳକଙ୍କ ଜୀବିକା ଉନ୍ନତ ହୋଇପାରିବ ।

# ବିଭିନ୍ନ ସମ୍ପଦ

## I.ପ୍ରାଣିସମ୍ପଦ:

୨୦ତମ ପ୍ରାଣିଧନ ଗଣନା ଅନୁଯାୟୀ, ରାଜ୍ୟରେ ୧୮୨ ଲକ୍ଷ ଗୃହପାଳିତ ପ୍ରାଣୀ ଏବଂ ୨୭୪ ଲକ୍ଷ କୁକୁଡ଼ା ସଂଖ୍ୟା ରହିଛି, ଯାହା ଦେଶର ପ୍ରାଣିଧନର ୩.୩୯% ଏବଂ କୁକୁଡ଼ା ସଂଖ୍ୟାର ୩.୨୨% ଅଟେ। ରାଜ୍ୟର ସମୁଦାୟ ଗୃହପାଳିତ ପ୍ରାଣୀ ମାନଙ୍କ ମଧ୍ୟରେ ଗାଈଗୋରୁଙ୍କ ସଂଖ୍ୟା ୫୫ % ରୁ ଅଧିକ ଅଟେ ।

| Sl. no | Species | | Population in lakhs |
|---|---|---|---|
| 1 | Cattle | Indigenous | 83.23 |
| | | Crossbreed | 15.80 |
| | | Total Cattle | 99.03 |
| | | Indigenous Female | 44.96 |
| | | Crossbreed Female | 13.44 |
| 2 | Buffalo | | 4.58 |
| 3 | Goat | | 63.93 |
| 4 | Sheep | | 12.79 |
| 5 | Pig | | 1.35 |
| 6 | Poultry | | 274 |




## II.ସଂଗଠନିକ ସମ୍ବଳ :

ପ୍ରାଣିସମ୍ପଦ ବିକାଶ କ୍ଷେତ୍ର ଦୁଗ୍ଧ ଚାଷ, କୁକୁଡ଼ା ପାଳନ, ଛେଳିମେଣ୍ଢା ପାଳନ, ଘୁଷୁରି ପାଳନ, ଘାସ ଉତ୍ପାଦନ ଏବଂ ପ୍ରାଣିକଲ୍ୟାଣ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ପଶୁ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ମଧ୍ୟ ଧ୍ୟାନ ଦିଏ, ଯେଉଁଥିରେ ବାର୍ଡ ଫ୍ଲୁ, ଆନ୍ଥ୍ରାକ୍ସ ଏବଂ ବ୍ରୁସେଲୋସିସ୍ ଭଳି ଜୁନୋଟିକ୍ ସଂକ୍ରମଣ ଅନ୍ତର୍ଭୁକ୍ତ । ଏକ ସୁସଂଗଠିତ ସାଂସ୍ଥାଗତ ବ୍ୟବସ୍ଥା ସହିତ, ଏହି କ୍ଷେତ୍ର ଗ୍ରାମୀଣ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଦୁର୍ବଳ ବର୍ଗକୁ ସମର୍ଥନ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇ ସେବାଗୁଡ଼ିକୁ ପ୍ରଦାନ କରେ ।

| Institution | Numbers |
|---|---|
| Veterinary Hospital / Dispensary(VH/VD) | 541 |
| Livestock Aid Centre (LAC) | 3239 |
| Frozen Semen Artificial Insemination Centre | 5131 |
| Clinical Investigation Laboratory/State Veterinary Laboratory | 4 |
| Animal Diseases Research Institute | 1 |
| District Diagnostics Laboratory | 26 |
| Frozen Semen Bank(FSB) | 1 |
| Odisha Biological Products Institute | **2** |
| Veterinary Officers Training Institute(VOTI) | 1 |
| Department Training centers | **7** |
| Livestock Breeding Farms | 15 |
| Poultry /Duck Breeding Farms | 10 |
| Fodder Farms / Fodder Seed production | 18 |

# ପ୍ରାଣିପାଳନ କ୍ଷେତ୍ରରୁ ପ୍ରମୁଖ ଉତ୍ପାଦନ

ରାଜ୍ୟରେ ପ୍ରାଣିପାଳନ କ୍ଷେତ୍ରରେ କ୍ଷୀର, ମାଂସ ଏବଂ ଅଣ୍ଡା ଭଳି ପ୍ରମୁଖ ଉତ୍ପାଦ ବୃଦ୍ଧି ପାଇଛି । ଏହି ଉତ୍ପାଦନର ଧାରା ଓ ମୁଣ୍ଡପିଛା ଉପଲବ୍ଧତା ନିମ୍ନରେ ବର୍ଣ୍ଣନା କରାଯାଇଛି ।

**Year-wise Production and Per Capita Availability of Milk, Meat and Egg:**

| Year | Production of milk (TMT) | Per Capita availability of Milk (gram/day) | Production of Meat (TMT) | Per Capita availability of Meat (KG/annum) | Production of Egg (million numbers) | Per Capita availability of Eggs (numbers / annum) |
|---|---|---|---|---|---|---|
| 2015-16 | 1930.47 | 121 | 164.75 | 3.78 | 1927.30 | 44 |
| 2016-17 | 2003.42 | 125 | 176.52 | 4.01 | 1974.40 | 45 |
| 2017-18 | 2087.96 | 129 | 183.42 | 4.14 | 2062.19 | 47 |
| 2018-19 | 2311.07 | 142 | 201.82 | 4.52 | 2345.20 | 53 |
| 2019-20 | 2370.18 | 144 | 205.17 | 4.56 | 2381.40 | 53 |
| 2020-21 | 2372.8 | 143 | 213.10 | 4.70 | 2424.27 | 53 |
| 2021-22 | 2402.06 | 144 | 216.20 | 4.73 | 3078.52 | 67 |
| 2022-23 | 2476.42 | 148 | 226.87 | 4.93 | 3410.82 | 74 |
| 2023-24 | 2635.99 | 156 | 242.30 | 5.24 | 3722.93 | 80 |
| 2024-25 | 2700.96 | 159 | 246.30 | 5.29 | 3899.45 | 84 |
| 2025-26 (Provisional up to Jan 26) | 2550.71 | 178 | 222.74 | 5.7 | 3521.25 | 90 |









## ୧. ଗୋ - ଉନ୍ନୟନ

ରାଜ୍ୟ ସରକାର ଏକ ନୂତନ ଯୋଜନା "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା" (MKY) କାର୍ଯ୍ୟକାରୀ କରିଛନ୍ତି ଏବଂ ଏହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ଦ୍ୱାରା ସେପ୍ଟେମ୍ବର ୨୦୨୪ରେ ଆରମ୍ଭ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯାଇଥିଲା । ତା' ପରେ ଏହି ଯୋଜନା ଡିସେମ୍ବର ୨୦୨୪ ର ପ୍ରଥମ ସପ୍ତାହରେ ଗୋ-ସୁଗମ ପୋର୍ଟାଲରେ ପ୍ରସାରିତ ହୋଇଥିଲା , ଯାହାର ଉଦ୍ଦେଶ୍ୟ ଥିଲା ରାଜ୍ୟରେ କ୍ଷୀର ଉତ୍ପାଦନ ବୃଦ୍ଧି କରିବା ସହିତ ଜୀବିକା ଓ ଆୟ ବୃଦ୍ଧି ସହାୟତା ସହିତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୧୫,୪୭,୮୩୭ ଜଣ ଚାଷୀ ଉପକୃତ ହେବେ । ଏହି ଯୋଜନାରେ ୫ବର୍ଷ ପାଇଁ ଅର୍ଥାତ୍ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ୧୪୨୩.୪୭ କୋଟି ଟଙ୍କା ବଜେଟ ବ୍ୟବସ୍ଥା କରାଯାଇଛି । ଯେଉଁଥିରୁ ୨୩୪.୬୯ କୋଟି ଟଙ୍କା ୨୦୨୫- ୨୬ ପାଇଁ ମଞ୍ଜୁର ହୋଇଅଛି ।

### କ) ମଇଁଷି ଉଦ୍ୟୋଗ ବିକାଶ ଯୋଜନା



ଏହି ଯୋଜନା ଅଧୀନରେ, ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ, ମହିଳା ଏବଂ ଟ୍ରାନ୍ସଜେଣ୍ଡର ବର୍ଗର ହିତାଧିକାରୀମାନଙ୍କ ପାଇଁ ୭୦% (୧,୬୧,୨୮୦/- ଟଙ୍କା) ଏବଂ ସାଧାରଣ ବର୍ଗ ପାଇଁ ୬୦% (୧,୩୮,୨୪୦/- ଟଙ୍କା) ର ଆର୍ଥିକ ସହାୟତା ୧+୧ ଗ୍ରେଡେଡ୍ ମୁରା ମଇଁଷି ୟୁନିଟ୍ ପ୍ରତିଷ୍ଠା ପାଇଁ ବ୍ୟାକ୍-ଏଣ୍ଡେଡ୍ ସବସିଡି ଆକାରରେ ପ୍ରଦାନ କରାଯାଏ । ଏହି ଯୋଜନାରେ ୟୁନିଟ୍ ପ୍ରତି ଖର୍ଚ୍ଚ ୨.୩୦୪ ଲକ୍ଷ ଟଙ୍କା ରହିଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ନିମ୍ନରେ ପ୍ରଦାନ କରାଗଲା ।

| Physical Target | Go-ahead letter issued | Beneficiary Benefitted | | Funds allotted (in lakh) | Funds utilized (in lakh) |
|---|---|---|---|---|---|
| | | 1st Phase | Both 1st & 2nd Phase | | |
| 2000 units | 2160 | 755 | 576 | 874.00 | 943.26 |

### ଖ) ଗୋ-ପାଳନ ଯୋଜନା

ଏହି ଯୋଜନା ଅଧୀନରେ, ହିତାଧିକାରୀମାନଙ୍କୁ ୧+୧ ଦୁଧିଆଳୀ ଗାଈ/ମଇଁଷି ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁସୂଚିତ ଜାତି, ଜନଜାତି, ଦିବ୍ୟାଙ୍ଗ, ମହିଳା ଏବଂ ଟ୍ରାନ୍ସଜେଣ୍ଡର ବର୍ଗ ପାଇଁ ମୋଟ ୟୁନିଟ୍ ମୂଲ୍ୟର ୭୦% ଏବଂ ସାଧାରଣ ବର୍ଗ ପାଇଁ ୬୦% ବ୍ୟାକ୍-ଏଣ୍ଡେଡ୍ ସବସିଡି ଆକାରରେ ପ୍ରଦାନ କରାଯାଏ । ଏହି ଯୋଜନାରେ ୟୁନିଟ୍ ପ୍ରତି ଖର୍ଚ୍ଚ ୨.୩୦୪ ଲକ୍ଷ ଟଙ୍କା ରହିଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ନିମ୍ନରେ ପ୍ରଦାନ କରାଗଲା ।

| Physical Target | Go-ahead letter issued | Beneficiary Benefitted | | Funds allotted (in lakh) | Funds utilized (in lakh) |
|---|---|---|---|---|---|
| | | 1st Phase | Both 1st & 2nd Phase | | |
| 10000 units | 17726 | 6210 | 3974 | 10429.89 | 8003.61 |



### ଗ) ମାଈ ବାଛୁରୀ ପାଳନ ଯୋଜନା

କୃତ୍ରିମ ପ୍ରଜନନରୁ ଜନ୍ମ ହୋଇଥିବା ମାଈ ବାଛୁରୀ ଥିବା ହିତାଧିକାରୀ ଏହି ଯୋଜନାରେ ଉପକୃତ ହେବେ। ଏହି ଯୋଜନା ଅଧୀନରେ, ପ୍ରତି ମାଈ ବାଛୁରୀ ପାଇଁ ୫୦% ସବସିଡି ମୂଲ୍ୟରେ ୧୪୦୦ କିଲୋଗ୍ରାମ ବାଛୁରୀ ଖାଦ୍ୟ ୮ ଟି ପର୍ଯ୍ୟାୟରେ ୨ ବର୍ଷ ପାଇଁ ଯୋଗାଇ ଦିଆଯିବ । ଅର୍ଥାତ୍ ମାଈ ବାଛୁରୀ ୫ ମାସରୁ ୨୮ ମାସ ବୟସ ପର୍ଯ୍ୟନ୍ତ ଦାନା ୫୦% ରିହାତିରେ ତାହାସହ କୃମିନାଶକ, ଟିକାକରଣ ସେବା ଏବଂ ବୀମା ମାଗଣାରେ ଯୋଗାଇ ଦିଆଯିବ । ୨୦୨୫-୨୬ ଆର୍ଥିକ ବର୍ଷରେ ୧୮୮୬୪ ମାଈ ବାଛୁରୀଙ୍କୁ ଚୟନ କରାଯାଇ ସହାୟତା ଯୋଗାଇ ଦିଆଯାଉଛି ।

### ଘ) ଗୋ-ସମ୍ପଦ ବୀମା ଯୋଜନା

ଏହି ଯୋଜନା ଅଧୀନରେ, ହିତାଧିକାରୀମାନେ ବୀମା ପ୍ରିମିୟମ ମୂଲ୍ୟ ଉପରେ ୮୫% ସବସିଡି ସହିତ ୧ ରୁ ୩ ବର୍ଷ ପାଇଁ ଦୁଧିଆଳୀ ଗାଈ/ମଇଁଷିଙ୍କ ବୀମା କରିପାରିବେ । ୧ ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୨.୬୫ %, ୨ବର୍ଷ ପାଇଁ ୪.୫୦୫% ଏବଂ ୩ ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୬.୩୬ % ରହିଛି । ୨୦୨୫- ୨୬ ଆର୍ଥିକ ବର୍ଷରେ ୩୯୨୭୦ ଗାଈ/ମଇଁଷିଙ୍କୁ ବୀମାଭୁକ୍ତ କରାଯାଇଛି ।

### ଙ) ଦୁଗ୍ଧ ଚାଷୀମାନଙ୍କ ପାଇଁ ପ୍ରୋତ୍ସାହନ

ଦୁଗ୍ଧ ଉତ୍ପାଦକ ସମବାୟ ସମିତି (MPCS) ରେ କ୍ଷୀର ଯୋଗାଇଥିବା ଦୁଗ୍ଧ ଚାଷୀମାନଙ୍କୁ ଆଧାର ଲିଙ୍କ ବ୍ୟାଙ୍କ ଆକାଉଣ୍ଟ DBT ମାଧ୍ୟମରେ କ୍ଷୀର ଲିଟର ପ୍ରତି ୨ଟଙ୍କା ହିସାବରେ ଅଧିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ତଦନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷରେ OMFED ଅଧୀନରେ ୬୧୮୦୨ ଗୋପାଳକଙ୍କୁ ୨୯୭୦.୦୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

### ଚ) ଡ଼ାଏରୀ ସଂଗଠନର ସୁଦୃଢ଼ୀକରଣ (ବୃଷଭ ଜନନୀ ଫାର୍ମ)

ରାଜ୍ୟରେ ୮ ଗୋଟି ଗୋ-ମହିଷାଦି ପ୍ରଜନନ, ଗବେଷଣା ଏବଂ ବୃଷଭ ଜନନୀ ଫାର୍ମ ଅଛି ଏବଂ ଏଥିରେ ୭୯୦ ଗୋଟି ଗୋମହିଷାଦୀ ପାଳନ କରାଯାଉଛି । ଏହି ଫାର୍ମ ଗୁଡିକରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୩,୮୬,୪୩୭ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ହୋଇଛି ଏବଂ ୨୧୫.୬୨ ଲକ୍ଷ ଟଙ୍କା ରାଜସ୍ୱ ଅର୍ଜନ ହୋଇଛି । ସାହିୱାଲ ଏବଂ ବିଞ୍ଝାରପୁରୀ ଭଳି ଦେଶୀୟ ପ୍ରଜାତି ଗୁଡ଼ିକୁ କୁଆଁରମୁଣ୍ଡା ଏବଂ ଖପୁରିଆ ସ୍ଥିତ ଫାର୍ମରେ ରକ୍ଷଣାବେକ୍ଷଣ କରାଯାଉଅଛି । ଏହି ଫାର୍ମ ଗୁଡିକର ଉଦ୍ଦେଶ୍ୟ ହେଉଛି ହୀମିକୃତ ଶୁକ୍ର ଭଣ୍ଡାର ପାଇଁ ଉଚ୍ଚ ଆନୁବଂଶିକ ଷଣ୍ଢ ଉତ୍ପାଦନ ଏବଂ ଦେଶୀୟ ପ୍ରଜାତି ସଂରକ୍ଷଣ ପାଇଁ ଉଚ୍ଚମାନର ଗାଈ (ବୃଷଭ ଜନନୀ) ପାଳନ କରିବା ।

## ୨ . କ୍ଷୁଦ୍ର ପ୍ରାଣୀ ବିକାଶ

### "ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା (PSSY)" ର ଏକ ଉପ-ଯୋଜନା





ଗ୍ରାମୀଣ ଅର୍ଥନୀତିକୁ ବଜାୟ ରଖିବାରେ ଛେଳି ପାଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଆୟ ଏବଂ ପୁଷ୍ଟିସାରର ଏକ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରେ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଛେଳି ପାଳନରେ ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ପ୍ରଜନନ କାର୍ଯ୍ୟକ୍ରମ, ଛେଳି ଏବଂ ଘୁଷୁରୀ ପାଳନ କାର୍ଯ୍ୟକ୍ରମ, ଚିକିତ୍ସା, ସ୍ୱାସ୍ଥ୍ୟସେବା ଏବଂ ରୋଗ ନିୟନ୍ତ୍ରଣ ଭଳି ପଦକ୍ଷେପ ଗ୍ରହଣ କରିଛି । ଏହି ସବୁ କାର୍ଯ୍ୟକ୍ରମ ଚାଷୀମାନଙ୍କୁ ଉତ୍ତମ ମୂଲ୍ୟ ପାଇବା ପାଇଁ ଜ୍ଞାନ ଏବଂ ସମ୍ବଳ ସହିତ ସଶକ୍ତ କରିଛି, ସେମାନଙ୍କର ଜୀବିକାକୁ ଆହୁରି ମଜବୁତ କରିଛି ଏବଂ ଗ୍ରାମୀଣ ଅର୍ଥନୈତିକ ସ୍ଥିରତାରେ ଯୋଗଦାନ ଦେଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରମୁଖ ଅଗ୍ରଗତି ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

### କ୍ଷୁଦ୍ର ୟୁନିଟ ଛେଳିପାଳନ

୨୦୨୫-୨୬ ରେ କ୍ଷୁଦ୍ର ଛେଳି/ ମେଣ୍ଢା ୟୁନିଟ୍ ପ୍ରତିଷ୍ଠା ପାଇଁ ୧୧୩୮.୦୦ ଲକ୍ଷ ଟଙ୍କାର ରାଶି ଆବଣ୍ଟନ କରାଯାଇଛି। ଏହି ଯୋଜନାରେ SC, ST, ମହିଳା, ଟ୍ରାନ୍ସଜେଣ୍ଡର ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ୬୦% ସବସିଡି ଏବଂ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୫୦% ସବସିଡିର ବ୍ୟବସ୍ଥା କରାଯାଇଛି। ଲକ୍ଷ୍ୟ ଥି ବା ୧୮୭୫ଟି କ୍ଷୁଦ୍ର ଛେଳି/ ମେଣ୍ଢା ୟୁନିଟ୍ (୧୦+୧) ମଧ୍ୟରୁ ୧୩୨୪ ଟି ୟୁନିଟ୍ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତିଷ୍ଠା କରାଯାଇ ସାରିଛି ।

### ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ବ୍ୟକ୍ତିଗତ ମାଧ୍ୟମରେ ଛେଳିପାଳନ

ଆର୍ଥିକ ବର୍ଷ ୨୦୨୫-୨୬ ରେ, ରାଜ୍ୟ ଯୋଜନାଅଧୀନରେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଏବଂ ବ୍ୟକ୍ତିଗତ ହିତାଧିକାରୀ ଉଭୟଙ୍କ ମାଧ୍ୟମରେ ୨୦୦୦ଗୋଟି ୩୦+୨ ଛେଳି/ ମେଣ୍ଢା ୟୁନିଟ୍ ପ୍ରତିଷ୍ଠା ପାଇଁ ୨୮୬୬.୧୫ଲକ୍ଷ ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି । ଏହି ଯୋଜନାରେ ହିତାଧିକାରୀଙ୍କ ପାଇଁ ୫୦% ରୁ ୬୦% ସବସିଡିର ବ୍ବବସ୍ଥା ରହିଛି।ଏହା ମାଧ୍ୟମରେ ୧୫୬୮ୟୁନିଟ୍ ପୂର୍ବରୁ ପ୍ରତିଷ୍ଠା କରାଯାଇ ସାରିଛି।



### ଅର୍ଦ୍ଧ-ବ୍ୟାବସାୟିକ ଘୁଷୁରୀ ପାଳନ

ପ୍ରାଣିସମ୍ପଦ ସମୃଦ୍ଧି ଯୋଜନାରେ ଘୁଷୁରୀ ପାଳନ ପାଇଁ ୫୯୬.୮୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି।ଅନୁସୂଚିତ ଜାତି, ଜନଜାତି, ମହିଳା, ଟ୍ରାନ୍ସଜେଣ୍ଡର ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ୬୦% ସବସିଡି ଏବଂ ସାଧାରଣ ବର୍ଗର ହିତାଧିକାରୀଙ୍କ ପାଇଁ ୫୦% ସବସିଡି ଯୋଗାଇ ଦିଆଯାଉଛି। ଏଥିରେ ୨୫୦ ଟି ଘୁଷୁରୀ ୟୁନିଟ୍ (୧୦+୧) ପ୍ରତିଷ୍ଠା କରିବାର ଲକ୍ଷ୍ୟ ଥାଇ ଏଯାବତ ୧୯୩ଟି ୟୁନିଟ୍ ପ୍ରତିଷ୍ଠା କରାଯାଇ ସାରିଛି ।



### ଛେଳିଙ୍କ କୃତ୍ରିମ ପ୍ରଜନନ

ବ୍ଲାକ୍ ବେଙ୍ଗଲ୍ ଏବଂ ଗଞ୍ଜାମ ଭଳି ଦେଶୀ ପ୍ରଜାତିର ଶୁକ୍ର ବ୍ୟବହାର କରି ଛେଳିଙ୍କ ପାଇଁ ରାଜ୍ୟବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି।ଏହି ଅଗ୍ରଣୀ ପଦକ୍ଷେପର ଲକ୍ଷ୍ୟ ହେଉଛି ଛେଳି ପ୍ରଜାତିଗୁଡ଼ିକର ଉତ୍ପାଦକତା ଏବଂ ଗୁଣବତ୍ତା ବୃଦ୍ଧି କରିବା। ଏଯାବତ ୪୫,୭୮୮ ଚାଷୀଙ୍କ ମୋଟ ୮୬,୮୪୫ ଛେଳିଙ୍କ କୃତ୍ରିମ ପ୍ରଜନନ କରାଯାଇଛି ଏବଂ ୩୩,୫୫୫ ଛେଳି ଛୁଆ (ଅଣ୍ଡିରା - ୧୮୧୬୧ ଏବଂ ମାଈ - ୧୫୩୯୪) ଜନ୍ମ ହୋଇଛନ୍ତି।



## ୩. କୁକୁଟ ଉନ୍ନୟନ

### ପ୍ରାଣିସମ୍ପଦ ସମୃଦ୍ଧି ଯୋଜନାର ଏକ ଉପ ଯୋଜନା

ଭାରତରେ ଅଣ୍ଡା ଉତ୍ପାଦନରେ ଓଡ଼ିଶା ୧୦ମ ଏବଂ କୁକୁଡ଼ା ମାଂସ ଉତ୍ପାଦନରେ ୧୨ତମ ସ୍ଥାନ ଅଧିକାର କରିଛି । କୁକୁଡ଼ା ହେଉଛି ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କ୍ଷେତ୍ର, ଯାହା ନିଯୁକ୍ତି ସୃଷ୍ଟି କରୁଛି ଏବଂ ଗ୍ରାମୀଣ ଜୀବିକାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଏହା ଉଚ୍ଚମାନର ପ୍ରାଣୀଜ ପୁଷ୍ଟିସାର ଯୋଗାଇବା ସହ ପୁଷ୍ଟିକର ଆବଶ୍ୟକତା ପୂରଣ କରିବାରେଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସରକାର ଉତ୍ପାଦନ ଏବଂ ଆୟ ବୃଦ୍ଧି ପାଇଁ କୁକ୍କୁଟ ଉଦ୍ୟୋଗକୁ ବହୁଳ ଭାବରେ ପ୍ରୋତ୍ସାହିତ କରୁଛନ୍ତି ।

**କୁକ୍କୁଟ ଉନ୍ନୟନ କ୍ଷେତ୍ର ସାରାଂଶ:**

- କୁକୁଡ଼ା ସଂଖ୍ୟା: ୨.୭୪ କୋଟି
- ବାଣିଜ୍ୟିକ ଭିତ୍ତିରେ ଫାର୍ମ: ୧୮୬ଟି, ପ୍ରତିଦିନ ୯୮.୧ ଲକ୍ଷ ଅଣ୍ଡା
- ଉତ୍ପାଦନ କରେ (୧.୧୪ କୋଟି ଅଣ୍ଡା ଦିଆ କୁକୁଡ଼ା)
  ଘର ଅଗଣାରେ ଏବଂ ଅର୍ଦ୍ଧ-ବାଣିଜ୍ୟିକ ଉତ୍ପାଦନ: ୧୯.୧ ଲକ୍ଷ ଅଣ୍ଡା/ଦିନ
- ମୋଟ ଅଣ୍ଡା ଉତ୍ପାଦନ: ୧୧୭.୨ ଲକ୍ଷ ଅଣ୍ଡା/ଦିନ
- ମୁଣ୍ଡପିଛା ଉପଲବ୍ଧତା:
  - ଅଣ୍ଡା: ୮୦ଗୋଟି / ବର୍ଷ
  - କୁକୁଡ଼ା ମାଂସ: ୨.୯୫ କିଲୋଗ୍ରାମ/ବର୍ଷ



### ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ କୁକୁଡା ପାଳନ ଯୋଜନା (୩୧.୦୩.୨୦୨୫)

| Sl.No | Name of the Scheme | Physical Target | Physical achievement (Stocking of birds) | Fiancial Target in lakhs | Expenditures in lakh |
|---|---|---|---|---|---|
| 1 | 2 | | | | |
| 1 | Support to farmers for Broiler farming (2000-3000 bird capacity ) in Deep Litter System in both WSHG & individual mode | 7925 | 1112 | 19365 | 12421.35384 |
| 2 | Support to farmers for Layer farming (1000 - 4000 birds capacity) in Deep Litter system/ cage system in both Individual & WSHG mode | 513 | 41 | 1517 | 1042.59475 |
| 3 | Semi commercial Duckery (1000 ducklings) in deep litter system | 304 | 44 | 609.5 | 261.8424 |
| 4 | Establishment of Mini Poultry Feed Mill | 316 | 27 | 161 | 139.514 |
| 5 | Establishment of Chick Rearing Unit | 321 | 60 | 156 | 159.4016 |
| 6 | Livelihood support to farmers through Rural Back yard poultry rearing | 42793 | 1700 | 2366.64 | 332.3223 |
| 7 | Livelihood support to farmers through Duck farming in convergence with farm pond plus | 2700 | 300 | 135 | 19.6725 |
| **Total** | | **54872** | **3284** | **24310.14** | **14376.70139** |



## ୪. ସବୁଜ ଗୋଖାଦ୍ୟ ଉତ୍ପାଦନ

### "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା" ଅନ୍ତର୍ଗତ

ଗ୍ରାମୀଣ ପରିବାର ପାଇଁ ପ୍ରାଣୀପାଳନ ହେଉଛି ଆୟର ଦ୍ୱିତୀୟ ମୁଖ୍ୟ ଉତ୍ସ, ଯାହା ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଏବଂ ରୋଜଗାରର ସୁଯୋଗ ପ୍ରଦାନ କରିଥାଏ । ଏହା ବ୍ୟତୀତ, ରାଜ୍ୟରେ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକୂଳ ପ୍ରଭାବ ବିରୁଦ୍ଧରେ ଏହା ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରେ । ତେଣୁ, ଗୋପାଳନ

କ୍ଷେତ୍ରରେ ଖାଦ୍ୟ ଉତ୍ପାଦନ ଖର୍ଚ୍ଚ କମାଇବା ଏବଂ ପଶୁମାନଙ୍କ ଦୈନିକ ଖାଦ୍ୟରେ ପର୍ଯ୍ୟାପ୍ତ ସବୁଜ ଘାସ ସାମିଲ କରି ଏହି କ୍ଷେତ୍ରକୁ ଅଧିକ ଦକ୍ଷ, ସ୍ଥାୟୀ ଏବଂ ଲାଭଦାୟକ କରିବା ଏହାର ମୁଖ୍ୟ ଲକ୍ଷ୍ୟ । ୨୦୨୫-୨୬ ବର୍ଷ ମଧ୍ୟରେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ଅନ୍ତର୍ଗତ ଚାଷୀମାନଙ୍କୁ ୨,୦୦,୦୦୦ କିଟ୍ ଋତୁକାଳୀନ ଘାସ ବିହନ ମାଗଣାରେ ଯୋଗାଇ ଦିଆଯାଇଛି । ଏହାଦ୍ୱାରା ୩୭,୨୬୦ ଏକର ଜମିରେ ଚାଷ କରାଯାଇ ୪୧୨.୦୦ ଟି.ଏମ୍.ଟି. (TMT) ସବୁଜ ଘାସ ଉତ୍ପାଦନ କରାଯାଇଛି । ବ୍ୟକ୍ତିଗତ ଚାଷୀ ଏବଂ ଚାଷୀ ଗୋଷ୍ଠୀଙ୍କୁ ୬୦୦୦ ଏକର ଜମିରେ ବାରମାସୀ ଘାସ ଚାଷ ପାଇଁ ସହାୟତା କରିବାକୁ "ଘାସ ଚାଷ ଉଦ୍ୟୋଗୀ ଯୋଜନା" (Fodder Entrepreneur Scheme) ଆରମ୍ଭ କରାଯାଇଛି, ଯେଉଁଥିରେ ଏକର ପିଛା ୩୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଉଛି । ସେଥିମଧ୍ୟରୁ ୧୯୫୪ ଏକର ଜମିରେ କାର୍ଯ୍ୟ ଶେଷ ହୋଇଛି ଏବଂ ୧୬୧୩ ଜଣ ହିତାଧିକାରୀଙ୍କୁ ୨୮୨ ଲକ୍ଷ ଟଙ୍କାର ସବସିଡି ପ୍ରଦାନ କରାଯାଇଛି । ଏହି ବର୍ଷ ରାଜ୍ୟର ୧୫,୦୦୦ ଚାଷୀଙ୍କୁ 'ଆଜୋଲା' (Azolla) ଉତ୍ପାଦନ କାର୍ଯ୍ୟକ୍ରମ ପାଇଁ ଚୟନ କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଚାଷୀଙ୍କୁ ଏକ ସିମେଣ୍ଟ ନିର୍ମିତ ଆଜୋଲା କୁଣ୍ଡ ତିଆରି କରିବା ପାଇଁ ୩,୦୦୦ ଟଙ୍କା ସହାୟତା ଦିଆଯାଉଛି, ଯାହାଦ୍ୱାରା ବର୍ଷସାରା ଆଜୋଲା ଚାଷ କରାଯାଇ ପଶୁଖାଦ୍ୟର ଅଭାବ ପୂରଣ କରାଯାଇପାରିବ ।



## ୫. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ହେଉଛି ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ଯୋଜନା, ଯାହାର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ବାଣିଜ୍ୟିକ କୃଷିଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ କୃଷିକ୍ଷେତ୍ରରେ ଉଦ୍ୟମିତା ବୃଦ୍ଧିକରିବା।ଏହା ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟା ମାଧ୍ୟମରେ କୃଷି ବ୍ୟବସାୟକୁ ସରଳ, ପାରଦର୍ଶୀ ଏବଂ ସମୟ ବଦ୍ଧ କରିବାକୁ ଲକ୍ଷ୍ୟ ରଖିଛି। MKUY ଅଧୀନରେ, ବାଣିଜ୍ୟିକ କୃଷି ଉଦ୍ୟୋଗ ସ୍ଥାପନ କରୁଥିବା ଉଦ୍ୟୋଗୀମାନଙ୍କୁ ପୁଞ୍ଜି ନିବେଶ ଅନୁଦାନ (CIS)ପ୍ରଦାନ କରାଯାଏ। ଅନୁଦାନ ସମ୍ବନ୍ଧୀୟବିବରଣୀ: • ସାଧାରଣ ଉଦ୍ୟୋଗୀଙ୍କ ପାଇଁ:ଜମି ମୂଲ୍ୟକୁ ବାଦ୍ଦେଇ, ସ୍ଥାୟୀ ପୁଞ୍ଜିନିବେଶର୪୦%, ସର୍ବାଧିକ୧କୋଟି ଟଙ୍କାପର୍ଯ୍ୟନ୍ତ। • SC/ST/ମହିଳା/ତୃତୀୟଲିଙ୍ଗୀ/ଦିବ୍ୟାଙ୍ଗ/କୃଷି ଓ ସମ୍ବନ୍ଧିତ ବିଷୟର ସ୍ନାତକ:୫୦%ଅନୁଦାନ, ସର୍ବାଧିକ୧କୋଟି ଟଙ୍କାପର୍ଯ୍ୟନ୍ତ। ଏହି ଯୋଜନା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିଭିନ୍ନ ଉଦ୍ୟୋଗକୁ ସହାୟତା ପ୍ରଦାନ କରେ, ଯାହା ନିଯୁକ୍ତି ସୁଯୋଗ, ଆୟବୃଦ୍ଧି ଏବଂ ଗ୍ରାମୀଣ ଅର୍ଥନୈତିକ ବିକାଶରେ ସହାୟକ ହୋଇଥାଏ।

**ENTERPRISE-WISE STATUS IN ARD SECTOR UNDER MKUY (2025-26*)**

| Sl. no. | Enterprise | Go ahead Issued (Nos.) | Projects Established (Nos.) | CIS (Rs. In Cr.) |
|---|---|---|---|---|
| 1 | Commercial Broiler Farming | 772 | 399 | 67.26 |
| 2 | Commercial Dairy Farming | 478 | 172 | 9.63 |
| 3 | Commercial Sheep/Goat Farming | 252 | 82 | 5.11 |
| 4 | Commercial Pig Farming | 34 | 14 | 1.94 |
| 5 | Commercial Layer Farming | 15 | 12 | 4.57 |
| 6 | Technology up-gradation / modernization / expansion of existing agrobased industries and food processing industries | 9 | 1 | 0.13 |
| 7 | Milk Processing Unit | 4 | 1 | 0.32 |
| 8 | Poultry Hatchery and / or Breeders Farm | 3 | 3 | 1.19 |
| 9 | Animal / Poultry Feed Plant | 2 | 3 | 0.59 |
| 10 | Biogas plants producing both biogas and bio-fertilizers | 1 | - | - |
| 11 | Commercial Duck Farming | 1 | 4 | 0.29 |
| 12 | Manufacturing of Ice Cream utilizing at least 100 litres of milk per day | 1 | 1 | 1.00 |
| 13 | Intra-Sector | 9 | 4 | 1 |
| 14 | Inter-Sector | 19 | 12 | 2.04 |
| | Total | 1,600 | 708 | 95.10 |

*1st April 2025 to 31st Jan 2026




## ୬ . ପ୍ରାଣିସ୍ୱାସ୍ଥ୍ୟ ସେବା

ପ୍ରାଣିପାଳନ ଏବଂ କୁକୁଡ଼ାପାଳନ କ୍ଷେତ୍ରର ଅଭିବୃଦ୍ଧିରେ ପ୍ରାଣିରୋଗ ଏକ ପ୍ରମୁଖ ବାଧା ସୃଷ୍ଟି କରିଥାଏ, ଯାହାଦ୍ୱାରା ମାଂସ, କ୍ଷୀର ଏବଂ ଅଣ୍ଡା ଉତ୍ପାଦନ ହ୍ରାସ ପାଇଥାଏ ଏବଂ ପ୍ରାଣିପାଳକଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ । ପ୍ରାଣିସ୍ୱାସ୍ଥ୍ୟର ଗୁରୁତ୍ୱକୁ ଚିହ୍ନି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ବିଭିନ୍ନ ସ୍ତରରେ ପ୍ରାଣିଚିକିତ୍ସା ପ୍ରତିଷ୍ଠାନ ଏବଂ ମୋବାଇଲ୍ ପ୍ରାଣିଚିକିତ୍ସା ୟୁନିଟ୍ (MVU) ପ୍ରତିଷ୍ଠା କରି ରୋଗ ନିରାକରଣ ଏବଂ ଚିକିତ୍ସା ପାଇଁ ବ୍ୟାପକ ପ୍ରାଣିଚିକିତ୍ସା ସେବାକୁ ସୁନିଶ୍ଚିତ କରିଛି । ଏହି ପ୍ରୟାସଗୁଡ଼ିକ ଉତ୍ପାଦନ ବୃଦ୍ଧି, ପ୍ରାଣିପାଳକଙ୍କ ଆୟକୁ ସୁରକ୍ଷିତ ରଖିବା ସହିତ ଏହି କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି ।

### ପ୍ରାଣିଚିକିତ୍ସାଳୟ ଏବଂ ପ୍ରାଣିସମ୍ପଦ ସହାୟତା କେନ୍ଦ୍ର ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ପ୍ରଦାନ :

ରାଜ୍ୟରେ ୫୮ ପ୍ରାଣୀ ଚିକିତ୍ସାଳୟ, ୨୫୬ ବ୍ଲକ ପ୍ରାଣିଚିକିତ୍ସାଳୟ, ୨୨୭ ଦ୍ୱିତୀୟ ଓ ତୃତୀୟ ପ୍ରାଣିଚିକିତ୍ସାଳୟ ଏବଂ ୩୨୩୯ ପ୍ରାଣିସମ୍ପଦ ସହାୟତା କେନ୍ଦ୍ର ଅଛି । ସେମାନେ ପ୍ରାଣିସ୍ୱାସ୍ଥ୍ୟ ସେବା, କୃତ୍ରିମ ପ୍ରଜନନ, ସ୍ୱାସ୍ଥ୍ୟ ଶିବିର, ଗର୍ଭଧାରଣ ରୋଗ ନିରାକରଣ, କାଷ୍ଟ୍ରେସନ୍ ଏବଂ ସଚେତନତା ଆଦି ସେବା ପ୍ରଦାନ କରନ୍ତି । ୨୦୨୫-୨୬ ବର୍ଷରେ ଜାନୁଆରୀ ମାସ ସୁଦ୍ଧା ସମୁଦାୟ ୧୩୪.୨୩ ଲକ୍ଷ ଚିକିତ୍ସା, ୮.୭୪ଲକ୍ଷ ବନ୍ଧ୍ୟାକରଣ କରାଯାଇଛି ଏବଂ ବିଭିନ୍ନ ପ୍ରାଣୀ ଓ ପକ୍ଷୀମାନଙ୍କ ମଧ୍ୟରେ ବିଭିନ୍ନ ସଂକ୍ରାମକ ରୋଗ ବିରୁଦ୍ଧରେ ୪୮୮.୩୬ ଲକ୍ଷ ଟିକାକରଣ କରାଯାଇଛି ।

## ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ (Mobile Veterinary Unit - MVU) :




ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ୟୁନିଟ୍ ମାଧ୍ୟମରେ ଆଭ୍ୟନ୍ତରୀଣ ଓ ଅପହଞ୍ଚ ଗ୍ରାମଗୁଡ଼ିକରେ ଯେଉଁଠାରେ ପ୍ରାଣିଚିକିତ୍ସା ପ୍ରତିଷ୍ଠାନଗୁଡ଼ିକ ଦୂରରେ ଅବସ୍ଥିତ, ସେଠାରେ ପ୍ରାଣିପାଳକଙ୍କ ଦ୍ୱାରଦେଶରେ ପ୍ରାଣିସ୍ୱାସ୍ଥ୍ୟସେବା, ପ୍ରଜନନ ଏବଂ ପରାମର୍ଶ ସେବା ପ୍ରଦାନ କରାଯାଉଛି ।

| Sl. No. | Activities | Target | Achievement (upto Jan'26) | % of Achievement |
|---|---|---|---|---|
| 1 | No. of Health Camps conducted | 75360 | 60119 | 79.78 |
| 2 | No. of villages covered | 150720 | 120188 | 79.74 |
| 3 | No. of cases covered under treatment, castration and others | 3768000 | 3836926 | 101.83 |
| 4 | No. of vaccination done | 7536000 | 6915269 | 91.76 |
| 5 | No. of pathological sample examined on the spot | 301440 | 243149 | 80.66 |
| 6 | No. of sample sent to DDLs/CILs/SVL/ADRI | 150720 | 132523 | 87.93 |
| 7 | No. of Awareness Camps conducted | 37680 | 42235 | 112.09 |

## ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା:

ପରିବେଶର ସୁରକ୍ଷା ଏବଂ ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁର ଉଚିତ ନିଷ୍କାସନ ପାଇଁ ରାଜ୍ୟର ସମସ୍ତ ୫୪୧ ଗୋଟି ପ୍ରାଣିଚିକିତ୍ସାଳୟକୁ ଏକ ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥା ସହ ଜଡିତ କରାଯାଇଛି ।

## କେନ୍ଦ୍ରୀୟ ଷ୍ଟୋର୍, ଫୁଲନାଖରା:

ଔଷଧ ଏବଂ ଯନ୍ତ୍ରପାତି ସଂରକ୍ଷଣ ପାଇଁ, ଫୁଲନାଖରା ADRI କ୍ୟାମ୍ପସ୍ ଭିତରେ ଗୋଟିଏ ସେଣ୍ଟ୍ରାଲ୍ ଷ୍ଟୋର ନୂତନ ଭାବରେ ନିର୍ମାଣ କରାଯାଇଛି । ସେହି ଷ୍ଟୋରରେ ଔଷଧ ଏବଂ ଯନ୍ତ୍ରପାତି ଇତ୍ୟାଦିକୁ ଗଚ୍ଛିତ କରାଯାଉଛି ଏବଂ ରାଜ୍ୟର ବିଭିନ୍ନ ପ୍ରାଣିଚିକିତ୍ସାଳୟକୁ ବଣ୍ଟନ କରାଯାଉଛି । ନୂତନ ଭାବରେ ନିର୍ମିତ କେନ୍ଦ୍ରୀୟ ଷ୍ଟୋର୍ ପାଇଁ କର୍ମଚାରୀ, ଲଜିଷ୍ଟିକ୍ ଏବଂ ସିସିଟିଭି କ୍ୟାମେରା ଯୋଗାଇ ଦିଆଯାଇଛି ।

## ପ୍ରାଣିସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ ପ୍ରୋଗ୍ରାମ (LH & DCP):

ପ୍ରାଣିସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (Livestock Health & Disease Control Programme - LH & DCP) କେନ୍ଦ୍ର ସରକାରଙ୍କ ଏକ ବୃହତ ଯୋଜନା, ଯେଉଁଥିରେ ଜାତୀୟ ପ୍ରାଣିରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (NADCP) ଏବଂ ପ୍ରାଣିସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ (LH&DC) ପରି ସ୍କିମ୍ ଅନ୍ତର୍ଭୁକ୍ତ ।

### LH & DCP ଅଧୀନରେ ବିଭିନ୍ନ ଟିକାକରଣ କାର୍ଯ୍ୟକଳାପ ଅଧୀନରେ ମିଳିଥିବା ସଫଳତା:

| Name of Vaccination | Target Population as per 20th Livestock Census | No. of doses available before vaccination | No. of vaccination (in doses) upto Jan'26 |
|---|---|---|---|
| FMD Round-VI | 10362294 | 8673300 | 7136204 |
| FMD Round-VII | 10362294 | 7535900 | 6658908 |
| PPR Round-III | 7672601 | 7667300 | 7147656 |
| CSF Round-III | 135162 | 81790 | 79586 |
| LSD Round-IV | 7900000 | 7904500 | 6975546 |

## ପ୍ରାଣିରୋଗ ନିୟନ୍ତ୍ରଣ ପାଇଁ ରାଜ୍ୟ ଗୁଡ଼ିକୁ ସହାୟତା (ASCAD):



ଟିକାକରଣ ନିମିତ୍ତ ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ ଏବଂ ରାଜ୍ୟ ରୋଗ ନିରାକରଣ ଲାବୋରେଟୋରୀକୁ ଶକ୍ତିଶାଳୀ କରିବା, କର୍ମଶାଳା/ସେମିନାର ଆୟୋଜନ ଏବଂ ପ୍ରାଣିଚିକିତ୍ସକ ଏବଂ ପ୍ରାଣିଧନ ନିରୀକ୍ଷକଙ୍କ ପ୍ରଶିକ୍ଷଣ ମାଧ୍ୟମରେ ପଶୁପକ୍ଷୀ ଜୁନୋଟିକ୍ ରୋଗର ନିୟନ୍ତ୍ରଣ ପାଇଁ ASCAD ସହାୟତା ପ୍ରଦାନ କରାଯାଇଛି । ୨୦୨୫-୨୬ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୧୫୮.୫୧ ଲକ୍ଷ ଟଙ୍କା କେନ୍ଦ୍ରୀୟ ଯୋଜନାରେ ଏବଂ ୯୭.୫୧ ଲକ୍ଷ ଟଙ୍କା - ରାଜ୍ୟ ଯୋଜନାରେ ମଞ୍ଜୁର କରାଯାଇଛି । ଜାନୁଆରୀ ମାସ ସୁଦ୍ଧା କେନ୍ଦ୍ରୀୟ ଅନୁଦାନରୁ ୧୪୪.୩୯ ଲକ୍ଷ ଟଙ୍କା ଓ ରାଜ୍ୟ ଅନୁଦାନର ସମସ୍ତ ରାଶି ବ୍ୟୟ ହେଇସାରିଛି ।

# ୭ . ହିମିକୃତ ଶୁକ୍ର ଭଣ୍ଡାର

ରାଜ୍ୟର ଏକମାତ୍ର ହିମିକୃତ ଶୁକ୍ର ଭଣ୍ଡାର ଶୁକ୍ର ଉତ୍ପାଦନ ଏବଂ ବଣ୍ଟନ ମାଧ୍ୟମରେ ରାଜ୍ୟର ଗୋମହିଷାଦିଙ୍କ ଜେନେଟିକ୍ ଗୁଣ ଏବଂ ଉତ୍ପାଦକତାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇଥାଏ । କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାଣିପାଳନ କ୍ଷେତ୍ରର ଅଭିବୃଦ୍ଧି ଏବଂ ନିରନ୍ତର ଉତ୍ପାଦନ ପାଇଁ ହିମିକୃତ ଶୁକ୍ର ଭଣ୍ଡାର କାର୍ଯ୍ୟକରୁଛି। ଫ୍ରୋଜେନ ସିମେନ ବ୍ୟାଙ୍କ (FSB) ବା ହିମିକୃତ ଶୁକ୍ର ଭଣ୍ଡାର, କଟକ ହେଉଛି ଏକ ISO 9001:2015 ପ୍ରମାଣିତ ଶୁକ୍ରାଣୁ ଷ୍ଟେସନ । ଜର୍ସି, ହଲଷ୍ଟିନ ଫ୍ରେଜିଆନ୍ ଏବଂ ସାହିୱାଲ୍ ସହିତ ୧୧ ଗୋଟି ପ୍ରଜାତିର ୭୮ ଗୋଟି ଷଣ୍ଢ ଏବେ ଏଠାରେ ରହିଛନ୍ତି । ଷଣ୍ଢଗୁଡିକ ଭାରତ ସରକାରଙ୍କ ସର୍ବନିମ୍ନ ମାନକ ପ୍ରଦର୍ଶନ-୨୦୨୫ ଅନୁଯାୟୀ ପରିଚାଳିତ ଏବଂ ବିଭିନ୍ନ ଅନୁମୋଦିତ ସଂସ୍ଥାରୁ ଏମାନଙ୍କୁ ଅଣାଯାଇଥାଏ ।

**ଷଣ୍ଢ ମାନଙ୍କ ସ୍ଥିତି**

| Breed | Donating bulls | Bulls under quarantine | Bulls In isolation | Total |
|---|---|---|---|---|
| Jersey (Imported) | 2 | 0 | 0 | 2 |
| Holstein Friesian (Imported) | 2 | 0 | 0 | 2 |
| Crossbred Jersey | 6 | 27 | 0 | 33 |
| Crossbred HF | 1 | 1 | 0 | 2 |
| Red Sindhi | 5 | 0 | 0 | 5 |
| Gir | 8 | 0 | 0 | 8 |
| Tharparkar | 5 | 0 | 0 | 5 |
| Sahiwal | 8 | 5 | 0 | 13 |
| Binjharpuri | 4 | 0 | 0 | 4 |
| Khariar | 2 | 0 | 0 | 2 |
| Ghumsuri | 2 | 0 | 0 | 2 |
| Total | 45 | 33 | 0 | 78 |

**ଶୁକ୍ର ଉତ୍ପାଦନ ଏବଂ କ୍ରୟ**

| Breed | 2023-24 | | 2024-25 | | 2025-26 (upto 31.01.2026) | |
|---|---|---|---|---|---|---|
| | No of Bulls in regular collection | Total doses produced | No of Bulls in regular collection | Total doses produced | No of Bulls in regular collection | Total doses produced |
| Jersey | 8 | 140745 | 8 | 129825 | 2 | 27635 |
| HF | 5 | 54765 | 5 | 62675 | 2 | 12405 |
| CBHF | 11 | 155335 | 7 | 125170 | 1 | 8550 |
| CBJ | 7 | 190400 | 15 | 211300 | 6 | 21515 |
| RS | 2 | 36635 | 6 | 60455 | 5 | 42830 |
| Hariana | 2 | 24155 | 1 | 8500 | 0 | 460 |
| Gir | 4 | 44410 | 8 | 112575 | 8 | 46505 |
| Tharparkar | 2 | 8570 | 4 | 46060 | 5 | 31190 |
| Sahiwal | 6 | 106410 | 14 | 194105 | 8 | 34375 |
| Binjharpuri | 3 | 15370 | 4 | 45025 | 4 | 11610 |
| Khariar | 3 | 17825 | 3 | 27545 | 2 | 2090 |
| Ghumsari | 3 | 9785 | 2 | 16950 | 2 | 1015 |
| Total | 56 | 804405 | 77 | 1040185 | 45 | 240180 |

### କୃତ୍ରିମ ପ୍ରଜନନ କେନ୍ଦ୍ର ଗୁଡିକୁ ଶୁକ୍ରନଳି ପ୍ରଦାନ

ଏହି ଅନୁଷ୍ଠାନ ହିମିକୃତ ଶୁକ୍ରର ସଂରକ୍ଷଣ କରିବା ସହ 30 ଟି ଜିଲ୍ଲା, ବୃଷଭ ଜନନୀ ଫାର୍ମ ଓ ଦୁଗ୍ଧ ଉତ୍ପାଦକ ସମିତିକୁ ଶୁକ୍ର ଯୋଗାଇ ଥାଏ ।



| Breed/ Type | 2023-24 | 2024-25 | 2025-26 (up to 31.01.2026) |
|---|---|---|---|
| Jersey | 180938 | 185802 | 62669 |
| CBJ | 265562 | 269303 | 285556 |
| HF | 46110 | 45824 | 51175 |
| CBHF | 91523 | 99023 | 122035 |
| GIR | 159370 | 114430 | 26165 |
| Sahiwal | 162532 | 137903 | 115737 |
| Tharparkar | 31749 | 24305 | 34812 |
| Red Sindhi | 92090 | 56733 | 24000 |
| Hariana | 21095 | 11920 | 27475 |
| Binjharpuri | 2420 | 1485 | 7575 |
| Ghumsuri | - | 3585 | 0 |
| Khariar | - | 3115 | 120 |
| Murrah | 10173 | 12718 | 16048 |
| Sex Sorted Semen | 11450 | 169540 | 54210 |
| Goat Semen | - | 79300 | 2955 |
| Total | 1075012 | 1214986 | 776322 |

### ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଫ୍ରୋଜେନ୍ ସିମେନ୍ ତାଲିମ ପ୍ରତିଷ୍ଠାନ ୨୦୨୫-୨୬ ବର୍ଷ ମଧ୍ୟରେ ନିମ୍ନଲିଖିତ ତାଲିମ ପ୍ରଦାନ କରାଯାଇଥିଲା

୧) ଜାନୁଆରୀ ୨୦୨୫ ସୁଦ୍ଧା ପ୍ରତି ବ୍ୟାଚ୍ ରେ ୨୦ ଜଣକରି ୧୨ ବ୍ୟାଚ୍ ରେ ପ୍ରାଣିଚିକିତ୍ସକ ଏବଂ ୫ ବ୍ୟାଚ୍ ପାରାଭେଟ୍ ଙ୍କୁ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଛି।

୨) ୨୦୨୫-୨୬ ରେ ୧୦୧ ଜଣ ନବନିଯୁକ୍ତ ପ୍ରାଣିଧନ ନିରିକ୍ଷକ ମାନଙ୍କୁ ଏକ ବର୍ଷିୟ ମୌଳିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି।

୩) ୬୦ ଜଣ ପ୍ରାଣିଚିକିତ୍ସକଙ୍କୁ Digital AI Gun ଓ Oligovet product line ଉପରେ ତାଲିମ ପ୍ରଦାନ କରାଯାଇଛି ।

### ସହାୟକ ପ୍ରଜନନ କୌଶଳ ଏବଂ ଜିନୋମିକ୍ ଚୟନ ମାଧ୍ୟମରେ ଷଣ୍ଢ ଉତ୍ପାଦନ

ଷଣ୍ଢ ଉତ୍ପାଦନ କାର୍ଯ୍ୟକ୍ରମ ଅଧୀନରେ BAIF ଏବଂ FSB, କଟକ ମିଳିତ ଭାବରେ ET ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବୃଷଭ ଜନନୀ ଫାର୍ମରେ ଅଣ୍ଡିରା ବାଛୁରୀ ଉତ୍ପାଦନ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ଏ ପର୍ଯ୍ୟନ୍ତ ୪୬ ଟି ଅଣ୍ଡିରା ବାଛୁରୀ ଉତ୍ପାଦନ କରାଯାଇଛି ଯାହା ମଧ୍ୟରୁ ବୃଷଭ ଜନନୀ ଫାର୍ମ ଚିପିଲିମାରେ ୨ଟି ଅଣ୍ଡିରା ବାଛୁରୀ ଉତ୍ପାଦନ କରାଯାଇଛି । ଏହି ଅଣ୍ଡିରା ବାଛୁରୀ ଗୁଡ଼ିକୁ ସେମାନଙ୍କ ପୂର୍ବ ପୀଢିର ଦୁଗ୍ଧ ଉତ୍ପାଦନ କ୍ଷମତା ଏବଂ ଜେନୋମିକ୍ ଆନୁମାନିକ ପ୍ରଜନନ ମୂଲ୍ୟ ଆଧାରରେ ଷଣ୍ଢ ପ୍ରଜନନ ପାଇଁ ଚୟନ କରାଯିବ ।



### ଲିଙ୍ଗ ନିରୂପିତ ଶୁକ୍ର ଉତ୍ପାଦନ

NDDB-DS ଓ ଓଡ଼ିଶା ସରକାରଙ୍କ ସହଭାଗିତାରେ, FSB, କଟକ ଠାରେ Gousortପଦ୍ଧତିମାଧ୍ୟମରେ ଲିଙ୍ଗ ନିରୂପିତ ଶୁକ୍ର ଉତ୍ପାଦନ ପ୍ରୟୋଗଶାଳାର ଶୁଭ ଉଦ୍ଘାଟନ, ମାନ୍ୟବର ମନ୍ତ୍ରୀ,ମତ୍ସ୍ୟ ଓପ୍ରାଣିସମ୍ପଦ ବିକାଶ ବିଭାଗ, ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକଙ୍କ କରକମଳରେ ତା ୨୬. ୧୧. ୨୦୨୫ ରିଖରେ ହୋଇଥିଲା । ୫ ବର୍ଷରେ ୫ ଲକ୍ଷ୍ୟ ଲିଙ୍ଗ ନିରୂପିତ ଶୁକ୍ର ଉତ୍ପାଦନ, ଏହି ଯୋଜନାର ଲକ୍ଷ୍ୟ । ବର୍ତ୍ତମାନ ସୁଦ୍ଧା ୨୦ ଟି ଉଚ୍ଚ ଗୁଣବତା ସମ୍ପନ୍ନ ବୃଷଭଙ୍କ ଠାରୁ ୨୧୧୫ ସଂଖ୍ୟାର ଲିଙ୍ଗ ନିରୂପିତ ଶୁକ୍ରର ପରୀକ୍ଷା ମୂଳକ ଉତ୍ପାଦନ ହୋଇଛି ।

## ୮. ଓଡ଼ିଶା ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ

ଓଡିଶା ଜୈବିକ ଟିକା ଉତ୍ପାଦନ ପ୍ରତିଷ୍ଠାନ (OBPI), ଉଚ୍ଚମାନର ଟିକା ବିକାଶ, ଉତ୍ପାଦନ ଏବଂ ବିତରଣ ମାଧ୍ୟମରେ ପ୍ରାଣୀମାନଙ୍କୁ ସଂକ୍ରାମକ ରୋଗରୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ଅନୁଷ୍ଠାନରେ ଜୀବାଣୁ ଏବଂ ଭୂତାଣୁ ଭିତ୍ତିକ ଟିକା ଉତ୍ପାଦନ କରୁଥିବା ଲାବୋରେଟୋରୀ, ପରୀକ୍ଷାମୂଳକ ପ୍ରାଣୀ ବିଭାଗ ଏବଂ ଟିକାମାନଙ୍କ ନିର୍ଦ୍ଧାରଣ ସୁବିଧା ରହିଛି। ଭୁବନେଶ୍ୱରରେ ଜୀବାଣୁ ଜନିତ ରୋଗର ଟିକା ପାଇଁ ଏକ ନୂତନ ଉତ୍ତମ ଉତ୍ପାଦନ ଅଭ୍ୟାସ ଲାବୋରେଟୋରୀ (GMP Lab) ପ୍ରତିଷ୍ଠା କରାଯାଇଛି । OBPI, ଭୁବନେଶ୍ୱରରେ ଜୀବାଣୁ ଭିତ୍ତିକ ଟିକା ଯଥା: ସାହାଣା, ବଜବଜିଆ ଏବଂ ଭାଇରାଲ୍ ଟିକା ଯଥା- ରାଣୀକ୍ଷେତ - F1ଷ୍ଟ୍ରେନ୍, R2B ଷ୍ଟ୍ରେନ୍ ଏବଂ ପକ୍ଷୀ ବସନ୍ତ ଟିକା ଉତ୍ପାଦନ ହେଉଅଛି । OBPI ର ବ୍ରହ୍ମପୁରରେ ଏକ ଦ୍ୱିତୀୟ ୟୁନିଟ୍ ଅଛି ଯାହା ସାରା ରାଜ୍ୟରେ ଟିକା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଜୁନ୍ ୧୫, ୧୯୯୨ ରେ ପ୍ରତିଷ୍ଠିତ ହୋଇଥିଲା । ଏହା ବର୍ତ୍ତମାନ ସମଗ୍ର ରାଜ୍ୟ ପାଇଁ ଆନ୍ଥ୍ରାକ୍ସ ଏବଂ ଛେଳି ଆନ୍ତ୍ରିକ ଜ୍ୱର ଟିକା ଉତ୍ପାଦନ କରୁଛି ।

### ଉତ୍ତମ ଉତ୍ପାଦନ ଅଭ୍ୟାସ (GMP) ଲାବୋରେଟୋରି



୨୦୨୫-୨୦୨୬ ବର୍ଷରେ ଉତ୍ତମ ଉତ୍ପାଦନ ଅଭ୍ୟାସ (GMP) ସୁସଙ୍ଗତ ଟିକା ଉତ୍ପାଦନ ଲାବୋରେଟୋରୀ Fermentation ପ୍ରକ୍ରିୟା ମାଧ୍ୟମରେ ସାହାଣା ଟିକା ଓ ବଜବଜିଆ ଟିକା ଉତ୍ପାଦନ କରୁଛି । ଏହି ବର୍ଷ ୧୧ ଗୋଟି ବ୍ୟାଚ୍ ଜରିଆରେ ୪୧.୦୭ ଲକ୍ଷ ସାହାଣା ଓ ବଜବଜିଆ ଟିକା ଉତ୍ପାଦନ କରାଯାଇଛି ।

### ଟିକା ଉତ୍ପାଦନ

| Sl. No. | Name of Vaccines | Target (Doses in lakh) | Total production in 2025-26 (doses in lakh) | Total Supplied in 2025-26 (doses in lakh) | % Vaccines supplied for field use 2025-26 (doses in lakh) |
|---|---|---|---|---|---|
| 1. | HSV | 82 | 69.25 | 75.84 | 92.48 |
| 2. | BQV | 60 | 45.79 | 54.74 | 91.23 |
| 3. | FDRDVF1 | 10 | 11.00 | 10 | 100 |
| 4. | RD (R2B)V | 40 | 42.16 | 40.02 | 100.05 |
| 5. | FowlPox Vaccine | 10 | 10 | 10 | 100 |
| 6. | ASV | 20 | 14.63 | 16.75 | 83.75 |
| 7. | ENTV | 14.02 | 11.66 | 11.66 | 83.16 |
| | Total | 236.02 | 204.49 | 219.01 | 92.95 |

## ୯. ପ୍ରାଣିରୋଗ ନିରୂପଣ ଓ ସର୍ବେକ୍ଷଣ

ପ୍ରାଣିରୋଗ ଗବେଷଣା ପ୍ରତିଷ୍ଠାନ (ADRI) ହେଉଛି ପ୍ରାଣିସମ୍ପଦ ବିକାଶ ବିଭାଗ ଅଧୀନରେ ଥିବା ଏକ ରାଜ୍ୟସ୍ତରୀୟ ପରୀକ୍ଷାଗାର, ଯାହା ପ୍ରାଣିଧନ ଏବଂ କୁକୁଡ଼ା ରୋଗ ନିର୍ଣ୍ଣୟ, ଗବେଷଣା ଏବଂ ପର୍ଯ୍ୟବେକ୍ଷଣ ପାଇଁ ଉତ୍ସର୍ଗୀକୃତ । ଏହା ପ୍ରାଣିଚିକିତ୍ସକ ଓ ପ୍ରାଣିଧନ ନିରିକ୍ଷକମାନଙ୍କୁ ତାଲିମ ଦେବା ସହିତ ବନ୍ୟା, ବାତ୍ୟା ଏବଂ ରୋଗ ବିପାକ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଶେଷଜ୍ଞଙ୍କ ମାଧ୍ୟମରେ ସହାୟତା ପ୍ରଦାନ କରିଥାଏ ।

### ଚାଲୁଥିବା କାର୍ଯ୍ୟକଳାପ :

- ନିୟମିତ ରୋଗ ନିର୍ଣ୍ଣୟ - PCR ବ୍ୟବହାର କଲେ ସ୍ୱୟଂଚାଳିତ ବିଶ୍ଳେଷକ, ମାଇକ୍ରୋସ୍କୋପି ଆଣବିକ ପଦ୍ଧତି ଦ୍ୱାରା ପଶୁ ମାନଙ୍କର ରକ୍ତ, ମଳ,ମୁତ୍ର, କ୍ଷୀର ଇତ୍ୟାଦିର ନମୁନା ପରୀକ୍ଷଣ କରାଯାଏ
- ୬ଟି  ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସେରୋ-ସର୍ଭେଲାନ୍ସ/ ନିରୀକ୍ଷଣ
- ଫାଟୁଆ, ବ୍ରୁସେଲୋସିସ୍, ଛେଳି ମଡକ (PPR), ଘୁଷୁରି ଜ୍ୱର (CSF), ବାର୍ଡ ଫ୍ଲୁ ଏବଂ ଆନ୍ଥ୍ରାକ୍ସ
- ଭାରତ ସରକାର ଏବଂ ରାଜ୍ୟ ଜଙ୍ଗଲ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ସଂଗ୍ରହ ଏବଂ ରିପୋର୍ଟିଂ
- ପ୍ରାଣିଚିକିତ୍ସକ, ପ୍ରଣିଧନ ନିରୀକ୍ଷକ ଏବଂ ବନ ଅଧିକାରୀଙ୍କ ପାଇଁ ତାଲିମ।
- ନମୁନା ସଂଗ୍ରହ ଏବଂ ପ୍ରେରଣ:
  - ଘୁଷୁରି ସେରମ୍ (ଜାପାନିଜ୍ ଏନସେଫାଲାଇଟିସ୍)
  - ଗୋମାଂସ ମସ୍ତିଷ୍କ ନମୁନା (NPRSM ଅଧୀନରେ BSE ନିରୀକ୍ଷଣ)
  - ବ୍ରୁସେଲୋସିସ୍, ସାଲମୋନେଲୋସିସ୍ ପାଇଁ ସ୍କ୍ରିନିଂ ପରୀକ୍ଷା

BBR ଏବଂ BM ଫାର୍ମରେ ଗୋ-ଯକ୍ଷ୍ମା ଏବଂ Johne's ରୋଗ ପାଇଁ ଯକ୍ଷ୍ମା/Johnin ପରୀକ୍ଷା

### ADRI ର ସଫଳତା

| Sl. No. | Particulars of work done | 2022-23 | | 2023-24 | | 2024-25 | |
|---|---|---|---|---|---|---|---|
| | | Target | Achiv. | Target | Achiv. | Target | Achiv. |
| 1 | Pathological samples examined in ADRI | 90000 | 27932 | 115000 | 25432 | 150000 | 26488 |
| 2 | Pathological samples examined by DDLs, CILs & SVL | | 91561 | | 85438 | | 161814 |
| 3 | Samples tested for Disease Surveillance by ADRI, DDLs, CILs & SVL | 50000 | 50315 | 50000 | 61450 | 50000 | 72910 |
| | TOTAL | 140000 | 169808 | 165000 | 172320 | 200000 | 261212 |



## ୧୦. ଭିତ୍ତିଭୂମି ସୁଦୃଢ଼ୀକରଣ

୨୦୨୫-୨୬ ବର୍ଷରେ, ବିଭିନ୍ନ କ୍ଷେତ୍ର କାର୍ଯ୍ୟାଳୟ ଏବଂ ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକର ନିର୍ମାଣ ଏବଂ ନବୀକରଣ କରାଯାଇଛି, ଯେଉଁଥିରେ VOTI, LITC, RTC, DTC ଏବଂ CDVO କାର୍ଯ୍ୟାଳୟ, SDVO କାର୍ଯ୍ୟାଳୟ ଏବଂ ପଶୁପାଳନ ଫାର୍ମ ଭଳି ତାଲିମ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି ଏବଂ ବର୍ତ୍ତମାନ ପ୍ରଗତିରେ ଅଛି ।  ଏହା ବ୍ୟତୀତ, ତୃଣମୂଳ ସ୍ତରରେ ପଶୁପାଳନ ସେବା ପ୍ରଦାନକୁ ସୁଦୃଢ଼ କରିବା ପାଇଁ  ୨୦ଟି ପଶୁପାଳନ ସହାୟତା କେନ୍ଦ୍ର ନିର୍ମାଣ କରାଯାଉଛି। ୧୦ଟି ପ୍ରଶାସନିକ କୋଠାର ମରାମତି, ୬ଟି DDLର ସୁଦୃଢ଼ୀକରଣ ଏବଂ ଛଅଟି ନୂତନ ଉପ-ବିଭାଗୀୟ ପଶୁପାଳନ ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ମଧ୍ୟ ୨୦୨୫ ଆର୍ଥିକ ବର୍ଷରେ ଆରମ୍ଭ ହୋଇଛି ଏବଂ ଏହା ସମ୍ପୂର୍ଣ୍ଣ ପର୍ଯ୍ୟାୟରେ ଅଛି। ଏହି ପ୍ରକଳ୍ପଗୁଡ଼ିକ ₹ ୭୩.୯୬ କୋଟି ବଜେଟ୍ ଆବଣ୍ଟନ ସହିତ କାର୍ଯ୍ୟକାରୀ କରାଯାଉଛି।

ପଶୁପାଳନ ଅଧିକାରୀ, ପାରାଭେଟେରିଆନ ଇତ୍ୟାଦିଙ୍କୁ ଉପଯୁକ୍ତ ତାଲିମ ସୁବିଧା ପ୍ରଦାନ କରିବା ପାଇଁ ନବୀକରଣ ଏବଂ ନୂତନ ନିର୍ମାଣ ମାଧ୍ୟମରେ ପଶୁପାଳନ ଅଧିକାରୀ ତାଲିମ ପ୍ରତିଷ୍ଠାନ ଏବଂ LITC ବୋଲାଙ୍ଗିରକୁ ସୁଦୃଢ଼ କରାଯାଉଛି। ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ୨.୮୬ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇଛି। ରୋଗ ନିର୍ଣ୍ଣୟ ପରୀକ୍ଷାଗାର ପାଇଁ ଆଣବିକ ପରୀକ୍ଷାଗାର ନିର୍ମାଣ ମଧ୍ୟ ଆରମ୍ଭ କରାଯାଇଛି। ଆର୍ଥିକ ବର୍ଷ 2025-26 ରେ ବିଦ୍ୟମାନ ପଶୁପାଳନ ଫାର୍ମ (23 ଟି) କୁ ସୁଦୃଢ଼ କରାଯାଇଛି। ଏଥିପାଇଁ 7.2 କୋଟି ଟଙ୍କା ପାଣ୍ଠି ମଞ୍ଜୁର କରାଯାଇଛି।

ଏଥି ସହିତ ୯ଟି ମଡ୍ୟୁଲାର ଅପରେସନ ଥିଏଟର ନିର୍ମାଣ କରାଯାଇଛି



## ୧୧. ପ୍ରାଣିଚିକିତ୍ସା ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠା (VOTI), ଭୁବନେଶ୍ୱର

(୧୯୯୪ମସିହାରୁ ଓଡ଼ିଶାର ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ଦକ୍ଷତା ବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ) ଭୁବନେଶ୍ୱରର ଲକ୍ଷ୍ମୀସାଗର ଠାରେ ଅବସ୍ଥିତ VOTI, ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧୀନରେ ଏକ ସର୍ବୋଚ୍ଚ ପ୍ରଶିକ୍ଷଣ ଅନୁଷ୍ଠାନ। ଏହା ପ୍ରାଣୀପାଳନ ଏବଂ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଅଧିକାରୀ ଏବଂ କର୍ମଚାରୀ ମାନଙ୍କର ଦକ୍ଷତା ବିକାଶ ପାଇଁ ସମର୍ପିତ।

**ଏକ ଉଦୀୟମାନ କ୍ଷେତ୍ର ଏବଂ ଅସୀମସମ୍ଭାବନା**

ପ୍ରାଣୀସମ୍ପଦ ବିକାଶ କ୍ଷେତ୍ର ଆଜି ଏକ 'ସନରାଇଜ୍ସେକ୍ଟର' ବାଉଦୀୟମାନ କ୍ଷେତ୍ର ଭାବେ ଉଭା ହୋଇଛି । ନୂତନ ଜ୍ଞାନକୌଶଳ, ପୁଞ୍ଜିନିବେଶ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ବଢୁଥିବା ଚାହିଦା ଏହି କ୍ଷେତ୍ରକୁ ଅଧିକ ଗତିଶୀଳ କରିଛି । VOTI ଏହି ପରିବର୍ତ୍ତନର ନେତୃତ୍ୱ ନେଇ ପ୍ରାଣୀ ଚିକିତ୍ସା ବୃତ୍ତିଧାରୀ ମାନଙ୍କୁ ସଶକ୍ତ କରୁଛି, ଯାହାଦ୍ୱାରା ସେମାନେ ଓଡ଼ିଶାର ପଶୁପାଳକ ମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରିବେ ।

**ଆମର ଲକ୍ଷ୍ୟ**

କ୍ଷେତ୍ରାଧିକାରୀ ମାନଙ୍କୁ ଆବଶ୍ୟକୀୟ ଜ୍ଞାନ,କୌଶଳ ଏବଂ ସମ୍ବଳ ପ୍ରଦାନ କରି ସେମାନଙ୍କୁ ଦକ୍ଷ କରିବା, ଯାହାଦ୍ୱାରା ତୃଣମୂଳସ୍ତରରେ ପ୍ରାଣୀସମ୍ପଦର ଉତ୍ପାଦନ ବୃଦ୍ଧି,ସହନଶୀଳତା ଏବଂ ଗ୍ରାମୀଣ ସମୃଦ୍ଧି ସମ୍ଭବ ହୋଇପାରିବ।

**ତାଲିମ ଏବଂ ସହଯୋଗ**

VOTI ପରିସରରେ ନିୟମିତ ଭାବେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ଏଥିରେ XIMB, OUAT, ICAR-CIFA, ICAR-CIWA, OSDMA, IMD, NDRF, ସୋଆ(SoA) ବିଶ୍ୱବିଦ୍ୟାଳୟ,କିମ୍ସ(KIIMS), ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ(GAA) ଏବଂ SIRD ଭଳି ଦେଶର ଅଗ୍ରଣୀ ଅନୁଷ୍ଠାନର ବିଶେଷଜ୍ଞମାନେ ଯୋଗଦେଇ ଉନ୍ନତମାନର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରନ୍ତି।

**ରାଜ୍ୟ ବାହାରେ ପ୍ରଶିକ୍ଷଣ ଓ ଅଭିଜ୍ଞତାଗସ୍ତ**

ଅଧିକାରୀମାନଙ୍କ ବ୍ୟାପକ ଜ୍ଞାନ ଆହରଣ ପାଇଁ ଭାରତର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନକୁ ଗସ୍ତ କରାଯାଏ:

* IVRI (ବରେଲିଏବଂପୁଣେ), NBAGR (କର୍ଣ୍ଣାଲ), NRC (ଗୁଆହାଟୀ), IGFRI (ଝାନସୀ)।
* CEAH (ବେଙ୍ଗାଲୁରୁ), BAIF (ପୁଣେ), KLDB (କେରଳ), NDDB (ଆନନ୍ଦ)।
* CIRG (ମଥୁରା), NDRI (କର୍ଣ୍ଣାଲ), ULDB ଏବଂ CSWDB (ଉତ୍ତରାଖଣ୍ଡ)।
* EEI (ହାଇଦ୍ରାବାଦ), ISTM (ନୂଆଦିଲ୍ଲୀ), IRMA (ଆନନ୍ଦ)।

**ପ୍ରଶିକ୍ଷଣର ପ୍ରମୁଖ ଦିଗ**

VOTI କେବଳ ବୈଷୟିକ ଜ୍ଞାନ ନୁହେଁ, ବରଂ ଅଧିକାରୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ ଧ୍ୟାନ ଦେଇଥାଏ:

* ସମ୍ପ୍ରସାରଣ ଏବଂ ଯୋଗାଯୋଗ (Extension & Communication)
* ହିସାବରକ୍ଷଣ ଏବଂ କାର୍ଯ୍ୟାଳୟପ୍ରଶାସନ
* ଜଳବାୟୁ ପରିବର୍ତ୍ତନ ଏବଂ ପଶୁସମ୍ପଦ ପରିଚାଳନା
* ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିକାର
* ପ୍ରକଳ୍ପଯୋଜନା ଏବଂ ନେତୃତ୍ୱ ବିକାଶ
* ଡିଜିଟାଲ୍ଉଦ୍ଭାବନ (Digital Innovations)
* ଅନୁଧ୍ୟାନ, ମୂଲ୍ୟାଙ୍କନ ଏବଂ ଶିକ୍ଷଣ (MEL)
* 'ୱାନ୍ହେଲଥ୍'(One Health) ଅଭିଯାନ

**OSDMA ସହଯୋଗରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA)ଙ୍କ ପ୍ରତ୍ୟକ୍ଷ ସହଯୋଗରେ, ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କ ପାଇଁ VOTI ଠାରେ ୫ଦିନିଆ 'ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ' କାର୍ଯ୍ୟକ୍ରମର ୫ଟି ବ୍ୟାଚ୍ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଉକ୍ତ ପାଠ୍ୟକ୍ରମରେ ସର୍ବମୋଟ ୧୦୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି ।






**ଘାସଚାଷ ଓ ଖାଦ୍ୟ ପରିଚାଳନା କ୍ଷେତ୍ରରେ ରାଷ୍ଟ୍ରୀୟସ୍ତରର ପ୍ରଶିକ୍ଷଣ**

VOTI ପକ୍ଷରୁ ପ୍ରଥମଥର ପାଇଁ ଭାରତ ସରକାରଙ୍କ CEAH (ବେଙ୍ଗାଲୁରୁ) ସହଯୋଗରେ, ଭୁବନେଶ୍ୱରସ୍ଥିତ CIWAଠାରେ ୨୦୨୫ ସେପ୍ଟେମ୍ବର ୨୨ରୁ୨୬ ତାରିଖ ପର୍ଯ୍ୟନ୍ତ "ଭାରତରେ ଗୋ-ଖାଦ୍ୟ ପରିଚାଳନାରେ ଅଗ୍ରଗତି" (AFMI- 2025) ଶୀର୍ଷକ ଦ୍ୱିତୀୟ ଜାତୀୟସ୍ତରୀୟ ପ୍ରଶିକ୍ଷଣ ତଥା କର୍ମଶାଳା ମିଳିତଭାବେ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଭାରତର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ସର୍ବମୋଟ ୮୧ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଷ୍ଠିତ ବିଶେଷଜ୍ଞମାନେ ଏଥିରେ ସମ୍ବଳବ୍ୟକ୍ତି (Resource Persons) ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ ।




**IVRI, ବରେଲି ସହିତ VOTI ପକ୍ଷରୁ ପ୍ରଥମ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ (Interface Meeting)**

VOTI ପକ୍ଷରୁ ଗତ ୦୭.୦୧.୨୦୨୬ରିଖରେ IVRI, ବରେଲି ସହିତ ଏକ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

• ବିଷୟବସ୍ତୁ: "ପ୍ରାଣୀରୋଗ ଏବଂ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି" (Advances in Animal Diseases and Production) ଶୀର୍ଷକ ଏହି ପ୍ରଥମ ଆନ୍ତଃ-ବିଭାଗୀୟ ବୈଠକରେ୨୦୨୬-୨୭ ବର୍ଷ ପାଇଁ ଏକ ରୋଡ୍ମ୍ୟାପ୍ (କାର୍ଯ୍ୟଯୋଜନା) ପ୍ରସ୍ତୁତ କରାଯାଇଛି।



• ଅଧ୍ୟକ୍ଷତା:ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମୁଖ୍ୟଶାସନସଚିବ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଏବଂ IVRI ର ନିର୍ଦ୍ଦେଶକ ତଥା କୁଳପତି ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

• ଅଂଶଗ୍ରହଣ: ଏହିକାର୍ଯ୍ୟକ୍ରମରେ IVRI ବରେଲିର ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଏବଂ ୪ଟି ଆଞ୍ଚଳିକ କେନ୍ଦ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ। ହାଇବ୍ରିଡ୍ମୋଡ୍ (ପ୍ରତ୍ୟକ୍ଷ ଓ ଅନ୍ଲାଇନ୍) ମାଧ୍ୟମରେ ସାରା ରାଜ୍ୟର ପ୍ରାୟ ୫୦୦ଜଣ ପ୍ରାଣୀଚିକିତ୍ସା ଅଧିକାରୀ ଏଥିରେ ସାମିଲ ହୋଇଥିଲେ।

**Participants Trained for the year 2025-26**

| Sl | Category | Male | Female | Total |
|---|---|---|---|---|
| 1 | Farmers | 5752 | 2220 | 7952 |
| 2 | Vets | 1070 | 357 | 1427 |
| 3 | Paravets | 900 | 243 | 1143 |
| 4 | Fodder Staffs | 17 | 3 | 20 |
| 5 | Dairy Officers | 13 | 2 | 15 |
| | **TOTAL** | **7752** | **2825** | **10557** |

**Exposure visit Conducted during 2025-26**

| Sl | Category | No. of batches | Male | Female | Total |
|---|---|---|---|---|---|
| 1 | Farmers | 11 | 143 | 27 | 170 |
| 2 | Vets | 30 | 383 | 133 | 516 |
| 3 | Paravets | 41 | 526 | 160 | 686 |
| 4 | Dairy Officers | 1 | 13 | 2 | 15 |
| 5 | Fodder Staffs | 1 | 17 | 3 | 20 |
| | **TOTAL** | **61** | **824** | **194** | **1018** |

## ୧୨. ପ୍ରାଣିକଲ୍ୟାଣ କାର୍ଯ୍ୟକଳାପ

**ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା (MPKY), ୨୦୨୫-୨୬**

ଏହି ଯୋଜନା ଅଧୀନରେ ନିମ୍ନଲିଖିତ କାର୍ଯ୍ୟକଳାପ ଗ୍ରହଣ କରାଯାଇଛି :

### ଗୋଶାଳା ମାନଙ୍କୁ ସହାୟତା

- ରାଜ୍ୟର ୯୨ ଟି ନିବନ୍ଧିତ ଗୋଶାଳାଙ୍କୁ ୧୨.୩୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।
- ଖାଦ୍ୟ ଓ ରକ୍ଷାପୋଷଣ ସହାୟତା : ୨୨,୨୭୬ ଟି ବୁଲା ଓ ଅସହାୟ ପଶୁଲାଭାନ୍ୱିତ ହୋଇଛନ୍ତି

### • ଗୋଧନ କେନ୍ଦ୍ରଗୁଡ଼ିକୁ ସହାୟତା

ବର୍ଜ୍ୟବସ୍ତୁ ପରିଚାଳନା ଓ ଗୋଶାଳାର ସ୍ଥାୟୀତ୍ୱ ପାଇଁ ୫ଟି ପ୍ରକଳ୍ପକୁ ୫୦ ଲକ୍ଷଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି ।

### ଟେଲି ଭେଟେରିନାରୀ ସେବା (ଭିଡିଓ କଲ୍ ସୁବିଧା ସହିତ)

- ଟୋଲ୍-ଫ୍ରୀ ନମ୍ବର ୧୯୬୨ ଚାଲୁ ଅଛି।
- ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୧୪,୬୯୬ ଟି ପ୍ରାଣୀଚିକିତ୍ସିତ ହୋଇଛନ୍ତି।
  ପ୍ରାଣୀ ପାଳକମାନଙ୍କ ଲାଭ ପାଇଁ ଭିଡିଓ କଲିଂ ସୁବିଧା ଆରମ୍ଭ କରାଯାଇଛି।
- ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ,୧୩ ,୧୫୬ ଜଣ ଚାଷୀଏହି ସେବାରୁ ଲାଭାନ୍ୱିତ ହୋଇଛନ୍ତି।

### ଆନିମଲ ହେଲ୍ପଲାଇନ୍ (AHL) ଏବଂ ଆମ୍ବୁଲାନ୍ସ ସେବା ସହିତ

- ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ୭୪୩୧୩ ଟି ବୁଲା ଓ ଅସହାୟ ପ୍ରାଣୀଚିକିତ୍ସା ପାଇଛନ୍ତି।
- ୧୯ ଟି ଜିଲ୍ଲାର ୨୩ଟି ସ୍ଥାନରେ ୨୭ଟି AHL ୟୁନିଟ କାର୍ଯ୍ୟରତ ଅଛି।
- ରାଜ୍ୟରେ ଫିଲ୍ଡ ୟୁନିଟ୍ ଭାବେ, ୩୧୪ ଟି ମୋବାଇଲ୍ ଭେଟେରିନାରି ୟୁନିଟ୍ (MVUs) AHL ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି ।

### ନୂତନ ଗୋଶାଳା ସ୍ଥାପନ

୮୦୦ ଟି ବୁଲା ଓ ଅସହାୟ ପ୍ରାଣୀ ଙ୍କ ପାଇଁ ୯ ଟି ନୂତନ ଗୋଶାଳାସମ୍ପୂର୍ଣ୍ଣ ହୋଇଛି।

- ୨୩ ଟି ଗୋଶାଳାବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ଅଛି।
- ସମ୍ପୂର୍ଣ୍ଣ ହେଲେ, ୨୦୦୦ରୁ ଅଧିକ ବୁଲା ଓ ଅସହାୟ ପ୍ରାଣୀ ଆଶ୍ରୟ ପାଇବେ।
- ଆର୍ଥିକ ବର୍ଷ -୨୦୨୫-୨୬, ମଧ୍ୟରେ ଏହି୯ ଟି ନୂତନ ଗୋଶାଳାକୁର ୨୦୦ ଲକ୍ଷଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

### ପ୍ରାଣୀ ଉଦ୍ଧାର ଯାନ ପାଇଁ ଅର୍ବାନ୍ ଲୋକାଲ୍ ବଡି (ULBs) ଙ୍କୁ ସହାୟତା

ବୁଲା ଓ ଅସହାୟ ପ୍ରାଣୀ ଉଦ୍ଧାର ଓ ପୁନର୍ବାସ ପାଇଁ"Support for Stray Animal Rescue and Care Centre"ଅଧୀନରେ 24 ଟି ଅର୍ବନ୍ ଲୋକାଲ୍ ବଡି (ULBs) ଙ୍କୁ ପ୍ରତିଟିକୁ୨୫ ଲକ୍ଷ ହାରରେ, ମୋଟ ୬୦୦ ଲକ୍ଷଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇ ଅଛି ।



## ୧୩ . ଓଡ଼ିଶା ପ୍ରାଣିସମ୍ପଦ ବିକାଶ ସମିତି (OLRDS)

ଓଡ଼ିଶା ପ୍ରାଣିସମ୍ପଦ ବିକାଶ ସମିତି ବା OLRDS ହେଉଛି ରାଜ୍ୟର ସମସ୍ତ ଗୋ-ପ୍ରଜନନ କାର୍ଯ୍ୟକଳାପ ପାଇଁ ପ୍ରତିଶୃତିବଦ୍ଧ ସଂସ୍ଥା। ଗାଈ ଏବଂ ମଇଁଷିର ଜେନେଟିକ୍ ଉନ୍ନତିକରଣ ମାଧ୍ୟମରେ ପ୍ରାଣିପାଳକଙ୍କ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ପ୍ରତିବଦ୍ଧ ।

### OLRDS ଦ୍ୱାରା ସମ୍ପାଦିତ ପ୍ରମୁଖ କାର୍ଯ୍ୟ

- କଠୋର ଜୈବ-ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ଗୁଣାତ୍ମକ (ଷଣ୍ଢ) ଶୁକ୍ର ଉତ୍ପାଦନ
- ଚୟନିତ ପ୍ରଜନନ ମାଧ୍ୟମରେ ସ୍ୱଦେଶୀ ଜର୍ମପ୍ଲାଜମର ସଂରକ୍ଷଣ
- ପ୍ରାଣିସମ୍ପଦ ବୀମା ଯୋଜନାର କାର୍ଯ୍ୟାନ୍ୱୟନ
- ଲିଙ୍ଗ ନିରୂପିତ ଶୁକ୍ରର ବ୍ୟବହାର

**ପ୍ରମୁଖ ସଫଳତା:**

### କୃତ୍ରିମ ପ୍ରଜନନ -

- ଦେଶବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ (NAIP- ୨୦୨୫-୨୬) ଅଧୀନରେ ୧୧ ଲକ୍ଷ କୃତ୍ରିମ ପ୍ରଜନନ ଲକ୍ଷ୍ୟ ମଧ୍ୟରୁ ୫.୩୩ ଲକ୍ଷ ପ୍ରାଣୀଙ୍କ ଠାରେ କୃତ୍ରିମ ପ୍ରଜନନ କରାଯାଇଛି ।
- ଲିଙ୍ଗ ନିରୂପିତ ଶୁକ୍ରର ୫୩୦୧୯୦ ଟି ଡୋଜ୍ କିଣାଯାଇଛି, ଯାହା ମଧ୍ୟରୁ ୩୧୪୦୧୪ ଡୋଜ୍ ବ୍ୟବହାର କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ ଏପର୍ଯ୍ୟନ୍ତ ୪୯୩୫୭ ଟି ମାଈ ବାଛୁରୀ ଜନ୍ମ ହୋଇଛନ୍ତି ।

## ପ୍ରାଣିସମ୍ପଦ ବୀମା

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ଅନ୍ତର୍ଗତ "ପ୍ରାଣିସମ୍ପଦ ବୀମା ଯୋଜନା" ଚଳିତ ବର୍ଷଠାରୁ ରାଜ୍ୟ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଛି । ବୀମାର ପ୍ରିମିୟମ୍ ମୂଲ୍ୟ ଉପରେ ୮୫% ସବସିଡି ସହିତ ୧୫୭୦ ଦୁଧିଆଳୀ ମଇଁଷି, ୫୦୦୦ ଦୁଧିଆଳୀ ଗାଇ ଏବଂ ୨୦,୦୦୦ ମାଈ ବାଛୁରୀ ସହିତ ୧,୬୫,୮୭୦ ପ୍ରାଣୀଙ୍କୁ ବୀମାଭୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି । ସେହିପରି, କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଜାତୀୟ ପ୍ରାଣିଧନ ମିଶନ ଅଧୀନରେ, ୨୦୨୫-୨୬ ମଧ୍ୟରେ ୧,୨୦,୯୨୫ ଗୋ-ମହିଷାଦି ଏବଂ ଛେଳି ଓ ମେଣ୍ଢାଙ୍କୁ ବୀମାଭୁକ୍ତ କରିବା ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୯୫,୧୭୭ ପ୍ରାଣୀଙ୍କୁ ବୀମାଭୁକ୍ତ କରାଯାଇଛି ।

## ପ୍ରଜାତି ସଂରକ୍ଷଣ

ଶ୍ରୀ ସୁକାନ୍ତ କୁମାର ବିଶ୍ବାଳ, ସମ୍ପାଦକ ବିଞ୍ଝାରପୁରୀ ଗୋ ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତି ଚଳିତ ବର୍ଷ ନୂଆ ଦିଲ୍ଲୀ ଠାରେ ମାନନୀୟ କୃଷି ମନ୍ତ୍ରୀ ଶ୍ରୀଯୁକ୍ତ ଶିବରାଜ ସିଂ ଚୌହାନ ଙ୍କ ଠାରୁ ୨୦୨୫ -୨୬ ର ଜାତୀୟ ପ୍ରଜାତି ସଂରକ୍ଷଣ ପୁରସ୍କାର ଗ୍ରହଣ କରିଛନ୍ତି।

## ୧୫୦୦ ମୈତ୍ରୀ (MAITRI) ପ୍ରତିଷ୍ଠା

ଏହି ପ୍ରକଳ୍ପର ପ୍ରାଥମିକ ଲକ୍ଷ୍ୟ ହେଉଛି ଗ୍ରାମୀଣ ଭାରତରେ ବହୁମୁଖୀ କୃତ୍ରିମ ପ୍ରଜନନକାରୀ ବା ମୈତ୍ରୀ(MAITRI)ସ୍ଥାପନ ମାଧ୍ୟମରେ କୃତ୍ରିମ ପ୍ରଜନନ କଭରେଜ୍ ବୃଦ୍ଧି କରି ଗୋବଂଶର ଉତ୍ପାଦକତା ବୃଦ୍ଧି କରିବା । ଏହା ଦ୍ୱାରା ଗୋପାଳକଙ୍କ ଦ୍ୱାରଦେଶରେ କୃତ୍ରିମ ପ୍ରଜନନ ସେବା ପ୍ରଦାନ କରାଯାଇପାରିବ । ଏହି ପ୍ରକଳ୍ପ ଅଧୀନରେ, ୧୫୦୦ଜଣ ମୈତ୍ରୀଙ୍କୁ ଚୟନ କରାଯାଇଛି, ୧୫୦୦ଜଣ ମୈତ୍ରୀ ୯୦ଦିନିଆ ତାଲିମ କାର୍ଯ୍ୟକ୍ରମ ସମାପ୍ତ କରିସାରିଛନ୍ତି, ୧୧୮୨ଜଣ ମୈତ୍ରୀ କୃତ୍ରିମ ପ୍ରଜନନ ସେବା ପ୍ରଦାନ କରୁଛନ୍ତି । ଚଳିତ ବର୍ଷ ମୈତ୍ରୀ ଦ୍ୱାରା ୫୬୧୫୮ କୃତ୍ରିମ ପ୍ରଜନନ କରାଯାଇଛି

## ଅନ୍ କଲ୍ AI-

ରାଜ୍ୟର ଗ୍ରାମାଞ୍ଚଳରେ ଗୋପାଳକଙ୍କ ଦ୍ୱାର ଦେଶରେ କୃତ୍ରିମ ପ୍ରଜନନ ସେବା ପହଞ୍ଚାଇବା ପାଇଁ ଅନ୍ କଲ୍ AI ଆରମ୍ଭ କରାଯାଇଛି । ଏହା ରାଜ୍ୟର ୧୦ ଟି ଜିଲ୍ଲାରେ କାର୍ଯ୍ୟକରୁଛି ଏବଂ ଅନ୍ କଲ୍ AIକାର୍ଯ୍ୟକ୍ରମ ମାଧ୍ୟମରେ ୪୧୧୮୨୭ ପଞ୍ଜିକରଣ ହୋଇଛି ।



## ୧୪. ଓଡ଼ିଶା ରାଜ୍ୟ କୁକ୍କୁଟ ଉତ୍ପାଦନ ସମବାୟ ବିପଣନ ଲିମିଟେଡ୍ (OPOLFED)

ଓଡ଼ିଶା ରାଜ୍ୟ କୁକ୍କୁଟ ଉତ୍ପାଦ ସମବାୟ ବିପଣନ ଲିମିଟେଡ (OPOLFED) ଏକ ରାଜ୍ୟସ୍ତରୀୟ ଶୀର୍ଷ ସମବାୟ ସଂଗଠନ ଯାହା ୨୯-୦୩-୧୯୭୬ ରେ ପଞ୍ଜିକୃତ ହୋଇଥିଲା ଏବଂ ୨୨-୩-୧୯୮୪ ରେ ଏକ ସମବାୟ ବିପଣନ ଲିମିଟେଡ ଭାବରେ ଘୋଷିତ ହୋଇଥିଲା। OPOLFED ଏକ ଦୁଇ-ସ୍ତରୀୟ ବ୍ୟବସ୍ଥାରେ କାର୍ଯ୍ୟ କରେ, ଯଥା- କୁକ୍କୁଟ ଉତ୍ପାଦକ ସମବାୟ ସମିତି (PPCS) ଏବଂ ମହିଳା କୁକ୍କୁଟ ସମବାୟ ସମିତି (WPCS) । ଅଦ୍ୟାବଧି ୧୩୧ଟି PPCS/WPCS OPOLFED ସହିତ ଜଡିତ। OPOLFED ର ମାର୍କେଟିଂ କାର୍ଯ୍ୟକଳାପ ଯେପରିକି ଅଣ୍ଡା, ପ୍ୟାକେଟ ଅଣ୍ଡା, କୁକୁଡ଼ା ମାଂସ; ଭୁବନେଶ୍ୱର ଏବଂ କଟକର ଗ୍ରାହକମାନଙ୍କୁ ଅନୁମୋଦିତ ସଂସ୍ଥା ମାଧ୍ୟମରେ ଯୋଗାଣ କରିଥାଏ । ବିକ୍ରୟ ବୁଥ୍ ଏବଂ ଚିକେନ୍ ଫ୍ରେସ୍ ଆଉଟଲେଟ୍ ଗୁଡିକ ଶହିଦ୍ ନଗର SDVO କ୍ୟାମ୍ପସ୍, IRC Village, OUAT କ୍ୟାମ୍ପସ୍, ଚନ୍ଦ୍ରଶେଖରପୁର, ଲକ୍ଷ୍ମୀସାଗର ଏବଂ ଖାପୁରିଆ, କଟକ ଠାରେ ପ୍ରତିଷ୍ଠିତ । ଏଥି ସହିତ ୯ ଟି ଚିକେନ୍ ଫ୍ରେସ୍ ଆଉଟଲେଟ୍ ଗୁଡିକ PPP ମୋଡରେ ଜଗତସିଂହପୁର, ଫୁଲବାଣୀ, ଖୋର୍ଦ୍ଧା, ଭବାନୀପାଟଣା, ଜୟପୁର, ବ୍ରହ୍ମପୁର ସହର, ସୁନାବେଡ଼ା, ଛତାବରା, ଖୋର୍ଧା ଏବଂ ସିଡିଭିଓ କ୍ୟାମ୍ପସ, ସୁବର୍ଣ୍ଣପୁର ଠାରେ ସ୍ଥାପିତ ହୋଇସାରିଛି ।

### ୨୦୨୪-୨୫ ମଧ୍ୟରେ ନିଆଯାଇଥିବା କାର୍ଯ୍ୟକଳାପ:



(ସମବାୟ ସମିତି ମାଧ୍ୟମରେ କୁକୁଡ଼ା ପାଳନ ଓ ବ୍ୟବସାୟିକ ଅଭିବୃଦ୍ଧି କର୍ମଶାଳା)

- OPOLFED ର ଅନୁବନ୍ଧିତ PPCS/WPPCS ମାନଙ୍କଠାରୁ ଅଣ୍ଡା, ପ୍ୟାକେଟ ଅଣ୍ଡା, ବ୍ରଏଲର କୁକୁଡ଼ା, LIT କୁକୁଡ଼ା, ଦେଶୀ, ବନରାଜ କୁକୁଡ଼ା ଇତ୍ୟାଦି ସଂଗ୍ରହ କରାଯାଉଛି।
- ଗ୍ରାହକ ଏବଂ ଏଜେଣ୍ଟମାନଙ୍କୁ ଉପଯୁକ୍ତ ମୂଲ୍ୟରେ ଅଣ୍ଡା, ପ୍ୟାକେଟ ଅଣ୍ଡା, ବ୍ରଏଲର କୁକୁଡ଼ା ମାଂସର ବିପଣନ କରାଯାଉଛି । ଏହି ବର୍ଷ ୫୦୧.୨୪ ମେଟ୍ରିକ ଟନ୍ କୁକୁଡ଼ା ମାଂସ ଓ ୯.୫୨ ଲକ୍ଷ ଅଣ୍ଡା ବିପଣନ କରାଯାଉଛି ।
- OPOLFED ର ଅନୁବନ୍ଧିତ PPCS /WPPCS ମାଧ୍ୟମରେ ସାରା ରାଜ୍ୟରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ 108994 ଚାରି ସପ୍ତାହ ପୁରୁଣା LIT କୁକୁଡ଼ା, ଅଣ୍ଡା ଦିଆ କୁକୁଡ଼ା, ୧୪ ତମ ସପ୍ତାହ ବୟସର ପୁଲେଟ୍ ଯୋଗାଇ ଦିଆଯାଉଛି ।

ଓପୋଲଫେଡ୍ ଦ୍ୱାରା ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ 100ଗୋଟି ଓପୋଲଫେଡ୍ ବିକ୍ରୟ କେନ୍ଦ୍ରମାନ ପ୍ରତିଷ୍ଠା କରି ବେରୋଜଗାର ଯୁବକ ଯୁବତୀ ମାନଙ୍କୁ ଜୀବିକା ଯୋଗାଇ ଦେଉଛି।

- 2025-26 ଆର୍ଥିକ ବର୍ଷ ରେ କଟକ ମହାନଗର ଅଞ୍ଚଳରେ 4 ଗୋଟି ଓପୋଲଫେଡ୍ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି
- ଏହି ବିକ୍ରୟ କେନ୍ଦ୍ର ରେ ସତେଜ ପ୍ୟାକେଟ ଅଣ୍ଡା ରିହାତି ମୁଲ୍ୟ ରେ ମିଳେ
- ଓପୋଲଫେଡ୍ ଫାଷ୍ଟ ଫୁଡ ମାନଙ୍କରେ ସୁସ୍ୱାଦୁ କୁକ୍କୁଟ ରନ୍ଧା ଖାଦ୍ୟ ମିଳେ।



## ୧୫. ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ଫେଡେରେସନ ଲିମିଟେଡ୍ (ଓମ୍ଫେଡ୍)

୨୦୨୫ -୨୬ ବର୍ଷ ମଧ୍ୟରେ ଓମ୍ଫେଡ୍ ୧୨୬୮.୪୬ କୋଟି ଟଙ୍କାର କାରବାର ଲକ୍ଷ୍ୟ ରଖି, ଦୁଗ୍ଧ କ୍ରୟ ଓ ମାର୍କେଟିଂ ଭଳି ବିଭିନ୍ନ କ୍ଷେତ୍ରରେ ୮୫୭ କୋଟି ଟଙ୍କା ହାସଲ କରିପାରିଛି। ଦୁଗ୍ଧ ବିଲ୍ ପଇଠ ପାଇଁ ଓମ୍ଫେଡ୍ କୃଷକମାନଙ୍କୁ ୬୮୨.୪ କୋଟି ଟଙ୍କା ପ୍ରଦାନ କରିଛି, ଯାହାକି ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରିର ଶତକଡା ୮୦ ପ୍ରତିଶତ ଅଟେ ।

### କ୍ରୟ ବା ସଂଗ୍ରହଣ:

- ବର୍ତ୍ତମାନ ସୁଦ୍ଧା ୭୦୫୯ ଗୋଟି ସୋସାଇଟି ଗଠନ କରାଯାଇଛି, ଯେଉଁଥିରେ ୩.୪୪ ଲକ୍ଷ ଦୁଗ୍ଧ ଚାଷୀ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧.୩୩ ଲକ୍ଷ ମହିଳା ସଦସ୍ୟ ନିଜର ନାମ ପଞ୍ଜିକୃତ କରିଛନ୍ତି । ୨୦୨୫ -୨୬ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାରୁ ଓମ୍ଫେଡ୍ ଦୈନିକ ହାରାହାରି ୫.୩ ଲକ୍ଷ ଲିଟର (୨୦୨୪-୨୫ ତୁଳନାରେ ୩.୦୧ ପ୍ରତିଶତ ଅଭିବୃଦ୍ଧି) କ୍ଷୀର ସଂଗ୍ରହ କରିଛି । କୃଷକମାନଙ୍କୁ କୌଣସି ପ୍ରତିବନ୍ଧକ ନ ଲଗାଇ ସୋସାଇଟିରେ ସମସ୍ତ ବିପଣନ ଯୋଗ୍ୟ ବଳକା କ୍ଷୀର କ୍ରୟ କରିବାକୁ ମଧ୍ୟ ଆଶ୍ୱାସନା ଦିଆଯାଇଛି।
- ୧୭୨୫ ଗୋଟି କାର୍ଯ୍ୟକ୍ଷମ ପଞ୍ଜିକୃତ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମିତି ଏବଂ ୧୧ ଗୋଟି କେନ୍ଦ୍ରୀୟ ସମବାୟ ସମିତିର ନିର୍ବାଚନ ଶେଷ ହୋଇଯାଇଛି ।
- ଆମର ଦୁଗ୍ଧଚାଷୀମାନଙ୍କୁ ଗୋଖାଦ୍ୟ, ଖଣିଜ ମିଶ୍ରଣ, ଏସ୍ଏସ୍ ମିଲ୍କ କ୍ୟାନ୍, କୃମିନାଶକ ଔଷଧ, ମୋଟର ଚାଫ କଟର୍ ଏବଂ ବିଭିନ୍ନ ପ୍ରକାରର ତାଲିମ କାର୍ଯ୍ୟକ୍ରମ ଉପରେ ରିହାତି ଦେବାର ବ୍ୟବସ୍ଥା ରହିଛି ।
- ଦୁଗ୍ଧ କ୍ରୟ ଗୁଣବତ୍ତା ପରୀକ୍ଷଣ ଏବଂ ଦୁଗ୍ଧଚାଷୀମାନଙ୍କୁ ଦେୟ ପ୍ରଦାନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ, ୨୭୨୪ ଗୋଟି ସୋସାଇଟିରେ ସ୍ୱୟଂକ୍ରିୟ ଦୁଗ୍ଧ ସଂଗ୍ରହ ୟୁନିଟ୍ (ଏ. ଏମ୍. ସି. ୟୁ. ଏବଂ ଡି. ପି. ଏମ୍. ସି. ୟୁ ସ୍ଥାପନ କରାଯାଇଛି।
- କାର୍ଯ୍ୟକ୍ଷମ ୪୭୫ ଗୋଟି (ବିଏମ୍ ସି ) ରେ ମୋଟ୧୦.୧୫ ଲକ୍ଷ ଲିଟର ଦୁଗ୍ଧ ଶୀତଳିକରଣ କ୍ଷମତା ବିଶିଷ୍ଟ ବଲ୍କ ମିଲ୍କ କୁଲର ଉପଲବ୍ଧ ରହିଛି ।
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ଅଧୀନରେ ୨୯.୭୦ କୋଟି ଟଙ୍କା ଦୁଗ୍ଧ ସମବାୟ ସମିତିର ପାଖାପାଖି ଏକ ଲକ୍ଷ କୃଷକଙ୍କୁ ଦୁଗ୍ଧର ତିରୋଟ ସମୟରେ (ସେପ୍ଟେମ୍ବର ୨୫ ରୁ ଫେବୃଆରୀ ୨୬) ଡିବିଟି ଜରିଆରେ ଲିଟର ପିଛା ୨ଟଙ୍କା ପର୍ଯ୍ୟନ୍ତ ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।
- ଏମକେୱାଇ ଅଧୀନରେ ଏଫସିଆରଏସ ଯୋଜନାରେ ୨୫୦୦ ଗୋଟି ବାଛୁରୀଙ୍କୁ ୪୧୩୪.୯ ମେଟ୍ରିକ ଟନ ବାଛୁରୀ ଖାଦ୍ୟ ଯୋଗାଇ ଦିଆଯାଇଛି ।
- ଦୁଗ୍ଧ ପରିବହନ ପାଇଁ ଏମ୍. କେ. ୱାଇ. ଅଧୀନରେ ୨୨ଟି ନୂଆ ସଡ଼କ ଦୁଗ୍ଧ ଟ୍ୟାଙ୍କର କ୍ରୟ କରାଯାଇଅଛି ।



### ଦୁଗ୍ଧ ପ୍ରକ୍ରିୟାକରଣ

- ଓମଫେଡ୍ ର ଦୁଗ୍ଧ ପ୍ରକ୍ରିୟାକରଣ କ୍ଷମତା ପ୍ରତିଦିନ ୯.୯୦ ଲକ୍ଷ ଲିଟରରେ ପହଞ୍ଚିଛି।
- ଓମଫେଡ୍ଡାଏରୀ, ଆରିଲୋରେ ପ୍ରତିଦିନ ୨ ଲକ୍ଷ ଲିଟର କ୍ଷୀରକୁ କ୍ଷୀର ପାଉଡରରେ ପରିବର୍ତ୍ତନ କରିବା ପାଇଁ କ୍ଷୀର ପାଉଡର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି।
- ୨୦୨୫-୨୬ ବର୍ଷ ମଧ୍ୟରେ, ପ୍ରାୟ ୯୮.୨୭ ଲକ୍ଷ ଲିଟର କ୍ଷୀର ବଲ୍କ ବିକ୍ରୟ ଭାବରେ ବିକ୍ରି ହୋଇଛି।

### ଦୁଗ୍ଧ ଏବଂ ଦୁଗ୍ଧଜାତ ଉତ୍ପାଦ ମାର୍କେଟିଂ-

- ରାଜ୍ୟର ଖୁଚୁରା ବିକ୍ରୟ କେନ୍ଦ୍ର/ ବିତରକଙ୍କ ଜରିଆରେ ଗ୍ରାହକଙ୍କୁ ପ୍ରାୟ ୪.୩୬ ଲକ୍ଷ ଲିଟର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ (୨୦୨୪ -୨୫ ତୁଳନାରେ ୧୪.୪୩ ପ୍ରତିଶତ ଅଭିବୃଦ୍ଧି) ଯୋଗାଣ କରୁଛି।
- ଓମ୍ଫେଡ୍ ଘିଅ ଶୁଦ୍ଧତା କାରଣରୁ ଭଗବାନ ଜଗନ୍ନାଥଙ୍କ ମନ୍ଦିର ଏବଂ ଲିଙ୍ଗରାଜଙ୍କ ମନ୍ଦିରର ଚାହିଦା ଅନୁଯାୟୀ ଫେଡେରେସନ୍ ଓମ୍ଫେଡ୍ ଘିଅ ଯୋଗାଇ ଦେଉଛି।
- ଫେଡେରେସନ ରାଜ୍ୟର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ କ୍ଷୀର ଲସି ୧୮୦ ମିଲି ଟେଟ୍ରା, ଲସି ୫୦୦ ମିଲି ଟେଟ୍ରା, BMS ୧୮୦ ମିଲିଟେଟ୍ରା, BMS 500 ମିଲିଟେଟ୍ରା, କେଶରବାଦମ ୧୮୦ ମିଲି ଟେଟ୍ରା, ଚକୋଲେଟ୍ ଦୁଗ୍ଧ ୧୮୦ ମିଲି ଟେଟ୍ରା, ଆମ୍ବରସ ୧୮୦ ମିଲି ଟେଟ୍ରା, କମଳା ରସ ୧୮୦ ମିଲି ଟେଟ୍ରା, ଗୋଲାବଜାମୁନ ୧ କିଲୋ, ଗୋଲାବଜାମୁନ ୫୦୦ ଗ୍ରାମ ଏବଂ ଅନ୍ୟାନ୍ୟ କ୍ଷୀର ଉତ୍ପାଦ ଏବଂ ପ୍ରୋବାୟୋଟିକ୍ ଦହି, ଭିଟାମିନ୍ A ଏବଂ D ସହିତ ଫୋର୍ଟିଫାଇଡ୍ କ୍ଷୀର, A2 SFM, ପାଉଚ୍ ଦହି (୨୦୦ ଗ୍ରାମ), ଡାଏରୀ ହ୍ୱାଇଟ୍ନର, ଟେବୁଲ୍ ବଟର, ଛେନାପୋଡ଼ା, ଖୋଆ, ଲସିର ନୂତନ ପ୍ରକାର ଲଞ୍ଚ କରିଛି।ଓମ୍ଫେଡ୍ ରିଟେଲର୍ ଏବଂ ସ୍ୱିଗି ମାଧ୍ୟମରେ ଅନଲାଇନ୍ ମାର୍କେଟିଂ ଏବଂ ହୋମ୍ ଡେଲିଭରି ସିଷ୍ଟମ ଆରମ୍ଭ କରିଛି।

- ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ନୂଆ ଅଞ୍ଚଳରେ ଆଇସ୍କ୍ରିମ୍, ଟାଉନସିପ୍ ଏବଂ ବିଭିନ୍ନ କାର୍ଯ୍ୟକ୍ଷମ ଡେରୀ ଅଞ୍ଚଳରେ କମ୍ ପ୍ରବେଶ କରୁଥିବା ଭର୍ଜନ୍ କ୍ଲଷ୍ଟରରେ ବିତରଣ ନେଟୱାର୍କକୁ ବୃଦ୍ଧି କରିବା ପାଇଁ ଓମ୍ଫେଡ୍, ବିତରକମାନଙ୍କୁ ନିଯୁକ୍ତ କରିଛି ।
- ବଣ୍ଟନ ନେଟୱାର୍କକୁ ବୃଦ୍ଧି କରିବା ପାଇଁ ଓମ୍ଫେଡ୍ ୭୯ ଜଣ କ୍ଷୀର ବିତରକ, ୩୨ ଜଣ ଉତ୍ପାଦ ବିତରକ ଏବଂ ୧୮ ଜଣ ଆଇସକ୍ରିମ ବିତରକଙ୍କୁ ନିଯୁକ୍ତ କରିଛି ।
- ଓମ୍ଫେଡ୍ ସମଗ୍ର ରାଜ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦର ବିକ୍ରୟ ପାଇଁ ୪୨୩୩ ଜଣ ଖୁଚୁରା ବ୍ୟବସାୟୀଙ୍କୁ ନିଯୁକ୍ତି ଦେଇଛି ।
- ଓମ୍ଫେଡ୍ ନୂଆଦିଲ୍ଲୀର ଓଡ଼ିଶା ନିବାସ ଏବଂ ଭୁବନେଶ୍ୱରର ଜନପଥରେ ବିକ୍ରୟ କେନ୍ଦ୍ର ଖୋଲିଛି।

### ଗୋଖାଦ୍ୟ:

ରାଧାଦମୋଦରପୁର ଏବଂ ପେଲେଟରେ ପ୍ରିମିୟମ୍ ଗୋଖାଦ୍ୟ ଜଗନ୍ନାଥପୁର, ଖୋର୍ଦ୍ଧାରେ ୨୦ ପ୍ରତିଶତ ଅଶୋଧିତ ପ୍ରୋଟିନ୍ (ନ୍ୟୁଟ୍ରି ଗୋଲ୍ଡ) ଥିବା ପଶୁଖାଦ୍ୟ ଉତ୍ପାଦନ କରାଯାଏ ଏବଂ କୃଷକମାନଙ୍କୁ ରିହାତି ଦରରେ ଯଥାକ୍ରମେ କିଲୋ ଗ୍ରାମ ପ୍ରତି ଟ୨୫.୦୦ଙ୍କା ଏବଂ ଟ ୨୫.୫୦ଙ୍କାରେ ଯୋଗାଇ ଦିଆଯାଏ । ଉଭୟ କାରଖାନାର ମୋଟ ଦୈନିକ ଉତ୍ପାଦନ କ୍ଷମତା ୩୩୧୦୬.୩ ମେଟ୍ରିକ ଟନ ରହିଛି ।

### ବାର୍ଷିକ ପ୍ରଦର୍ଶନ ୩୧.୩.୨୦୨୫ ସୁଦ୍ଧା

| S.N | Particulars | UoM (Unit of Measurement) | Total |
|---|---|---|---|
| 1 | Total revenue villages covered under functional VDCS | Nos. | 8633 |
| 2 | Functional dairy Co-op.Societies | Nos. | 4375 |
| 3 | Women Dairy Cooperative Societies (Functional)) | Nos. | 1860 |
| 4 | **Milk Producer Members** | | |
| | Men | Nos. | 210845 |
| | Women | Nos. | 133225 |
| | Total | Nos. | 344070 |
| 5 | Average daily Milk Procurement | Lakh Kgs./Day | 5.30 |
| 6 | Average Procurement Price Paid to producers | Rs. | 38.05 |
| 7 | Total Milk processing capacity | LLPD | 9.90 |
| 8 | Total Bulk Sale (upto Jan.2026) | Lakh Litre | 98.27 |
| 9 | BMC & Chilling Centres installed | Nos. | 399 |
| | Capacity | Lakh Litre | 10.15 |
| 10 | Average daily Milk Marketing | LakhLtr./Day | 4.36 |
| a | Milk Distributors | Nos. | 79 |
| b | Product Distributors | Nos. | 32 |
| c | Icecream Distributors | Nos. | 18 |
| d | Retailers | Nos. | 5389 |
| 11 | Cattle Feed plant Production Capacity | MTPD | 350.0 |
| 12 | Total production of cattle feed during theYear | MT | 33106.30 |
| 13 | Cattle feed sale to Societies | MT | 32228.75 |
| 14 | Total DPMCU & AMCU installed at Societies | Nos. | 2724 |
| 15 | Total AIcentre | Nos. | 551 |
| 16 | Total Villages under cluster AI centre | Nos. | 3655 |
| 17 | Total Villages under Artificial Insemination Programme | Nos. | 757 |

## ୧୬. ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (IEC)

"ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (IEC)" କାର୍ଯ୍ୟକ୍ରମ ପ୍ରାଣିପାଳକଙ୍କୁ ଉତ୍ପାଦନ ତଥା ଉତ୍ପାଦକତା ବୃଦ୍ଧି, ଜୀବିକାରେ ଉନ୍ନତି ଏବଂ ଉଦ୍ୟମିତା ବିକାଶ ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗିତା ବାବଦରେ ଶିକ୍ଷା ଦେଇଥାଏ ।

### ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଏବଂ ସୋସିଆଲ ମିଡିଆ ମାଧ୍ୟମରେ IEC କାର୍ଯ୍ୟକଳାପ

ରାଜ୍ୟବ୍ୟାପୀ ବାର୍ତ୍ତା ପ୍ରଚାର ପାଇଁ ଟେଲିଭିଜନ ଏବଂ ରେଡିଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ପ୍ରାଣିପାଳକଙ୍କୁ ସୂଚନା ଓ ଶିକ୍ଷା ପ୍ରଦାନ ପାଇଁ ଆଂଚଳିକ ଟେଲିଭିଜନ ଚ୍ୟାନେଲ, ଦୂରଦର୍ଶନ, ଅଲ ଇଣ୍ଡିଆ ରେଡିଓ, ଏଫ୍ ଏମ୍ ରେଡିଓ ଚ୍ୟାନେଲ ଜରିଆରେ ପ୍ରାଣିସମ୍ପଦ ବିକାଶ ଉପରେ ଟିଭି ବିଜ୍ଞାପନ, ଟିଭି ସ୍ପଟ୍ ଏବଂ ରେଡିଓ ଜିଙ୍ଗଲ୍ ପ୍ରସାରଣ କରାଯାଇଛି । ପ୍ରମୁଖ ଓଡିଆ ଖବର କାଗଜରେ ବିଜ୍ଞାପନ ମାଧ୍ୟମରେ ଲୋକଙ୍କ ସଚେତନତା ବୃଦ୍ଧି କରାଯାଇଛି । ଆଜିର ବୈଷୟିକ ଜ୍ଞାନକୌଶଳ ସମ୍ପର୍ଣ୍ଣ ସମାଜରେ ଗୁରୁତ୍ୱପୂର୍ଣ୍ଣ ସୋସିଆଲ୍ ମିଡିଆ ମଧ୍ୟ ପ୍ରାଣିପାଳନ ସଚେତନତା ସୃଷ୍ଟିରେ ବ୍ୟବହାର କରାଯାଇଅଛି । ଜନସାଧାରଣଙ୍କୁ ଆଧୁନିକ ପ୍ରାଣିପାଳନ ବିଷୟରେ ଶିକ୍ଷା ଦେବା ପାଇଁ ଫେସ୍ ବୁକ୍ , ଟ୍ୱିଟର, ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବର ବ୍ୟବହାର କରାଯାଇଛି ।

### ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା (MOPSM)



ଜିଲ୍ଲାସ୍ତରୀୟ "ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା (MOPSM)" ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କ୍ରମାଗତ ତୃତୀୟ ଥର ପାଇଁ ଆୟୋଜିତ ହେଉଛି, ଯାହା ୧୪ଡିସେମ୍ବର ୨୦୨୫ରୁ ଆରମ୍ଭ ହେଉଛି। ପ୍ରାଣିପାଳକ ଏବଂ ମତ୍ସ୍ୟ ଚାଷୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚାଷ ପ୍ରଣାଳୀ ବିଷୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ, ମେଳାରେ ସାଧାରଣ ସଭା, ଚାଷୀ-ବୈଜ୍ଞାନିକ ଆଲୋଚନା, ବିଭାଗୀୟ ପ୍ରଦର୍ଶନୀ ଏବଂ ମାଛ ଏବଂ ପ୍ରାଣିମାନଙ୍କର ଲାଇଭ୍ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ଥିଲା। ମେଳାଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ଜିଲ୍ଲାର ପ୍ରାୟ ୬୦,୦୦୦ଚାଷୀ ଏବଂ ୯୦୦୦୦ ପରିଦର୍ଶକ ମେଳାରେ ଯୋଗ ଦେଇଛନ୍ତି।

### ବିଶ୍ୱ ଦୁଗ୍ଧ ଦିବସ ପାଳନ

ଦୁଗ୍ଧକୁ ପୁଷ୍ଟିକର ଖାଦ୍ୟ ଏବଂ ଆର୍ଥିକ ବିକାଶର ଏକ ବାହକ ଭାବରେ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଇଥିଲା। ବିଶ୍ୱ ଦୁଗ୍ଧ ଦିବସ ଅବସରରେ, ଦୁଗ୍ଧଉତ୍ପାଦନ କ୍ଷେତ୍ରର ଅବଦାନକୁ ସ୍ୱୀକୃତି ଏବଂ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଦୁଗ୍ଧ ଉତ୍ପାଦନ ପ୍ରତି ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ସମର୍ପଣ ପାଇଁ ଦୁଗ୍ଧ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଦୁଗ୍ଧଉତ୍ପାଦନ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ

ଗୋଶାଳାଗୁଡ଼ିକୁ ଉତ୍ତମ ରକ୍ଷଣାବେକ୍ଷଣ ଏବଂ ଯତ୍ନ ପାଇଁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ବଜାର ପହଞ୍ଚକୁ ବିସ୍ତାର କରିବା ଏବଂ ଗୁଣାତ୍ମକ ଦୁଗ୍ଧ ଏବଂ ଦୁଗ୍ଧଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଓମଫେଡ଼ର ନୂତନ ଦୁଗ୍ଧ ଉତ୍ପାଦ ମଧ୍ୟ ଉନ୍ମୋଚନ ହୋଇଥିଲା। ଏହି ପଦକ୍ଷେପଗୁଡ଼ିକର ମିଳିତ ଭାବେ ଦୁଗ୍ଧ ଉତ୍ପାଦନକୁ ଉତ୍ସାହିତ କରିବା, ଚାଷୀଙ୍କ ଆୟ ବୃଦ୍ଧି କରିବା ଏବଂ ସ୍ଥାୟୀ ପ୍ରାଣିପାଳନ ପରିଚାଳନାକୁ ପ୍ରୋତ୍ସାହିତ କରୁଛି।



ଦୁଗ୍ଧର ପୁଷ୍ଟିକର ସଚେତନତାକୁ ପ୍ରୋତ୍ସାହିତ କରିବା, ସନ୍ତୁଳିତ ଖାଦ୍ୟକୁ ଉତ୍ସାହିତ କରିବା, ଦୁଗ୍ଧ ଚାଷୀମାନଙ୍କୁ ସମର୍ଥନ କରିବା ତଥା ଶ୍ୱେତ ବିପ୍ଳବର ଜନକ ଡକ୍ଟର ଭରଗିଜ୍ କୁରିଏନ ଙ୍କ ଜନ୍ମ ବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଥିଲା।




## ବିଶ୍ୱ ଅଣ୍ଡା ଦିବସ ପାଳନ:

ଅଣ୍ଡାର ପୁଷ୍ଟିକର ଲାଭ ଏବଂ ଏହାର ବର୍ଦ୍ଧିତ ବ୍ୟବହାର ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ଆଲୋଚନା ଅଧିବେଶନ ଏବଂ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଇଥିଲା।




## ବିଶ୍ୱ ପ୍ରାଣିଚିକିତ୍ସା ପାଳନ



"ପ୍ରାଣିସ୍ୱାସ୍ଥ୍ୟ ପାଇଁ ମିଳିତ ପ୍ରତିଷ୍ଠା" ଥିମ ସହିତ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ବିଶ୍ୱପ୍ରାଣିଚିକିତ୍ସା ଦିବସ ପାଳନ କରାଯାଇଥିଲା। ରାଜ୍ୟ ସ୍ତରରେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (MKY) ଉପରେ ଏକ କର୍ମଶାଳା ଏବଂ "ପ୍ରାଣିପାଳକ, ସାଧାରଣ ଜନତା ଏବଂ ପ୍ରାଣିଚିକିତ୍ସକ: ପ୍ରାଣିସ୍ୱାସ୍ଥ୍ୟର ମିଳିତ ପ୍ରୟାସ" - ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମଗୁଡ଼ିକ ପ୍ରାଣିସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ପ୍ରାଣିପାଳକମାନଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥିଲା, ବିଭାଗୀୟ ଏବଂ ଅନ୍ୟ ବିଶେଷଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ସେମିନାରକୁ ସଫଳ ଭାବେ ଆୟୋଜନ କରାଯାଇଥିଲା।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



ରାଜ୍ୟର ସମସ୍ତ୩୧୪ଟି ବ୍ଲକରେ ପ୍ରଥମ ଥର ପାଇଁ ବ୍ଲକସ୍ତରୀୟ "ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା (MOPSM)" ଆୟୋଜନ କରାଯାଇଛି, ଯାହା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଛି। ପ୍ରାଣିପାଳକ ଏବଂ ମତ୍ସ୍ୟ ଚାଷୀଙ୍କ ମଧ୍ୟରେ ବୈଜ୍ଞାନିକ ଏବଂ ଆଧୁନିକ କୃଷି ପଦ୍ଧତି ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ, ମେଳାରେ ସାଧାରଣ ସଭା, ଚାଷୀ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ଅଧିବେଶନ, ବିଭାଗୀୟ ପ୍ରଦର୍ଶନୀ କରାଯାଇଥିଲା। ଏହି କାର୍ଯ୍ୟକଳାପଗୁଡ଼ିକ ଜ୍ଞାନର ଆଦାନପ୍ରଦାନକୁ ସହଜସାଧ୍ୟ କରିଥିଲା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ସର୍ବୋତ୍ତମ ଅଭ୍ୟାସକୁ ଆପଣେଇବାକୁ ଉତ୍ସାହିତ କରିଥିଲା। ସାମୁଦାୟିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଜନସାଧାରଣଙ୍କ ସହଭାଗୀତାକୁ ବୃଦ୍ଧି କରିବା ପାଇଁ ମେଳା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ଜିଲ୍ଲାର ପ୍ରାୟ ୧.୩୫ ଲକ୍ଷ ଚାଷୀ ଏବଂ ୧.୫ ଲକ୍ଷ ପରିଦର୍ଶକ ମେଳାରେ ଯୋଗ ଦେଇଥିଲେ।




AWARDEE FARMER
One Thousand Rupees
1000/-




ONE THOUSAND ONLY


Awardee Farmer (ARD Dept.)
One Thousand Only
1000/-
Block Veterinary Officer

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା (MOPSM)



ଡିସେମ୍ବର ୨୦୨୫ ଠାରୁ ରାଜ୍ୟର ଜିଲ୍ଲାଗୁଡ଼ିକରେ ତୃତୀୟ ଥର ପାଇଁ ଜିଲ୍ଲାସ୍ତରୀୟ "ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା (MOPSM)" ଆୟୋଜନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ମତ୍ସ୍ୟ ଏବଂ ପ୍ରାଣିସମ୍ପଦ କ୍ଷେତ୍ରରେ ଲୋକଙ୍କ ସହ ଯୋଗାଯୋଗକୁ ସୁଦୃଢ଼ କରିବା, ବୈଜ୍ଞାନିକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପ୍ରାଣୀପାଳକ ଏବଂ ମତ୍ସ୍ୟ ଚାଷୀଙ୍କ ସମ୍ପୃକ୍ତିକୁ ବୃଦ୍ଧି କରିବା। ସାଧାରଣ ସଭା, ଚାଷୀ-ବୈଜ୍ଞାନିକ ଆଲୋଚନା, ବିଭିନ୍ନ ପ୍ରଦର୍ଶନୀ, ମତ୍ସ୍ୟ ଓପ୍ରାଣୀଙ୍କ ଲାଇଭ୍ ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି କାର୍ଯ୍ୟକଳାପ ଆୟୋଜିତ ହୋଇଛି।ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ ଏବଂ ପ୍ରାଣିପାଳକଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ବୈଜ୍ଞାନିକ କୃଷି ପଦ୍ଧତି ଗ୍ରହଣ କରିବା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି। ପ୍ରାୟ ଦୁଇ ଲକ୍ଷ ପରିଦର୍ଶକ ପଏହି ମେଳା ଦେଖିଥିଲେ ଏବଂ ଦୁଇ ଶହରୁ ଅଧିକ ମତ୍ସ୍ୟଚାଷୀ ଏବଂ ପ୍ରାଣିପାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।














ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, କନ୍ଧମାଳ - ୨୦୨୫
ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
ସ୍ୱାଗତମ୍
ସ୍ୱାଗତମ୍
ସ୍ୱାଗତମ୍

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା (MPSO-2026)







**ମତ୍ସ୍ୟଚାଷ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବସନ୍ତୁଳନ** ଥିମ୍ ସହିତ ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ସମାବେଶ **'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା (MPSO)-୨୦୨୬'** ରାଜ୍ୟରେ ତୃତୀୟ ଥର ପାଇଁ ୨୦୨୬ ଜାନୁଆରୀ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନ ଠାରେ ଆୟୋଜିତ ହୋଇଥିଲା । ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟଚାଷ ଓ ପ୍ରାଣିପାଳନ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏହି ସମାବେଶର ଉଦ୍ଦେଶ୍ୟ ଥିଲା । ଏଥିରେ ଚାଷୀ-ବୈଜ୍ଞାନିକ ମତ ବିନିମୟ ଜୀବନ୍ତ ମତ୍ସ୍ୟ ଓ ପ୍ରାଣୀ ପ୍ରଦର୍ଶନୀ, ଷ୍ଟଲ୍ ପ୍ରଦର୍ଶନୀ, ସେମିନାର୍, ଭର୍ଚୁଆଲ୍ ଟୁର୍, ଡଗ୍ ଶୋ, ୱାକାଥନ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରାଜ୍ୟର ୧,୦୦,୦୦୦ରୁ ଉର୍ଦ୍ଧ୍ୱ ପରିଦର୍ଶକ ଏହି ସମାବେଶ ବୁଲି ଦେଖିଥିଲେ, ୮୦୦୦ ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ଏବଂ ପ୍ରାଣିପାଳକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ, ପ୍ରାୟ ୩୦୦ ଚାଷୀ ସମ୍ମାନିତ ହୋଇଥିଲେ ଏବଂ ୨୪୦୦ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ୧୨ ଗୋଟି ସେମିନାର ରେ ଅଂଶଗ୍ରହଣ କରି ବୈଜ୍ଞାନିକଙ୍କ ସହ ମତ ବିନିମୟ କରିଥିଲେ ।

ହରିୟାଣାର କର୍ମବୀର ପ୍ରଜନନ ଫାର୍ମର ଦୁଇଟି ମୁରା ପ୍ରଜାତିର ମଇଁଷି ଷଣ୍ଢ, ସୁରବୀର ଏବଂ ଇନ୍ଦର, MPSO-2026 ରେ ପ୍ରମୁଖ ଭିଡ଼ର ଆକର୍ଷଣ ସାଜିଥିଲେ, ଯାହା ଚାଷୀ ଏବଂ ଦେଖାଣାହାରୀଙ୍କ ମଧ୍ୟରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଥିଲା। ଯୋଗରାଜ ଏବଂ ଗଙ୍ଗାଙ୍କ ଔରସରୁ ଜନ୍ମିତ ସୁରବୀର ଏକ ଉଚ୍ଚ-ଦୁଗ୍ଧ ଉତ୍ପାଦନକାରୀ ବଂଶରୁ ଆସିଛନ୍ତି ଯାହାର ମା'ର ପ୍ରତିଦିନ ୨୩-୨୭ ଲିଟର କ୍ଷୀର ଉତ୍ପାଦନ ହେଉଥିଲା, ସେହିଭଳି ଖଲି ଠୁ ଜନ୍ମିତ ଇନ୍ଦରର ମା'ର ଦୁଗ୍ଧ ଉତ୍ପାଦନ କ୍ଷମତା ଦିନକୁ ୨୭ ଲିଟର। ଏହି ମଇଁଷି ଷଣ୍ଢ ଦୁଇଟି ଉତ୍କୃଷ୍ଟ ଜେନେଟିକ୍ ଗୁଣକୁ ପ୍ରତିନିଧିତ୍ୱ କରନ୍ତି, ଯାହା ମଇଁଷି ପ୍ରଜନନ ଏବଂ ଦୁଗ୍ଧ ଉତ୍ପାଦନରେ ଉନ୍ନତିକୁ ଉଲ୍ଲେଖ କରିଥାଏ।



- କାଙ୍କରେଜ ଷଣ୍ଢ ତାହାର ପ୍ରସିଦ୍ଧ "ସୱାଇ ଚାଲ୍" ବାରାଜକୀୟ ଚାଲି ପାଇଁ ସାରା ବିଶ୍ୱରେ ପରିଚିତ। ଗରିମାପୂର୍ଣ୍ଣ ଚାଲି, ଉଚ୍ଚ ମାନସିକ ସନ୍ତୁଳନ ଏବଂ ଶକ୍ତିଶାଳୀ କାୟା ଏହାକୁ ଭାରତର ସବୁଠୁ ସୁନ୍ଦରଏବଂ ଶକ୍ତିଶାଳୀ ଦେଶୀ ଗାଈ ପ୍ରଜାତିମାନଙ୍କ ମଧ୍ୟରେ ଏକ ଅନନ୍ୟ ପରିଚୟ ଦେଇପାରିଛି।
- ବିଶେଷ ଲାୟର୍ (Lyre) ଆକୃତିର ଶିଙ୍ଗ, ଦୃଢ଼ ଏବଂ ସମତୁଳିତ ଶରୀର ରଚନା ଏହାର ମୁଖ୍ୟ ଆକର୍ଷଣ। ଏହି ଷଣ୍ଢ ଉତ୍କୃଷ୍ଟ ଶାରୀରିକ ସମର୍ଥ୍ୟ ଓ ସହନଶୀଳତାର ଏହି ପ୍ରଜାତି ପ୍ରତିକୂଳ ଗରମ ପରିବେଶରେ ଖାପ ପ୍ରମାଣ ଦେଇଥାଏ। ଖାଇବାର କ୍ଷମତା, ଉଚ୍ଚ ରୋଗ ପ୍ରତିରୋଧକ ଶକ୍ତି ଏବଂ ଦୀର୍ଘ କାର୍ଯ୍ୟଜୀବନ ପାଇଁ ଗୋପାଳକ ଓ ପ୍ରାଣିପାଳକମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ।
- ମତ୍ସ୍ୟ-ପ୍ରାଣୀ ସମାବେଶ କୁ ଆସିଥିବା ଏହି କାଙ୍କରେଜ ଷଣ୍ଢଟିର ଦୈନିକ ଖାଦ୍ୟରେ ସବୁଜ ଘାସ, ମୁଗ, ପିଡିଆ, ଗହମଚୂନି, ଗୋଖାଦ୍ୟ, ଚଣା, ଚାଉଳ ଭୁଷି ଇତ୍ୟାଦି ଦିଆଯାଇଥାଏ । ଏହାର ପ୍ରତିମାସ ର ଖାଦ୍ୟ ଓ ଦେଖାଶୁଣା ବବଦକୁ ଖର୍ଚ୍ଚ ପ୍ରାୟ ୪୦,୦୦୦ ଟଙ୍କା।
- ରାଜକୀୟ ଚାଲି, ଶକ୍ତିଶାଳୀ ଶରୀର ଏବଂ ବହୁମୁଖୀ ଉପଯୋଗିତା ସହିତ, କାଙ୍କରେଜ ଷଣ୍ଢ ଭାରତୀୟ ଦେଶୀ ଗୋ ପ୍ରଜାତି ମାନଙ୍କ ମଧ୍ୟରେ ଏକ ଜୀବନ୍ତ ଐତିହ୍ୟ ଭାବେ ସ୍ଥାନ ଅଧିକାର କରିଛି।







ତିନି ଯୋଡ଼ା ପୁଙ୍ଗାନୁର (କ୍ଷୁଦ୍ର) ଗାଈ ସେମାନଙ୍କର ଅନନ୍ୟ ଦୃଶ୍ୟ ଏବଂ ଅନୁକୂଳନ କ୍ଷମତା ପାଇଁ ବ୍ୟାପକ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାର ହାରାହାରି ସର୍ବାଧିକ ଉଚ୍ଚତା ପ୍ରାୟ ୧୦୦ ସେଣ୍ଟିମିଟର । ଏକ ସୌଖୀନ ପୋଷା ପ୍ରଜାତି, କୋମଳ ସ୍ୱଭାବ ଏବଂ ପରିଚାଳନାରେ ସହଜତା ହେତୁ ଏମାନଙ୍କୁ ପ୍ରାୟତଃ ପୋଷା ପ୍ରାଣୀ ଭାବରେ ପାଳନ କରାଯାଏ। ଏହି ପ୍ରଜାତି ମରୁଡ଼ି ପରିସ୍ଥିତି ପ୍ରତି ଅତ୍ୟନ୍ତ ପ୍ରତିରୋଧୀ ଏବଂ ନିମ୍ନମାନର ଖାଦ୍ୟରେ ବଢ଼ିପାରେ, ଯାହା ଏହାକୁ ସମସ୍ତଙ୍କ ପାଇଁ ଏକ ସ୍ଥାୟୀ ଏବଂ କମ୍ ରକ୍ଷଣାବେକ୍ଷଣ ପୋଷା ପ୍ରାଣୀ ବିକଳ୍ପ କରିଥାଏ।

ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ରେ ମାନ୍ୟଗଣ୍ୟ ବ୍ୟକ୍ତି



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ : ସାଂସ୍କୃତିକ କାର୍ଯ୍ୟକ୍ରମ



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ରେ କୃଷକଙ୍କ ଅଂଶଗ୍ରହଣ



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଅବସରରେ ଆୟୋଜିତ ପଦଯାତ୍ରା



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬: ପାଳିତ ପଶୁ ଫ୍ୟାଶନ ଶୋ'



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ : ଅଭିଜ୍ଞତା କ୍ଷେତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬: ଡ୍ରୋନ୍ ପ୍ରଦର୍ଶନୀ



ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ : ମତ୍ସ୍ୟ ପ୍ରଦର୍ଶନୀ












# ମିଡ଼ିଆ କଭରେଜ୍

DSPL-485




## ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା - ୨୦୨୬

୨୧ - ୨୩ ଜାନୁଆରୀ ୨୦୨୬

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ସମ୍ମାନୀୟ ଉପସ୍ଥିତି

ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ




ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା

- ନୂତନ ଜ୍ଞାନକୌଶଳ ପ୍ରଦର୍ଶନ
- ଆଲୋଚନାଚକ୍ର ଓ ଅନୁଭୂତି ବର୍ଣ୍ଣନ


the political and business daily
www.pbdodisha.in


# Three-day 'Matsya Prani Samavesh' from Jan 21

PBD BUREAU/PTI

BHUBANESWAR, JAN 19



A three-day 'Matsya Prani Samavesh Odisha 2026' will be organised here from January 21, a minister said on Monday.

Fisheries and Animal Resources Development Minister Gokulananda Mallik said that Chief Minister Mohan Charan Majhi is scheduled to inaugurate the fair at Janata Maidan, while Governor Hari Babu Kambhampati will attend the closing ceremony.

Over 8,000 farmers, several scientists, and experts in the field are expected to participate in the convention, Mallik said.

Various programmes such as technical sessions, seminars, demonstration of latest equipment, display of live animals and fish and experience-sharing sessions will be

He said a special session called 'Ask the Minister' will be held during the event. The minister will answer questions from the farmers during the session.

As many as 208 stalls put up by various government departments, companies, agencies, and NGOs will showcase the latest technologies for farming.

Pet fashion show, marathon, debate competition, live seafood kitchen, virtual reality farm tour, drone show, and painting exhibition will be organised, he said.

Responding to queries from journalists, Mallik said the state is producing 11.72 lakh metric tonnes of fish per year and will become self-reliant soon. The state has also exported seafood items worth Rs 4,700 crore in the past year, he said.

To become self-reliant in fish production, the government has launched schemes and made efforts to create new entrepreneurs

---

### ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟିତ

# ଦୁଗ୍ଧ ବିପ୍ଳବରେ ନୂଆ ଦିଗନ୍ତ

ଭୁବନେଶ୍ୱର,୨୦।୧(ବ୍ୟୁରୋ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ଜନତା ମଇଦାନରେ ଆରମ୍ଭ ହୋଇଛି ମତ୍ସ୍ୟ-ପ୍ରାଣୀ ସମାବେଶ ୨୦୨୬। ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ରାଜ୍ୟରେ ଦୁଗ୍ଧ ବିପ୍ଳବରେ ଏକ ନୂଆ ଦିଗନ୍ତ ଆଣିଛି। ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେମାନଙ୍କର ସମୃଦ୍ଧି ଆଣିବା ପାଇଁ ଆମ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚାଷୀମାନଙ୍କୁ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ର ସମ୍ପର୍କରେ ଅଧିକ



ମତ୍ସ୍ୟ, ପ୍ରାଣୀ ସଂପଦ ବିକଶିତ ଓଡ଼ିଶାର ମୁଖ୍ୟ ଇଞ୍ଜିନ

---

### ୨୧ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

# ସଚେତନତା ଓ ସମୃଦ୍ଧିର ମହାକୁମ୍ଭ ହେବ



- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, ଉଦ୍‌ଯାପନୀ ସମାବେଶରେ ଯୋଗଦେବେ ରାଜ୍ୟପାଳ
- ଏଥରର ଥିମ୍ 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା; ବିକଶିତ ହେବ ଆମ ଓଡ଼ିଶା'
- ସାମିଲ ହେବେ ୨୬ ଚାଷୀଙ୍କ ସହ ୮୧୬୪ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ
- ୩୪୮ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀ ସମ୍ବର୍ଦ୍ଧିତ ହେବେ

ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

---


ସଂଚାର SANCHAR ଶନିବାର ୧୧ ଅକ୍ଟୋବର ୨୦୨୫ ଭୁବନେଶ୍ୱର


# 'ଅଣ୍ଡା ଉତ୍ପାଦନର ଶକ୍ତିକେନ୍ଦ୍ର ହେବ ଓଡ଼ିଶା'

- ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଛି
- ୨୦୨୯ ସୁଦ୍ଧା ୫୦୦ କୋଟି ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ଭରପୂର ପୋଷଣ ଥିବା ଖାଦ୍ୟ ହେଉଛି ଅଣ୍ଡା। ଏହା ଏକ ସମ୍ପୂର୍ଣ୍ଣ ଖାଦ୍ୟ। ସବୁଠାରୁ କମ ମୂଲ୍ୟରେ ମିଳୁଥିବା ଏହି ପ୍ରାଣୀଜ ଖାଦ୍ୟ ହେଉଛି ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆଧାର ଓ ଗ୍ରାମୀଣ ଅର୍ଥନୀତିର ଉତ୍ସ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ



୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଥିବା ବେଳେ ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ରହିଛି। ଆମ ରାଜ୍ୟରେ ବାର୍ଷିକ

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ଅଣ୍ଡା ଉତ୍ପାଦନରେ ଆମ ରାଜ୍ୟକୁ ସ୍ୱାବଲମ୍ବୀ

---


ସମ୍ବାଦ


### ରାଜ୍ୟସ୍ତରୀୟ ଜାତୀୟ ଦୁଗ୍ଧ ଦିବସ

# ମୁଣ୍ଡପିଛା ଦୈନିକ ୩୦୦ ଗ୍ରାମ୍ ଦୁଗ୍ଧ ଆବଶ୍ୟକ

ଭୁବନେଶ୍ୱର,୨୬।୧୧(ଅନୁରାଧା ମହାରଣା)

ଓୟୁଏଟି କୃଷି ଶିକ୍ଷା ସଦନଠାରେ ବୁଧବାର ରାଜ୍ୟସ୍ତରୀୟ ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟରେ ଏବେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଛି। ମୁଣ୍ଡପିଛା ଦୈନିକ ୩୦୦ ଗ୍ରାମ୍ ଦୁଗ୍ଧ ଆବଶ୍ୟକ ଥିବାବେଳେ ପ୍ରାୟ ୧୬୦ ଗ୍ରାମ୍ ଦୁଗ୍ଧ ଉତ୍ପାଦିତ ହେଉଛି। ଆଗାମୀ ପାଞ୍ଚବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗାଈ ଓ ମଇଁଷି ପାଳନ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ... ଦିଆଯାଉଛି। ଏହି ଯୋଜନାରେ ଅଦ୍ୟାବଧି ୪ ଲକ୍ଷ ୫୦ ହଜାର ହିତାଧିକାରୀ ପ୍ରାୟ ୨୦୦ କୋଟି ଟଙ୍କାର ଅନୁଦାନ ରାଶି ପାଇସାରିଲେଣି। ୮ ହଜାରରୁ ଊର୍ଦ୍ଧ୍ୱ ଗାଈମଇଁଷି ରାଜ୍ୟର ଗୋପାଳକମାନେ ବାହାର ରାଜ୍ୟରୁ କିଣିସାରିଲେଣି। ପ୍ରାଣୀଚିକିତ୍ସା ସେବା ପହଞ୍ଚାଇଦେବା ପାଇଁ ରାଜ୍ୟରେ ୩୧୪ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ କାର୍ଯ୍ୟ କରୁଛି। ଓମ୍‌ଫେଡ୍‌ର ପ୍ରାୟ ୪ ହଜାର ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଜରିଆରେ ୩ ଲକ୍ଷ ଗୋ... ଉପକୃତ ହେଉଛନ୍ତି। ... ଗୋଖାଦ୍ୟରେ ରିହାତି ଏବଂ ... ଗୋପାଳନ ପାଇଁ ତାଲିମ ଦିଆଯା...

ଏହି ଅବସରରେ ମନ୍ତ୍ରୀ ମଲ୍ଲିକ ଓମ୍‌ଫେଡ୍‌ର ପିଇବା ପାଣି ବୋତଲ, ଟେଟ୍ରା ପ୍ୟାକ୍... ଚକୋଲେଟ ମିଲ୍କ ସେକ୍ ଏବଂ ...ଗୁର୍ଟ ଆଦି ୭ ନୂଆ ଉତ୍ପାଦର ...ଶ କରାଇଥିଲେ। ଏହାସହ ... ଚାଷୀଙ୍କ ପରିବାରକୁ ସୁରକ୍ଷା ...ପାଇଁ ୧ ଲକ୍ଷ ଟଙ୍କାର ଜୀବନ ...ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ...୨୫ଜଣ ଗୋପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯିବା ସହ ୩ ଉଦ୍ୟୋଗୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ରାଶି ଦିଆଯାଇଥିଲା। ରାଜ୍ୟର ୮୩ଟି ପଞ୍ଜୀକୃତ ଗୋଶାଳାକୁ ବୁଲା ଓ ଅସହାୟ ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ୧୧ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ରାଜ୍ୟର ୨୪ ପୌରସଂସ୍ଥାକୁ ବୁଲା ପ୍ରାଣୀଙ୍କ ଉଦ୍ଧାର ପାଇଁ ଆବଶ୍ୟକ ଗାଡି କ୍ରୟ କରିବାକୁ ୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। କଟକର ହିମିକୃତ ଶୁକ୍ର ଭଣ୍ଡାରଠାରେ ସେକ୍ସ ସର୍ଟେଡ ସିମେନ୍ ପ୍ରୟୋଗଶାଳାର ଶୁଭାରମ୍ଭ କରିଥିଲେ। ଏହା ମାଧ୍ୟମରେ ଓଡ଼ିଶାରେ ଏବେ ସେକ୍ସ ସର୍ଟେଡ୍‌ସିମେନ୍ ଉତ୍ପାଦନ ହୋଇପାରିବ ଏବଂ ଓଡ଼ିଶା ଏକ୍ଷେତ୍ରରେ ସାରା ଦେଶରେ ଚତୁର୍ଥ ରାଜ୍ୟ ହେବ ବୋଲି ଆଭାସୀ ମାଧ୍ୟମରେ ମନ୍ତ୍ରୀ ଗୋକୁଳାନନ୍ଦ

### ଓମ୍‌ଫେଡ୍‌ର ୭ ଉତ୍ପାଦର ବଜାର ପ୍ରବେଶ

- କଟକରେ ସେକ୍ସ ସର୍ଟେଡ୍‌ସିମେନ୍ ପ୍ରୟୋଗଶାଳା

---

# State eyes to be a leading egg production hub: Min

*F&ARD Minister Gokulananda Mallik urges youth entrepreneurs in every district and block to take up poultry farming and contribute to the state's mission of achieving nutritional security and economic growth through the livestock sector*

POST NEWS NETWORK

**Bhubaneswar, Oct 10:** Odisha has set an ambitious target to produce 500 crore eggs annually by 2029, positioning

> The per capita availability of eggs in Odisha is around 80 per year, while a healthy

minister said it plays a vital role in ensuring good health for children and strengthening the rural economy.

OUAT Vice-Chancellor Pravat Kumar Roul called upon cit-

---

# ୨୧ରୁ ତୃତୀୟ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଆୟୋଜନ ପାଇଁ ସାମ୍ବାଦିକ ସମ୍ମିଳନୀରେ ସୋମବାର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ରଖିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖି କହିଥିଲେ, ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ପାଇଁ ସମାବେଶ ସଚେତନତା ଓ ସମୃଦ୍ଧିର ମହାକୁମ୍ଭ ସାଜିବ। କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ରଖିଥିଲେ। ଆସନ୍ତା ୨୧ ରୁ ୨୩ ପର୍ଯ୍ୟନ୍ତ ଜନତା ମଇଦାନରେ ସମାବେଶ ହେବ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଗରିମା ବୃଦ୍ଧି କରିବେ। ୨୦୨୬ ବର୍ଷ ପାଇଁ ଥିମ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା; ବିକଶିତ ହେବ ଆମ ଓଡ଼ିଶା'। ପ୍ରତି ବ୍ଲକ୍‌ରୁ ୮୧୬୪ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗଦେବେ। ଉପଖଣ୍ଡରୁ ୬ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣି ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମିଡ଼ିଆ କଭରେଜ୍

## ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର ହେବ-ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୬ା୧୧(ପିଏନ୍‌ଏସ୍) ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଆମ ସରକାର ଆସିବା ମାତ୍ରେ ପ୍ରଥମ ବଜେଟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଆମ ରାଜ୍ୟ ପାଇଁ ଏକ ଐତିହାସିକ ଯୋଜନା ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା- ୨୦୨୫ ଉଦଘାଟନ ଅବସରରେ କହିଛନ୍ତି।

ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ ଏହି ତିନି ଦିନିଆ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଗାମୀ ଦିନରେ ଜମି ହୋଲ୍ଡିଙ୍ଗ ଆହୁରି କମିଯିବ। ତେଣୁ କୃଷି ସହିତ ମାଛ ଚାଷ, ଗୋ-ପାଳନ, ପ୍ରାଣୀ ପାଳନ କରିବା ଉଚିତ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ଆରମ୍ଭ କରାଯାଇଛି।

ସେ କହିଥିଲେ, ଆମ ସରକାର ୧୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ବିଗତ ଦେଢ଼ ବର୍ଷ ଭିତରେ ପୂର୍ବ ତୁଳନାରେ ରାଜ୍ୟରେ ୧.୩୫ ଲକ୍ଷ ଲିଟର ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି। ଏହି ପରିମାଣକୁ ଆହୁରି ବୃଦ୍ଧି କରିବା ପାଇଁ ଆମେ ପ୍ରତିବଦ୍ଧତା ସହ କାମ କରୁଛୁ।

ସେ କହିଥିଲେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଇ ଶଙ୍କର ଜାତୀୟ ଅଧିକ ଦୁଗ୍ଧ ପ୍ରଦାନକାରୀ ଗାଈ ଓ ମଇଁଷି ପାଳନ ପାଇଁ ଉତ୍ସାହିତ କରାଯାଉଛି। ଏହା ମାଧ୍ୟମରେ ୪.୬୩ ଲକ୍ଷ ହିତାଧିକାରୀଙ୍କୁ ୨୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ଦୁଗ୍ଧ ବ୍ୟବସାୟୀମାନଙ୍କ ପାଇଁ ଅମଫେଡ୍ ପକ୍ଷରୁ ଲିଟର ପିଛା ୨ ଟଙ୍କା ଅଧିକ ସହାୟତା ରାଶି ଦିଆଯାଉଛି। କେବଳ ମାଈ ବାଛୁରୀ ଜନ୍ମ ପାଇଁ ଲିଙ୍ଗ ନିରୂପିତ ଶୁକ୍ରାଣୁ ମାଧ୍ୟମରେ କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରାଯାଉଛି। ଏହା ମାଧ୍ୟମରେ ରାଜ୍ୟର ୨.୩୦ ଲକ୍ଷ ଗୋ-ପାଳକ ଉପକୃତ ହୋଇଛନ୍ତି।

ରାଜ୍ୟର ଚାଷୀମାନଙ୍କ ଆୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଆମର ସମୃଦ୍ଧ କୃଷକ ଯୋଜନା, ସିଏମ ଓ ସିଏମ କିଷାନ ଯୋଜନା ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଫଳରେ ଏବେ ଗୋଟିଏ କୃଷକ ପରିବାରର ଆୟ ବାର୍ଷିକ ୬୧,୦୦୦ରୁ ବି ଅଧିକ ହୋଇପାରିଛି।

ଉପସ୍ଥିତ ପ୍ରାଣୀପାଳକଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଣୀପାଳନ ଏକ ଲାଭଦାୟକ ବ୍ୟବସାୟ। ସରକାରଙ୍କ ପକ୍ଷରୁ ଋଣରେ ରିହାତି, ମାଗଣା ଟିକା ବ୍ୟବସ୍ଥା, ପ୍ରାଣୀ ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦିଆଯାଉଛି। ତେଣୁ ଛେଳି ଚାଷ, ଘୁଷୁରି ପାଳନ, କୁକୁଡ଼ା ପାଳନ ଓ ବତକ ପାଳନ ପରି ଲାଭଜନକ କୃଷି ବ୍ୟବସାୟ କରିବା ପାଇଁ କହିଥିଲେ।

**୩ ଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶ ଉଦଘାଟିତ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ ଏବଂ ଅନୁଗୋଳର ଦିଲ୍ଲୀପ ପ୍ରଧାନଙ୍କୁ ଗୋପାଳରତ୍ନ ସମ୍ମାନ ଏବଂ ଯାଜପୁରର ସୁକାନ୍ତ କୁମାର ବିଶ୍ୱାଳଙ୍କୁ ନେଟିଭ ବ୍ରିଡ କଞ୍ଜରଭେସନ ଆୱାର୍ଡ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ୬ ଜଣ ଏବଂ ପ୍ରାଣୀ ପାଳନ କ୍ଷେତ୍ରର ୬ ଜଣ ଶ୍ରେଷ୍ଠ ଚାଷୀଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆମ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ରାଜ୍ୟରେ ଦୁଗ୍ଧ ବିପ୍ଳବରେ ଏକ ନୂଆ ଦିଗନ୍ତ ଆଣିଛି। ଚାଷୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେମାନଙ୍କର ସମୃଦ୍ଧି ଆଣିବା ପାଇଁ ଆମ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଚାଷୀମାନଙ୍କୁ ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ର ସମ୍ପର୍କରେ ଅଧିକ ସଚେତନ କରିବା ଲକ୍ଷ୍ୟରେ ରାଜ୍ୟର ୩୧୪ ବ୍ଲକ୍ ଏବଂ ୩୦ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ ହୋଇଥିଲା। ଏ କ୍ଷେତ୍ରର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ଠାରୁ ଆରମ୍ଭ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଉଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଆଜି କେବଳ ଶସ୍ୟ ଉତ୍ପାଦନ ଭିତରେ ଆମ ଚାଷୀମାନେ ସୀମିତ ନାହାନ୍ତି। ଚାଷ ସହିତ ପ୍ରାଣୀପାଳନ ଓ ମତ୍ସ୍ୟଚାଷ ଆଡ଼କୁ ଆମ ଚାଷ ପ୍ରଣାଳୀ ବିସ୍ତାରିତ ହେଲାଣି। ବିଗତ ୧୯ ମାସ ମଧ୍ୟରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍ ଗୁଡ଼ିକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶର ସବୁଠାରୁ ଅଧିକ ପ୍ରସ୍ତାବ ରହିଥିଲା। ତେଣୁ ଏ କ୍ଷେତ୍ରର ବିକାଶ ପାଇଁ ଆମ ସରକାରଙ୍କ ତତ୍ପରତା ଅନୁମେୟ।

ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଗାମୀ ଦିନରେ ଗୋ-ସମ୍ପଦ ଓ ଗୋ-ମାତାର ସୁରକ୍ଷା ପାଇଁ ରାଜ୍ୟରେ ଯେକୌଣସି ସ୍ଥାନରେ ଗୋଶାଳା ନିର୍ମାଣ ହେବ। ସେଥିପାଇଁ ରାଜସ୍ୱ ବିଭାଗ ଜମି ଯୋଗାଇଦେବ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାରୁ ବହୁ ସଂଖ୍ୟକ ମତ୍ସ୍ୟ ଚାଷୀ, ପ୍ରାଣୀ ପାଳକ, ଗବେଷକ, କୃଷି ବୈଜ୍ଞାନିକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ।









### ସରିଲା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

## ଉଦ୍ୟୋଗୀ ହେବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ): ମତ୍ସ୍ୟ ଏବଂ ପଶୁପାଳନରେ ଅପାର ସମ୍ଭାବନା ରହିଛି। ତେଣୁ ଯୁବପିଢ଼ି ଏହି କ୍ଷେତ୍ରରେ ଉଦ୍ୟୋଗୀ ହୁଅନ୍ତୁ। ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ଡ.ହରିବାବୁ କମ୍ଭମ୍ପାଟି ଏହି ଆହ୍ୱାନ ଦେଇଛନ୍ତି।

ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟପାଳ କହିଲେ ଯେ ମତ୍ସ୍ୟଚାଷ ଏବଂ ପଶୁପାଳନ ଆଉ ପାରମ୍ପରିକ



କୁକୁଡ଼ା ଫାର୍ମ, ଖାଦ୍ୟ ଉତ୍ପାଦନ, ପ୍ରକ୍ରିୟାକରଣ ୟୁନିଟ୍, ପାଳିତ ପଶୁର ଯତ୍ନ ସେବା ଏବଂ ମତ୍ସ୍ୟଚାଷ ଇଣ୍ଡଷ୍ଟ୍ରି (ମତ୍ସ୍ୟ ଉତ୍ପାଦନଠାରୁ

- ମତ୍ସ୍ୟ ଓ ପଶୁ ପାଳନରେ ଅଛି ବ୍ୟାପକ ସୁଯୋଗ
- ପଶୁ ପାଳନ ଆଉ ପାରମ୍ପରିକ ପ୍ରଥାରେ ସୀମିତ ନାହିଁ

ବଜାରକୁ ପଠାଇବା ପର୍ଯ୍ୟନ୍ତ କାର୍ଯ୍ୟ) ରେ ବିସ୍ତୃତ ସୁଯୋଗ ଉପଲବ୍ଧ ରହିଛି।

ଉଦ୍ୟୋଗ ସୃଷ୍ଟି କରିପାରିବେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇପାରି ବୋଲି ରାଜ୍ୟପାଳ କହିଛ

କାର୍ଯ୍ୟକ୍ରମରେ ସମ୍ମାନିତ ଅ ଭାବରେ ଆଇନ, ପୂର୍ତ୍ତ ଏବଂ ଅବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମ ଓ ପ୍ରାଣୀ ସମ୍ପଦ ବିଭାଗ ମ ଗୋକୁଳାନନ୍ଦ ମଲ୍ଲିକ ବକ୍ତ ରଖିଥିଲେ। ବିଭାଗର ପ୍ରମୁଖ ଶା ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱା ଭାଷଣ ପ୍ରଦାନ କରିଥିବାବେଳେ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳ

### ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ

## ଅଣ୍ଡା ଉତ୍ପାଦନର ଶକ୍ତି କେନ୍ଦ୍ର ହେବ ଓଡ଼ିଶା

ଭୁବନେଶ୍ୱର,୧୦।୧୦(ବ୍ୟୁରୋ): ଅଣ୍ଡା ଉତ୍ପାଦନର ଶକ୍ତି କେନ୍ଦ୍ର ହେବ ଓଡ଼ିଶା। ଏବେ ଦୈନିକ ପ୍ରାୟ ୧ କୋଟି ୩ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି। ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଥିବା ବେଳେ ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ରହିଛି ବୋଲି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି।

ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ




## ଅଢ଼େଇଫୁଟିଆ ଗାଈ 'ପୁଙ୍ଗାନୁର'

- କ୍ଷୀରରେ ରହିଛି ଔଷଧୀୟ ଗୁଣ
- କାମଧେନୁ ଯୋଜନାରେ କିଣିହେବ ଏହି ଗାଈ



ଭୁବନେଶ୍ୱର,୨୩।୧୧(ବ୍ୟୁରୋ): ଦେଖିବାକୁ ବାଛୁରୀ ଭଳି କିନ୍ତୁ ଏହା ଏକ ଗାଈ। ଏହି ଗାଈ ବିଶ୍ୱର ସବୁଠୁ ଛୋଟ ଗାଈ। ନା ହେଉଛି 'ପୁଙ୍ଗାନୁର'। ଏହି ଗାଈର ଉଚ୍ଚତା ସର୍ବାଧିକ ଅଢ଼େଇ ଫୁଟ୍। ଏହାର କ୍ଷୀରରେ ରହିଛି ଔଷଧୀୟ ଗୁଣ। ସେଥିପାଇଁ ଏହି ଗାଈର କ୍ଷୀରକୁ ସ୍ୱର୍ଣ୍ଣିମ କ୍ଷୀର (ଗୋଲ୍ଡେନ ମିଲ୍କ) ବୋଲି

ଦୈନିକ ୫ କିଲୋଗ୍ରାମ ଖାଦ୍ୟ ଖାଏ। ସ୍ୱଭାବରେ ଏହି ଗାଈ ଉଭୟ ଶୁଷ୍କ ଓ ଗରମ ଜଳବାୟୁରେ ରହିପାରନ୍ତି। ଦୈନିକ ହାରାହାରି ୩.୫ ଲିଟର କ୍ଷୀର ଦେଉଥିବାବେଳେ ଦୁଗ୍ଧ ଉତ୍ପାଦନ ଅବଧି ମଧ୍ୟରେ ପ୍ରାୟ ୫୪୦ ଲିଟର କ୍ଷୀର ଦେଇଥାନ୍ତି। ପୁଙ୍ଗାନୁର ଦୁଗ୍ଧରେ ୮ ପ୍ରତିଶତ ଘିଅ ଅଂଶ ରହିଛି। ଗାଈ ମୂତ୍ରରେ

# Odisha eyes to double milk production in 5 yrs: Mallik

*The F&ARD Minister announces financial assistance up to ₹1 crore for setting up cattle farms and milk processing units*

POST NEWS NETWORK

**Bhubaneswar, Nov 26:** The state government aims at doubling milk production within the next five years through Mukhyamantri Kamadhenu Yojana, Fisheries and Animal Resources Development (F&ARD) Minister Gokulananda Mallik said here Wednesday.

Inaugurating an event at OUAT to mark National Milk Day celebration, Mallik highlighted the state's vision for rapid growth in the dairy sector.

The state is committed to increasing milk consumption and production while improving the welfare of dairy farmers, Mallik said.

"Odisha currently produces 72 lakh litres of milk daily, against a per capita requirement of 300 grams per day, while the present availability stands at 160 grams," he added.

He stressed the need for accelerated growth and said, "The government aims to double milk production within the next five years through the Mukhyamantri Kamadhenu Yojana."




Under the scheme, up to 70 per cent subsidy is being offered for cattle and buffalo rearing. So far, 4.5 lakh beneficiaries have received financial support totalling ₹200 crore, and dairy farmers have procured more than 8,000 high-yield cows from outside the state.

Mallik also announced financial assistance up to ₹1 crore for setting up cattle farms and milk processing units.

He said that 314 mobile veterinary units are currently operational to provide healthcare services for livestock, including vaccination, deworming and fodder support.

The event also saw the launch of seven new OMFED products, including A2 milk, curd milk, UHT milk with a 10-day shelf life, tetra-pack lassi, chocolate shake, protein yoghurt and packaged drinking water. OMFED also unveiled a ₹1 lakh life insurance facility for each milk producer.

OMFED reported a major growth in business, increasing its turnover from ₹855 crore in 2023–24 to ₹1,028 crore in 2024–25 as it expands markets across Odisha and outside the state.

On the occasion, 25 dairy farmers received benefits under the Kamadhenu Yojana and three entrepreneurs received concessional assistance.

The government also provided ₹11 crore to 83 registered goshalas and ₹6 crore to 24 municipalities for stray cattle rescue infrastructure.

The minister also inaugurated a sex-sorted semen laboratory at Cuttack, making Odisha the fourth state in India with such a facility. The technology is expected to produce up to 90 per cent female calves, boosting dairy productivity.

OMFED president Kishore Chandra Pradhani and F&ARD department Principal Secretary Suresh Kumar Vashishth also attended the programme, along with around 1,000 dairy farmers.

National Milk Day is observed to commemorate the birth anniversary of Dr Verghese Kurien, who is known as the Father of the White Revolution in India.

## ପ୍ରମୁଖ ଆକର୍ଷଣ ଶିକାରୀ ମାଛ 'ମହାନଦୀ ମହସୀର'

ଭୁବନେଶ୍ୱର,୨୩।୧(ବ୍ୟୁରୋ): ସମାବେଶରେ ପ୍ରମୁଖ ଆକର୍ଷଣ ସାଜିଥିଲା ଓଡ଼ିଶାର ରାଜ୍ୟ ମାଛ-ମହାନଦୀ ମହସୀର। ଏହାର ବୈଜ୍ଞାନିକ ନାମ ହେଉଛି "ଟର୍ ମହାନଦୀକସ'। କେବଳ ମହାନଦୀରେ ଦେଖାଯାଉଥିବା ଏହି ମାଛ ଏକ ଶକ୍ତିଶାଳୀ ଶିକାରୀ ମାଛ ଭାବେ ପରିଚିତ। ପଶ୍ଚିମ ଓଡ଼ିଶାରେ ଏହାକୁ ଲୋକେ "ମହାସାଲ' ନାମରେ ଜାଣନ୍ତି। ମହାନଦୀର ଉପର ମୁଣ୍ଡରେ ଏହି ମାଛ ଦେଖାଯାଏ। ହେଲେ ନଦୀ ଜଳ ପ୍ରଦୂଷଣ ଏବଂ ବାସସ୍ଥାନ କ୍ଷତି ଯୋଗୁଁ ଏହି ମାଛର ବଂଶ ଏବେ ସଙ୍କଟରେ। ତେଣୁ ଏହାର ସଂରକ୍ଷଣ ତଥା ବଂଶ ବୃଦ୍ଧି ନିମନ୍ତେ ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ରେସ୍ୱାଟର୍ ଆକ୍ୱାକଲଚର୍ (ସିଫା) ମଧ୍ୟରେ ଗତ ବର୍ଷ ନଭେମ୍ବର ମାସରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।





Follow us

@farddepartment

# ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ

Follow us farddepartment farddepartment farddepartment farddepartment